ଆଜି - ରବିବାର
ତାରିଖ - ୦୭ ଜୁନ୍ ୨୦୨୬
ମାସ - ବୃଷ, ଦିନ - ୨୪
ତିଥି - ସପ୍ତମୀ, ପକ୍ଷ- କୃଷ୍ଣ
ନକ୍ଷତ୍ର - ଧନିଷ୍ଠା, କୁମ୍ଭ ଚନ୍ଦ୍ର
ସୂର୍ଯ୍ୟୋଦୟ - ୫: ୧୧: ୦୦
ସୂର୍ଯ୍ୟାସ୍ତ - ୬ : ୨୦ : ୦୦

E-mail: ajikalibls@gmail.com

ସତ ଖବର ସମସ୍ତଙ୍କ ଖବର

# ଆଜିକାଲି

Morning Edition AJIKALI ପ୍ରଭାତୀ ସଂସ୍କରଣ

ପ୍ରତିଷ୍ଠାତା - ବିସ୍ମୟ ମହାନ୍ତି


"ନିଜର ପଡ଼ୋଶୀମାନଙ୍କୁ ନିଜ ଭଳି ଭଲପାଅ, କାରଣ ତୁମେ ନିଜେ ହିଁ ତୁମର ପଡ଼ୋଶୀ । ତୁମର ପଡ଼ୋଶୀ ତୁମେ ନିଜେ ନୁହେଁ, ଅନ୍ୟ କେହି ବୋଲି ଭାବିବା ତୁମର ଭ୍ରମ ।"

- ସର୍ବପଲ୍ଲୀ ରାଧାକ୍ରିଷ୍ଣନ


E-News : www.Ajikali epaper.com

Vol.- 41 ISSUE- 54 R.N.I. REGD. No. 44026/86 ବାଲେଶ୍ୱର ୦୭ ଜୁନ୍ ୨୦୨୬ ରବିବାର BALASORE 07JUNE 2026 SUNDAY "REGISTERED" REGISTRATION NO. BALASORE (ORISSA)/003/2023-24 Rupees - 2.00 ମୂଲ୍ୟ – ଟ.୨.୦୦


## ୧୮ ବର୍ଷରୁ କମ ଏସିଆ କପ୍ ହକି ଟୁର୍ଣ୍ଣାମେଂଟ ବିଜେତାଙ୍କୁ ଅଭିନନ୍ଦନ ଜଣାଇଲେ ପ୍ରଧାନମନ୍ତ୍ରୀ



ନୂଆଦିଲ୍ଲୀ : ୧୮ ବର୍ଷରୁ କମ ଏସିଆ କପରେ ଭାରତୀୟ ପୁରୁଷ ହକି ଦଳ ଟାଇଟଲ୍ ଜିତି ଥିବାରୁ ଏବଂ ବ୍ରୋଞ୍ଜ ପଦକ ଜିତିଥିବାରୁ ମହିଳା ଦଳକୁ ପ୍ରଧାନମନ୍ତ୍ରୀ ଶ୍ରୀ ନରେନ୍ଦ୍ର ମୋଦୀ ଅଭିନନ୍ଦନ ଜଣାଇଛନ୍ତି । ଶନିବାର ଦିନ ସୋସିଆଲ ମିଡିଆ ପ୍ଲାଟଫର୍ମ ଏକ୍ସରେ ପ୍ରଧାନମନ୍ତ୍ରୀ କହିଛନ୍ତି ଯେ ଭାରତୀୟ ପୁରୁଷ ଅଣ୍ଡର-୧୮ ହକି ଦଳର ଏହି ସଫଳତା ଚମତ୍କାର । ଟୁର୍ଣ୍ଣାମେଂଟ ଜିତିଥିବାରୁ ଦଳକୁ ଅଭିନନ୍ଦନ ଜଣାଇ ସେ କହିଛନ୍ତି ଯେ ଖେଳାଳିମାନେ ସମଗ୍ର ଟୁର୍ଣ୍ଣାମେଂଟରେ ଅସାଧାରଣ ଦକ୍ଷତା ଏବଂ ଶ୍ରେଷ୍ଠ ଦଳଗତ ଉତ୍ସାହ ପ୍ରଦର୍ଶନ କରିଥିଲେ, ଯାହାର ଫଳସ୍ୱରୂପ ଫାଇନାଲରେ ଏକ ସ୍ମରଣୀୟ ବିଜୟ ହୋଇଥିଲା । ସେ କହିଥିଲେ ଯେ ଏହି ସଫଳତା ଯୁବପିଢ଼ିଙ୍କ ମଧ୍ୟରେ ହକିର ବୃଦ୍ଧି ପାଉଥିବା ଲୋକପ୍ରିୟତାକୁ ମଧ୍ୟ ପ୍ରତିଫଳିତ କରୁଛି । ଦଳର ଭବିଷ୍ୟତ ପାଇଁ ମଧ୍ୟ ପ୍ରଧାନମନ୍ତ୍ରୀ ଶୁଭେଚ୍ଛା ଜଣାଇଥିଲେ । ଅନ୍ୟ ଏକ ପୋଷ୍ଟରେ ପ୍ରଧାନମନ୍ତ୍ରୀ ଭାରତୀୟ ମହିଳା ଦଳକୁ ଅଣ୍ଡର-୧୮ ଏସିଆ କପ୍ ୨୦୨୬ ରେ ବ୍ରୋଞ୍ଜ ପଦକ ଜିତିବା ପାଇଁ ଅଭିନନ୍ଦନ ଜଣାଇଥିଲେ । ସେ କହିଥିଲେ ଯେ ସମଗ୍ର ଟୁର୍ଣ୍ଣାମେଂଟରେ ଦଳ ଚମତ୍କାର ଉତ୍ସାହ ପ୍ରଦର୍ଶନ କରିଥିଲା । ପ୍ରଧାନମନ୍ତ୍ରୀ କହିଥିଲେ ଯେ ମହିଳା ଦଳର ଏହି ସଫଳତା ଭାରତରେ ମହିଳା ହକିର ବୃଦ୍ଧି ପାଉଥିବା ସାମର୍ଥ୍ୟ ଏବଂ ଖେଳାଳିମାନଙ୍କ ବିପୁଳ ସାମର୍ଥ୍ୟକୁ ଦର୍ଶାଉଛି । ଭବିଷ୍ୟତର ପ୍ରତିଯୋଗିତା ପାଇଁ ସେ ଦଳକୁ ଶୁଭେଚ୍ଛା ଜଣାଇଥିଲେ ।

## ସମ୍ବଲପୁର ଫୁଟବଲ ଏକାଡେମୀରେ ନିର୍ମାଣ ହେବ ଫିଫା ମାନର ଆଧୁନିକ ପଡ଼ିଆ : ମୁଖ୍ୟମନ୍ତ୍ରୀ

ଭୁବନେଶ୍ୱର : ଓଡ଼ିଶାର କ୍ରୀଡ଼ା ମାନଚିତ୍ରରେ ସ୍ୱତନ୍ତ୍ର ପରିଚୟ ବହନ କରୁଥିବା ସମ୍ବଲପୁର ଫୁଟବଲ ଏକାଡେମୀର ସୁଦୃଢ଼ ଯାତ୍ରାକୁ ଆହୁରି ବ୍ୟାପକ ତଥା ବିଶ୍ୱସ୍ତରୀୟ କରିବା ପାଇଁ ମୁଖ୍ୟମନ୍ତ୍ରୀ ଶ୍ରୀ ମୋହନ ଚରଣ ମାଝୀ ଆଜି ସମ୍ବଲପୁର ଗସ୍ତରେ ଯାଇ ଏହି ଏକାଡେମୀ ପରିଦର୍ଶନ କରି ଭିତିଭୂମିର ବିକାଶ ଓ ଆଧୁନିକୀକରଣର ମାନକୁ ପ୍ରଶଂସା କରିଛନ୍ତି । ସୂଚନା ଯୋଗ୍ୟ ଯେ ୧୫ କୋଟି ଟଙ୍କାରେ ଆରମ୍ଭ ହୋଇଥିବା ଏକାଡେମୀ ପରିସରରେ ଆନ୍ତର୍ଜାତୀୟ ମାନର ୩ଟି ରଓରଇ ଷ୍ଟାଣ୍ଡାର୍ଡ ପୂର୍ଣ୍ଣ ଆକାରର ଫୁଟବଲ ପଡ଼ିଆ ଏବଂ ୨ଟି ଅତ୍ୟାଧୁନିକ ଫୁଟ୍‌ସାଲ ଗ୍ରାଉଣ୍ଡ ସ୍ଥାପନ କରାଯିବ ବୋଲି ମଧ୍ୟ ମୁଖ୍ୟମନ୍ତ୍ରୀ କହିଛନ୍ତି । ଆୟୋଜିତ କାର୍ଯ୍ୟକ୍ରମରେ ଉଦ୍‌ବୋଧନ ଦେଇ ସମ୍ବଲପୁର ଫୁଟବଲ ଏକାଡେମୀର କ୍ରୀଡ଼ା ପ୍ରତିବଦ୍ଧତାକୁ ଉଚ୍ଚ ପ୍ରଶଂସା କରି ମୁଖ୍ୟମନ୍ତ୍ରୀ କହିଛନ୍ତି ଯେ, ସମଲେଶ୍ୱରୀ ସ୍ପୋର୍ଟିଂ କ୍ଲବ୍‌ର ଏକ ଶାଖା ଭାବେ ୨୦୦୭ ମସିହାରୁ ଆରମ୍ଭ ହୋଇଥିବା ଏହି ଏକାଡେମୀ ଆଜି ରାଜ୍ୟର କ୍ରୀଡ଼ା ପ୍ରତିଭାମାନଙ୍କୁ ଜାତୀୟ ସ୍ତରରେ ପରିଚୟ



ଦେବାରେ ସବୁଠାରୁ ବଡ଼ ମାଧ୍ୟମ ସାଜିଛି । ବିଗତ ୧୯ ବର୍ଷ ମଧ୍ୟରେ ଏହି ଏକାଡେମୀରୁ ଶହ ଶହ ପ୍ରତିଭାବାନ୍ ଫୁଟ୍‌ବଲ ଖେଳାଳୀ ସୃଷ୍ଟି ହୋଇଛନ୍ତି ଏବଂ ସେମାନେ ବିଭିନ୍ନ ବୟସ ବର୍ଗରେ ଜାତୀୟ ଫୁଟବଲ ଟୁର୍ଣ୍ଣାମେଂଟରେ ଓଡ଼ିଶାର ପ୍ରତିନିଧିତ୍ୱ କରି ରାଜ୍ୟ ପାଇଁ ଗୌରବ ଆଣିଛନ୍ତି । ଫୁଟବଲ କ୍ରୀଡ଼ାର ବିକାଶ ପ୍ରତି ଏକାଡେମୀର ଏହି ଅବଦାନକୁ ସମ୍ମାନ ଜଣାଇ ରାଜ୍ୟ ସରକାର ଏକାଡେମୀ ଉପରେ ଆଉ ଏକ ନୂଆ ତଥା ଗୁରୁତ୍ୱପୂର୍ଣ୍ଣ ଦାୟିତ୍ୱ ନ୍ୟସ୍ତ କରିଛନ୍ତି । ଏଣିକି ପ୍ରତିବର୍ଷ ଆୟୋଜିତ ହେଉଥିବା 'ଉ.ଗ. ଉଙ୍କକ୍ତ' ଫୁଟବଲ୍ ଟୁର୍ଣ୍ଣାମେଂଟରୁ ତୃଣମୂଳ ସ୍ତରରେ ମନୋନୀତ ହେଉଥିବା ୧୪ ବର୍ଷରୁ କମ୍ ବୟସର ୩୦ ଜଣ ପ୍ରତିଭାବାନ ପିଲାଙ୍କୁ ଉଚ୍ଚକୋଟୀର ଆବାସିକ ତାଲିମ ଦେବାର ଦାୟିତ୍ୱ ଏହି ଏକାଡେମୀକୁ ଦିଆଯାଇଛି । ତାଲିମ ଗ୍ରହଣ କରୁଥିବା ଏହି ଶିଶୁମାନଙ୍କ ଭବିଷ୍ୟତକୁ ଦୃଷ୍ଟିରେ ରଖି ସେମାନଙ୍କ ପାଇଁ ନିକଟସ୍ଥ ଶିକ୍ଷାନୁଷ୍ଠାନମାନଙ୍କରେ ଗୁଣାତ୍ମକ ଶିକ୍ଷା ଗ୍ରହଣର ସମ୍ପୂର୍ଣ୍ଣ ବ୍ୟବସ୍ଥା ମଧ୍ୟ ସରକାରଙ୍କ ପକ୍ଷରୁ କରାଯାଇଛି ବୋଲି ମୁଖ୍ୟମନ୍ତ୍ରୀ କହିଛନ୍ତି । ଉନ୍ନତ କ୍ରୀଡ଼ା ଭିତିଭୂମି ଓ ଉପଯୁକ୍ତ ପ୍ରଶିକ୍ଷଣ ଜରିଆରେ ସମ୍ବଲପୁର ଫୁଟବଲ ଏକାଡେମୀ ଆଗାମୀ ଦିନରେ ଓଡ଼ିଶା ପାଇଁ କ୍ରୀଡ଼ା କ୍ଷେତ୍ରରେ ଆହୁରି ଅନେକ ଗୌରବ ଓ ସଫଳତା ଆଣିଦେବ ବୋଲି ମୁଖ୍ୟମନ୍ତ୍ରୀ ଦୃଢ଼ ଆଶା ପ୍ରକାଶ କରିଛନ୍ତି । ମୁଖ୍ୟମନ୍ତ୍ରୀଙ୍କ ସହ ପଂଚାୟତିରାଜ ମନ୍ତ୍ରୀ ଶ୍ରୀ ରବି ନାରାୟଣ ନାଏକ, ସମ୍ବଲପୁର ବିଧାୟକ ଶ୍ରୀ ଜୟନାରାୟଣ ମିଶ୍ର, ରାଜ୍ୟସଭା ସାଂସଦ ଶ୍ରୀ ମନମୋହନ ସାମଲ, ରେଙ୍ଗାଲିର ପୂର୍ବତନ ବିଧାୟକ ଶ୍ରୀ ନାଉରୀ ନାଏକ, ଆଇଜି ହିମାଂଶୁ ଲାଲ, ସମ୍ବଲପୁର ଜିଲ୍ଲାପାଳ ଶ୍ରୀ ସିଦ୍ଧେଶ୍ୱର ବଳିରାମ ବନ୍ଦର ପ୍ରମୁଖ ଉପସ୍ଥିତ ଥିଲେ ।

## କୋଲକାତା ମେଟ୍ରୋରେ ଯାତ୍ରା କଲେ ରେଳମନ୍ତ୍ରୀ ଅଶ୍ୱିନୀ ବୈଷ୍ଣବ

କୋଲକାତା : କେନ୍ଦ୍ର ରେଳ ମନ୍ତ୍ରୀ ଅଶ୍ୱିନୀ ବୈଷ୍ଣବ ଶନିବାର ଦିନ କୋଲକାତାରେ ପହଂଚିଛନ୍ତି ଏବଂ ସହରର ମେଟ୍ରୋ ରେଳରେ ଯାତ୍ରା କରିଛନ୍ତି ଏବଂ ସାଧାରଣ ଯାତ୍ରୀଙ୍କ ସହ କଥାବାର୍ତ୍ତା କରିଛନ୍ତି । ତାଙ୍କ ସହ ରାଜ୍ୟ ସରକାର ମନ୍ତ୍ରୀ ଜଗନ୍ନାଥ ଚାଟାର୍ଜୀ ଏବଂ ସାଂସଦ ଜ୍ୟୋତିର୍ମୟ ସିଂହ ମହତୋ ମଧ୍ୟ ଥିଲେ । ରେଳ ମନ୍ତ୍ରୀଙ୍କ ଗସ୍ତ କେବଳ ଆନୁଷ୍ଠାନିକ ନଥିଲା, ବରଂ ସେ ତୃଣମୂଳ ସ୍ତରରେ ମେଟ୍ରୋ ସେବାକୁ ମଧ୍ୟ ଅନୁଭବ କରିଥିଲେ । ସୂଚନା ଅନୁଯାୟୀ, କୋଲକାତା ବିମାନବନ୍ଦରରେ ଅବତରଣ କରିବା ପରେ ରେଳମନ୍ତ୍ରୀ ସିଧାସଳଖ ବିମାନବନ୍ଦର ସଂଲଗ୍ନ 'ଜୟ ହିନ୍ଦ୍' ମେଟ୍ରୋ ଷ୍ଟେସନରେ ପହଂଚିଥିଲେ ଏବଂ ସେଠାରୁ ମେଟ୍ରୋରେ ଚଢିଥିଲେ । ଏହି ସମୟରେ ସେ ଯାତ୍ରୀମାନଙ୍କ ସହ କଥାବାର୍ତ୍ତା କରିଥିଲେ ଏବଂ ମେଟ୍ରୋ ସେବା ବିଷୟରେ ସେମାନଙ୍କ ମତାମତ ମଧ୍ୟ ପଚାରିଥିଲେ । ଯାତ୍ରୀମାନେ ମେଟ୍ରୋ ସେବାକୁ ପ୍ରଶଂସା କରିଥିଲେ । ଏହାପରେ ଅଶ୍ୱିନୀ ବୈଷ୍ଣବ ମେଟ୍ରୋ ଦେଇ ନୋଆପାରାରେ ପହଂଚିଥିଲେ । ସେଠାରୁ ସେମାନେ ପ୍ରମୋଦନଗର (ବେଲଘରିଆ ରାଜପଥ) ଅଂଚଳରେ ଗାଡ଼ି ବଦଳାଇ ଆଗକୁ ଯାତ୍ରା କରିଥିଲେ । ଜନସାଧାରଣଙ୍କ ଅସୁବିଧା ଏଡ଼ାଇବା ପାଇଁ ସୁରକ୍ଷା



ଏବଂ ଟ୍ରାଫିକ୍ ବ୍ୟବସ୍ଥାର ଏକ ଅଂଶ ଭାବରେ ଗାଡ଼ିଟିକୁ ନୋଆପାରା ଅଂଚଳରେ ପ୍ରବେଶ କରିବାକୁ ଅନୁମତି ଦିଆଯାଇ ନଥିଲା । ଏହାପରେ ରେଳମନ୍ତ୍ରୀ ପ୍ରମୋଦନଗରରୁ ଅଟୋ ରିକ୍ସା ଯୋଗେ ବାହାରି ନବାନ୍ନାରେ ପହଂଚିଥିଲେ, ଯେଉଁଠାରେ ରାଜ୍ୟ ସରକାରଙ୍କ ସହ ତାଙ୍କର ଗୁରୁତ୍ୱପୂର୍ଣ୍ଣ ବୈଠକ ଅନୁଷ୍ଠିତ ହୋଇଥିଲା । ନବାନ୍ନାରେ ପହଂଚିବା ସମୟରେ, ସେ ସାଧାରଣ ଲୋକଙ୍କ ପରି ସର୍ବନିମ୍ନ ସୁରକ୍ଷା ଏବଂ ଟ୍ରାଫିକ୍ ନିୟମ ସହିତ ଯାତ୍ରା କରିଥିଲେ, ଯାହା ଆଲୋଚନାର ବିଷୟ ଥିଲା । ଏହି ବୈଠକରେ ରେଳ ମନ୍ତ୍ରୀ କହିଥିଲେ ଯେ କୋଲକାତା ମେଟ୍ରୋର ସମ୍ପ୍ରସାରଣ ଏବଂ ଆଧୁନିକୀକରଣ ପାଇଁ କେନ୍ଦ୍ର ସରକାର ଅନେକ ଯୋଜନା ଉପରେ କାର୍ଯ୍ୟ କରୁଛନ୍ତି । ସେ ସୂଚନା ଦେଇଥିଲେ ଯେ ଆଗାମୀ ଚାରି-ପାଂଚ ବର୍ଷ ମଧ୍ୟରେ ପାଖାପାଖି ୬୦ଟି ନୂଆ ପିଢ଼ିର ମେଟ୍ରୋ ଟ୍ରେନ୍ ଚଳାଚଳ କରିବାର ଯୋଜନା ରହିଛି, ଯାହା ସହରର ପରିବହନ ବ୍ୟବସ୍ଥାକୁ ଏକ ନୂଆ ଗତି ପ୍ରଦାନ କରିବ ।

## ଅଳ୍ପରେ ଖବର

▸▸ ଚାଉଳ ମିଲିଂ ଖର୍ଚ୍ଚ ଦୁଇ ଗୁଣ ବୃଦ୍ଧି ପ୍ରସଙ୍ଗରେ ଖାଦ୍ୟ ଯୋଗାଣ ମନ୍ତ୍ରୀ କୃଷ୍ଣଚନ୍ଦ୍ର ପାତ୍ର ପ୍ରତିକ୍ରିୟା ରଖିଛନ୍ତି । ସେ କହିଛନ୍ତି ଯେ, ଅନେକ ଥର ମିଲରମାନେ ଏ ଦାବି ନେଇ ଆନ୍ଦୋଳନ କରିଛନ୍ତି ।୨୦୦୮ ମସିହାରୁ ଏ ଦାବି ହୋଇ ଆସୁଥିଲା ।

▸▸ ବ୍ରିକ୍ସରେ ୬ ଟି ଥିମ୍ ଉପରେ ଆଲୋଚନା ହୋଇଛି । ମନ୍ତ୍ରୀସ୍ତରୀୟ ବୈଠକରେ ବ୍ରିକ୍ସରେ ଆଲୋକପାତ ହୋଇଥିବା ବିଷୟ ବସ୍ତୁ ଉପରେ ଆଲୋଚନା ହୋଇ କାର୍ଯ୍ୟକାରୀ କରାଯିବ ବୋଲି ଏସଆରସି ରାଜେଶ ପ୍ରଭାକର ପାଟିଲ ସୂଚନା ଦେଇଛନ୍ତି ।

▸▸ ପଞ୍ଜାବର ଫିରୋଜପୁର-ଫାଜିଲକା ଶନିବାର ସକାଳେ ଏକ ଭୟଙ୍କର ସଡ଼କ ଦୁର୍ଘଟଣାରେ ଆଠ ଜଣଙ୍କର ମୃତ୍ୟୁ ଘଟିଛି ଏବଂ ୧୨ ଜଣ ଆହତ ହୋଇଛନ୍ତି । ଆହତମାନଙ୍କୁ ନିକଟସ୍ଥ ଡାକ୍ତରଖାନାରେ ଭର୍ତ୍ତି କରାଯାଉଛି ।

▸▸ ସୁଭଦ୍ରା ହିତାଧିକାରୀଙ୍କ ସ୍କିଲ ମ୍ୟାପିଂ ହେଉଛି।ଯାହା ପାଖରେ ଯାହା ଦକ୍ଷତା ଥିବ, ଏଆଇ ଆଧାରରେ ତାର ଅନୁଧ୍ୟାନ କରି ଅନ୍ୟ ବିଭାଗ ସହ ମିଶି ମହିଳାଙ୍କ ଅର୍ଥନୈତିକ ପ୍ରଗତି ପାଇଁ କାମ କରିବ ।

## ଓଡ଼ିଶା ରାଜ୍ୟ ଶକ୍ତି କାର୍ଯ୍ୟ ଯୋଜନା ୱେବ୍ ପ୍ଲାଟଫର୍ମର ଶୁଭାରମ୍ଭ କଲେ ଉପ ମୁଖ୍ୟମନ୍ତ୍ରୀ

ଭୁବନେଶ୍ୱର : ଓଡ଼ିଶାରେ ଜଳବାୟୁ-ସହନଶୀଳ ଅଭିବୃଦ୍ଧି ପାଇଁ ଏଗ୍ରି-ପିଭି (ଏଗ୍ରି-ଫୋଟୋଭୋଲ୍ଟାଇକ) ର ସମ୍ପ୍ରସାରଣ ଶୀର୍ଷକ ଏକ ଉଚ୍ଚସ୍ତରୀୟ କର୍ମଶାଳା ଅନୁଷ୍ଠିତ ହୋଇଯାଇଛି । ଉପ-ମୁଖ୍ୟମନ୍ତ୍ରୀ ତଥା କୃଷି ଓ କୃଷକ ସଶକ୍ତିକରଣ, ଶକ୍ତିମନ୍ତ୍ରୀ କନକ ବର୍ଦ୍ଧନ ସିଂହଦେଓ ଏହି କାର୍ଯ୍ୟକ୍ରମକୁ ଉଦଘାଟନ କରିଛନ୍ତି । ଏଥିରେ ରାଜ୍ୟରେ କୃଷି ଓ ଶକ୍ତି କ୍ଷେତ୍ରର ମିଳିତ ଅଭିବୃଦ୍ଧି ବିଷୟରେ ଆଲୋଚନା କରାଯାଇଛି । ନୀତି ନିର୍ଦ୍ଧାରକ, ଶକ୍ତି ବିଶେଷଜ୍ଞ, ବିକାଶକାରୀ ଓ କୃଷି କ୍ଷେତ୍ରର ପ୍ରତିନିଧିମାନେ ଏଥିରେ ଯୋଗ ଦେଇଥିଲେ । ଉପ-ମୁଖ୍ୟମନ୍ତ୍ରୀ ସିଂହଦେଓ କହିଛନ୍ତି ଯେ, ଏଗ୍ରି-ପିଭି ଓଡ଼ିଶାର ସ୍ୱଚ୍ଛ ଶକ୍ତି ଲକ୍ଷ୍ୟକୁ ଆଗକୁ ବଢ଼ାଇବା ସହ ଚାଷୀଙ୍କ ଆୟ ବୃଦ୍ଧି କରିପାରିବ । ଏହା ବିକଶିତ ଓଡ଼ିଶା ଅଧୀନରେ ଏକ ଜଳବାୟୁ-ସହନଶୀଳ ଏବଂ




ଚାଷୀ-କୈନ୍ଦ୍ରିକ ମଡେଲ ସୃଷ୍ଟି କରିବ । ଏହି ଅବସରରେ କେତେକ ପ୍ରମୁଖ ଯୋଜନାର ଶୁଭାରମ୍ଭ କରାଯାଇଛି । ଗ୍ରୀଡକୋ ଏବଂ ବସୁଧା ଫାଉଣ୍ଡେସନ ପକ୍ଷରୁ 'ଏମପାୱାରିଙ୍ଗ ଫାର୍ମର୍ସ ଥ୍ରୋ ଏଗ୍ରି-ପିଭି' ରିପୋର୍ଟ ଉନ୍ମୋଚିତ କରାଯାଇଛି । ଦୀର୍ଘକାଳୀନ ଶକ୍ତି ଯୋଜନା ପାଇଁ ଓଡ଼ିଶା ରାଜ୍ୟ ଶକ୍ତି କାର୍ଯ୍ୟ ଯୋଜନା ୱେବ୍ ପ୍ଲାଟଫର୍ମର ଶୁଭାରମ୍ଭ କରାଯାଇଛି । ଗଞ୍ଜାମର ସୋନପୁର ଓ ଗୋପାଳପୁରଠାରେ ଦୁଇଟି ୧୫୦ ମିଟର ପବନ ସମ୍ପଦ ଆକଳନ ମାଷ୍ଟର ଆରମ୍ଭ କରାଯାଇଛି । ଛଅଟି ସବ୍-ଷ୍ଟେସନରେ ୧୨୫ ମେଗାୱାଟ / ୫୦୦ ମେଗାୱାଟ-ଆୱାର ବିଶିଷ୍ଟ ବ୍ୟାଟେରୀ ଏନର୍ଜି ଷ୍ଟୋରେଜ ପ୍ରକଳ୍ପ ପାଇଁ ବ୍ୟାଟେରୀ ଶକ୍ତି ସଂରକ୍ଷଣ କ୍ରୟ ଚୁକ୍ତି ସାମିଲ ରହିଛି । ଶକ୍ତି ବିଭାଗର ଅତିରିକ୍ତ ମୁଖ୍ୟ ଶାସନ ସଚିବ ବିଶାଳ କୁମାର ଦେବ ପ୍ରକାଶ କରିଛନ୍ତି ଯେ, ଓଡ଼ିଶା ବଦଳୁଥିବା ଶକ୍ତି ଆବଶ୍ୟକତାକୁ ପୂରଣ କରିବା ପାଇଁ ଅକ୍ଷୟ ଶକ୍ତି, ସଂରକ୍ଷଣ ଏବଂ ତଥ୍ୟ-ଆଧାରିତ ଯୋଜନା ମାଧ୍ୟମରେ ଏନର୍ଜି ଟ୍ରାନଜିସନ ପାଇଁ ଏକ ସାମଗ୍ରିକ ଆଭିମୁଖ୍ୟ ଗ୍ରହଣ କରୁଛି । ଗ୍ରୀଡକୋର ପରିଚାଳନା ନିର୍ଦ୍ଦେଶକ ଡଃ ସତ୍ୟପ୍ରିୟ ରଥ ଯୋଗ କରିଛନ୍ତି ଯେ, ଆଧୁନିକ ଯୋଜନା ଏବଂ ସଂରକ୍ଷଣ ବ୍ୟବସ୍ଥା ସହ ଏଗ୍ରି-ପିଭିର ସମନ୍ୱୟ ଗ୍ରାମୀଣ ସମୁଦାୟ ପାଇଁ ସ୍ଥାୟୀ ଓ ଅନ୍ତର୍ଭୁକ୍ତୀକରଣ ଅଭିବୃଦ୍ଧି ଆଣିଦେଇପାରିବ । ଓଡ଼ିଶାରେ ଏଗ୍ରି-ପିଭିର ବ୍ୟାପକ ପ୍ରସାର ପାଇଁ ନୀତି, ଆର୍ଥିକ ବ୍ୟବସ୍ଥା ଏବଂ କାର୍ଯ୍ୟାନ୍ୱୟନ କୌଶଳ ଉପରେ ବୈଷୟିକ ଆଲୋଚନା ହୋଇଥିଲା ।

## ବ୍ରିକ୍ସ ବୈଷୟିକ ବୈଠକର ସଫଳ ସମାପ୍ତି ମୁଖ୍ୟ ସଚିବଙ୍କୁ ଭେଟିଲେ ଏନଡିଏମର ସଦସ୍ୟ

ଭୁବନେଶ୍ୱର : ପୁରୀରେ ବିପର୍ଯ୍ୟୟ ବିପଦ ହ୍ରାସ (ଡିଆରଆର) କାର୍ଯ୍ୟଗୋଷ୍ଠୀର ଦ୍ୱିତୀୟ ବ୍ରିକ୍ସ ବୈଷୟିକ ବୈଠକର ସଫଳ ସମାପ୍ତି ପରେ, ଏନଡିଏମର ସଦସ୍ୟ ଏବଂ ବିଭାଗ ମୁଖ୍ୟ ଡକ୍ଟର କ୍ରିଷ୍ଣା ଏସ. ଭାତ୍ସ, ଏନଡିଏମଏର ସଦସ୍ୟ ଶ୍ରୀମତୀ ରୀତା ମିସାଲ, ଓଡିଶାର ସ୍ୱତନ୍ତ୍ର ରିଲିଫ୍ କମିଶନର ଶ୍ରୀ ରାଜେଶ ପ୍ରଭାକର ପାଟିଲ, ଆଇଏଏସଙ୍କ ସହ ଆଜି ୬ ଜୁନ୍ ୨୦୨୬ରେ ଲୋକସେବା ଭବନରେ ଓଡିଶାର ମୁଖ୍ୟ ସଚିବ ସୁଶ୍ରୀ ଅନୁଗାର୍ଗ, ଆଇଏଏସଙ୍କୁ ସାକ୍ଷାତ କରିଥିଲେ । ବୈଠକ ସମୟରେ, ଡକ୍ଟର ଭାତ୍ସ ଏବଂ ଶ୍ରୀମତୀ ମିସାଲ ବ୍ରିକ୍ସ ଡିଆରଆର ବୈଠକ ସମୟରେ ହୋଇଥିବା ପ୍ରମୁଖ ଆଲୋଚନା ଏବଂ ଆଲୋଚନା ଏବଂ ବ୍ରିକ୍ସ ଶିଖର ସମ୍ମିଳନୀ ଢାଂଚା ଅଧୀନରେ ସମ୍ବନ୍ଧିତ କାର୍ଯ୍ୟଗୁଡ଼ିକ ବିଷୟରେ ମୁଖ୍ୟ ସଚିବଙ୍କୁ



ସୂଚନା ଦେଇଥିଲେ । ମୁଖ୍ୟ ସଚିବ, ଓଡିଶା ଶ୍ରୀମତୀ ଗର୍ଗ ପୁରୀରେ ଆନ୍ତର୍ଜାତୀୟ କାର୍ଯ୍ୟକ୍ରମର ସଫଳ ଆୟୋଜନକୁ ପ୍ରଶଂସା କରିଥିଲେ ଏବଂ ଦୃଢ଼ ପ୍ରସ୍ତୁତି, ପ୍ରଭାବଶାଳୀ ପ୍ରତିକ୍ରିୟା ତନ୍ତ୍ର ଏବଂ ବିଶ୍ୱସ୍ତରୀୟ ସର୍ବୋତମ ଅଭ୍ୟାସ ଗ୍ରହଣ ମାଧ୍ୟମରେ ବିପର୍ଯ୍ୟୟ ସ୍ଥିରତାକୁ ଆଗକୁ ବଢାଇବା ପାଇଁ ଓଡିଶାର ପ୍ରତିବଦ୍ଧତାକୁ ପୁନର୍ବାର ଦୋହରାଇଥିଲେ । ସେ ବିପର୍ଯ୍ୟୟ ପରିଚାଳନା, ବିଶେଷକରି ବାତ୍ୟା ପ୍ରସ୍ତୁତି, ପ୍ରାରମ୍ଭିକ ସତର୍କତା ପ୍ରସାର ଏବଂ ସମ୍ପ୍ରଦାୟ ଅଂଶଗ୍ରହଣ କ୍ଷେତ୍ରରେ ଓଡ଼ିଶାର ଅଭିଜ୍ଞତା ଏବଂ ସଫଳତା ଉପରେ ମଧ୍ୟ ଆଲୋକପାତ କରିଥିଲେ, ଯାହା ଜାତୀୟ ଏବଂ ଅନ୍ତର୍ଜାତୀୟ ସ୍ତରରେ ସ୍ୱୀକୃତି ହାସଲ କରିଛି ।

## ହସ୍ପିଟାଲକୁ ଆକସ୍ମିକ ପରିଦର୍ଶନ ସହ ଜାରି ହୋଇଥିବା ଆଡଭାଇଜରିର ସମୀକ୍ଷା କଲେ ସ୍ୱାସ୍ଥ୍ୟମନ୍ତ୍ରୀ

ଭୁବନେଶ୍ୱର : ଆୟୁଷ୍ମାନ ଭାରତ ପ୍ରଧାନମନ୍ତ୍ରୀ ଜନ ଆରୋଗ୍ୟ ଯୋଜନା-ଗୋପବନ୍ଧୁ ଜନ ଆରୋଗ୍ୟ ଯୋଜନା ଅଧୀନରେ ଚିକିତ୍ସା ସେବା ପାଉଥିବା ହିତାଧିକାରୀ ଆଡମିଟ୍ ହେବାର ୩ ଦିନ ପୂର୍ବରୁ ମେଡିକାଲ୍ ପରୀକ୍ଷା ଆୟୁଷ୍ମାନ କାର୍ଡରେ ହେବ ଏବଂ ରୋଗୀ ଡିସ୍‌ଚାର୍ଜ ହେବା ପରେ ୧୫ ଦିନ ପର୍ଯ୍ୟନ୍ତ ଆବଶ୍ୟକ ପରାମର୍ଶ, ଔଷଧ, ଡାଇଗ୍ନୋଷ୍ଟିକ୍ ପରୀକ୍ଷା ଓ ପୋଷ୍ଟ-ଅପରେଟିଭ୍ କେୟାର ମଧ୍ୟ ପ୍ୟାକେଜ ମୂଲ୍ୟ ଅଧୀନରେ ରହିବ ଏବଂ ପୋଷ୍ଟ-



ହସ୍ପିଟାଲାଇଜେସନ ସମ୍ବନ୍ଧୀୟ ଖର୍ଚ୍ଚ ଆଦାୟ ନ କରିବାକୁ ରାଜ୍ୟ ସ୍ୱାସ୍ଥ୍ୟ ଆସ୍ୟୁରାନ୍ସ ସମିତି ପକ୍ଷରୁ ସମସ୍ତ ପଞ୍ଜୀକୃତ ହସ୍ପିଟାଲକୁ କଡ଼ା ନିର୍ଦ୍ଦେଶ ଜାରି କରାଯାଇଛି । ଚିକିତ୍ସାଳୟଗୁଡ଼ିକ ରୋଗୀଙ୍କୁ ଆବଶ୍ୟକ ଔଷଧ ଯୋଗାଇବା ସହିତ ଡିସ୍‌ଚାର୍ଜ ପରବର୍ତ୍ତୀ ୧୫ ଦିନ ମଧ୍ୟରେ ଆବଶ୍ୟକ ଫଲୋ-ଅପ୍ ଭିଜିଟ୍ ଓ ପରୀକ୍ଷା ସମ୍ପୂର୍ଣ୍ଣ ନିଶୁଳ୍କ ଭାବେ ପ୍ରଦାନ କରିବାକୁ ବାଧ୍ୟ । ଅସ୍ତ୍ରୋପଚାର କ୍ଷେତ୍ରରେ ଚିକିତ୍ସା ସହ ଜଡିତ ରୋଗୀ ଡିସ୍‌ଚାର୍ଜ ଜଟିଳତା ଏବଂ ପୁନଃ ଭର୍ତ୍ତି ହେବାର ଖର୍ଚ୍ଚ ମଧ୍ୟ ପୂର୍ବ ପ୍ୟାକେଜ ମୂଲ୍ୟରେ ସାମିଲ ରହିବ । ସମସ୍ତ ପଞ୍ଜୀକୃତ ହସ୍ପିଟାଲ ଏହି ନିୟମାବଳୀକୁ କଡ଼ାକଡ଼ି ଭାବେ ପାଳନ କରିବାକୁ ଏବଂ ପ୍ୟାକେଜ ଅଧୀନରେ ଥିବା କୌଣସି ସେବା ପାଇଁ ହିତାଧିକାରୀଙ୍କଠାରୁ ଅର୍ଥ ଆଦାୟ ନ କରିବାକୁ ନିର୍ଦ୍ଦେଶ ଦିଆଯାଇଛି । ନିର୍ଦ୍ଦେଶନାମାର ଉଲ୍ଲଂଘନ କରୁଥିବା ହସ୍ପିଟାଲ ବିରୋଧରେ ପଦକ୍ଷେପ ଗ୍ରହଣ କରାଯିବ ବୋଲି ରାଜ୍ୟ ସ୍ୱାସ୍ଥ୍ୟ ଆସ୍ୟୁରାନ୍ସ ସମିତି ପକ୍ଷରୁ କୁହାଯାଇଛି । ଆଜି ଏହି ପରିପେକ୍ଷୀରେ ମାନ୍ୟବର ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ମନ୍ତ୍ରୀ ଡ଼. ମୁକେଶ ମହାଲିଙ୍ଗ ଭୁବନେଶ୍ୱରର ଦୁଇଟି ବେସରକାରୀ ହସ୍ପିଟାଲକୁ ଆକସ୍ମିକ ପରିଦର୍ଶନ କରି ଜାରି ହୋଇଥିବା ଆଡଭାଇଜରି କେମିତି ଅନୁପାଳନ ହେଉଛି ପଚାରି ବୁଝିଥିଲେ । ସେହିପରି ଏହି ପରିଦର୍ଶନ ସମୟରେ ମାନ୍ୟବର ମନ୍ତ୍ରୀ ଡ଼. ମୁକେଶ ମହାଲିଙ୍ଗ ଲୋକସେବା ଭବନ ସମ୍ମିଳନୀ କକ୍ଷରେ ପୂର୍ବରୁ ହୋଇଥିବା ପଞ୍ଜୀକୃତ ମେଡିକାଲ ମାନଙ୍କ ସହ ସମୀକ୍ଷା ବୈଠକରେ ହେଲ୍ପ ଡେସ୍କ କରିବାକୁ ଦିଆଯାଇଥିବା ନିର୍ଦ୍ଦେଶ ବିଷୟରେ ପଚାରିବା ସହ ରୋଗୀଙ୍କୁ ସମ୍ମାନର ସହ ଉଚିତ ଚିକିତ୍ସା ଯୋଗାଇଦେବାକୁ ନିର୍ଦ୍ଦେଶ ଦେଇଥିଲେ ।

## ସୂର୍ଯ୍ୟମନ୍ଦିରରେ ବାଲି କଢ଼ା ପ୍ରକ୍ରିୟାକୁ ଅନୁଧ୍ୟାନ କଲେ ଏଏସଆଇ ଡିଜି

କୋଣାର୍କ : ସୂର୍ଯ୍ୟମନ୍ଦିର ଜଗମୋହନ ଗର୍ଭଗୃହରୁ ବାଲି କଢ଼ା ପ୍ରକ୍ରିୟା ଅନୁଧ୍ୟାନ କରାଯାଇଛି । ଏଏସଆଇ ଡିଜି ଯଦୁବୀର ସିଂ ରାୱତ, ବୈଷୟିକ ଟିମ, ସୂର୍ଯ୍ୟମନ୍ଦିର କୋର କମିଟି ସଦସ୍ୟ, ଆଇଆଇଟି ଦିଲ୍ଲୀ ଓ ଆଇଆଇଟି ମାଡ୍ରାସର ପ୍ରଫେସର ଅନୁଧ୍ୟାନ କରିଛନ୍ତି । ଡିଜିଙ୍କ ସମେତ ଏହି ଟିମ୍ ସୂର୍ଯ୍ୟମନ୍ଦିରର ପଶ୍ଚିମ ଦିଗରେ ୮୦ ଫୁଟ ଉପରେ ପ୍ରଥମ ପିଢ଼ରେ ମନ୍ଦିର ଗର୍ଭଗୃହ ମଧ୍ୟକୁ ହୋଇଥିବା ଦୁଇଟି କୋର ଡ୍ରିଲର ସ୍ଥାନକୁ ଦେଖିବା ସହ ଏହାର ସ୍ଥିତି ଯାଂଚ କରିଥିଲେ । ସୂର୍ଯ୍ୟମନ୍ଦିର ଗର୍ଭଗୃହରୁ ବାଲି କାଢ଼ିବା ସହଜ ନୁହେଁ । ସମୟ ଲାଗିବ , ବୈଷୟିକ ଟିମ ଏଥିପାଇଁ ନିଷ୍ପତି ନେବ । ଗର୍ଭଗୃହର ସ୍ଥିତି ଠିକ ଅଛି । ଧୀରେ ଧୀରେ ଏହି ପ୍ରକ୍ରିୟା ଆଗକୁ ବଢିବ ବୋଲି ଏଏସଆଇ ଡିଜି ଶ୍ରୀରାୱତ କହିଛନ୍ତି । ଅନ୍ୟମାନଙ୍କ ମଧ୍ୟରେ କୋର କମିଟି ସଦସ୍ୟ ଇଂଜିନିୟର ଅଶୋକ ବାସା, ସୁପରିଂଟେଣ୍ଡେଂଟ ଏସ ଏସ ପଣ୍ଡା ପ୍ରମୁଖ ଉପସ୍ଥିତ ଥିଲେ ।



ପ୍ରତ୍ନତତ୍ୱବିତ ଡଃ ଜୀବନ ପଟ୍ଟନାୟକ,ଡଃ ସୁନୀଲ ପଟ୍ଟନାୟକ , ଡ଼ଃ ଏନ ସି ପାଲ ,ଏ ଏସ ଆଇ ସୁପରିଂଟେଣ୍ଡେଂଟ ଡକ୍ଟର ମିଲନ ଚାଓ୍ୱେଲ,ସୁପରିଂଟେଣ୍ଡେଂଟ ଇଞ୍ଜିନିୟର ଚିତରଞ୍ଜନ ଦାଶ, ଇଂଜିନିୟର ଲୋକନାଥ ମହାରଣା ,ଆଇଆଇଟି ମାଡ୍ରାସର ପ୍ରଫେସର ଅରୁଣ ମେନନ ,ଏଏସଆଇ କେମେଷ୍ଟି ଗତ ୨୦୨୨ ସେପ୍ଟେମ୍ବର ମାସ ୮ତାରିଖରେ ଏଏସଆଇ ଓ ବିଡିଆର ନିର୍ମାଣ ବିଭାଗ ସୂର୍ଯ୍ୟମନ୍ଦିର ଗର୍ଭଗୃହ ଦ୍ୱାର ନିକଟରେ ପୂଜାର୍ଚ୍ଚନା ସହିତ ହୋମଯଜ୍ଞ କରି ଶୁଭ ଦେଇଥିଲେ । ବାଲି କଢ଼ା ନେଇ ୩ବର୍ଷ ଧାର୍ଯ୍ୟ ସମୟସୀମା ଶେଷ ହୋଇଛି ।

# ‘ଶରୀର ଏକ ପାନ୍ଥଶାଳା’ ପୁସ୍ତକ ଉନ୍ମୋଚିତ

ବାଲେଶ୍ୱର, (ନି.ପ୍ର.) ମଣିଷ ଶରୀରକୁ ସହଜ ଭାଷାରେ ବୁଝାଇବା ଲକ୍ଷ୍ୟ ନେଇ ଲିଖିତ ବରିଷ୍ଠ ଭେଷଜ ବିଶେଷଜ୍ଞ ଡାକ୍ତର ଚୌଧୁରୀ ସତ୍ୟବ୍ରତ ନନ୍ଦଙ୍କ ନୂତନ ପୁସ୍ତକ ‘ଶରୀର ଏକ ପାନ୍ଥଶାଳା’ ସଂପ୍ରତି ବାଲେଶ୍ୱର ଲକି ଇଂଟରନ୍ୟାସନାଲ ହୋଟେଲ ପ୍ରେକ୍ଷାଳୟରେ ଉନ୍ମୋଚିତ ହୋଇଯାଇଛି ।ଏହି ଉନ୍ମୋଚନ ଆସରରେ ଉଦଘାଟକ ଭାବେ ଫକୀରମୋହନ ବିଶ୍ୱବିଦ୍ୟାଳୟର କୁଳପତି ପ୍ରଫେସର ସନ୍ତୋଷ କୁମାର ତ୍ରିପାଠୀ ଯୋଗ ଦେଇ ପୁସ୍ତକଟିକୁ ଉନ୍ମୋଚନ କରିଥିଲେ । ସେ ତାଙ୍କ ଭାଷଣରେ କହିଲେ, “ଡାକ୍ତର ନନ୍ଦଙ୍କ ଏହି ଲେଖନୀ ଛାତ୍ରଛାତ୍ରୀ, ଗବେଷକ ଓ ସାଧାରଣ ପାଠକଙ୍କ ମାନବ ଶରୀର ସଂପର୍କରେ ଥିବା ସମସ୍ତ ଜିଜ୍ଞାସା ଦୂର କରିବ । ଏହା ଓଡ଼ିଆ ବାଣୀଭଣ୍ଡାରକୁ ନିଶ୍ଚିତ ଭାବରେ ସମୃଦ୍ଧ କରିବ ।”ବରିଷ୍ଠ ଗବେଷକ



ଡକ୍ଟର ଶିରୀଶ ଚନ୍ଦ୍ର ଜେନାଙ୍କ ପୌରୋହିତ୍ୟରେ ଆୟୋଜିତ ଉତ୍ସବରେ କଟକ ଏସସିବି ମେଡିକାଲର ଭେଷଜ ବିଜ୍ଞାନ ବିଭାଗ ମୁଖ୍ୟ ପ୍ରଫେସର ଜୟନ୍ତ କୁମାର ପଣ୍ଡା ମୁଖ୍ୟବକ୍ତା ଭାବେ ଯୋଗ ଦେଇ ପୁସ୍ତକର ଆଙ୍ଗିକ ଓ ଆତ୍ମିକ ଦିଗ ଉପରେ ଆଲୋଚନା କରିଥିଲେ ।ଉତ୍ସବର ମୁଖ୍ୟଅତିଥି ଭାବେ ମହିଳା ଓ ପ୍ରସୂତି ବିଭାଗର ଆନ୍ତର୍ଜାତିକ ଖ୍ୟାତିସମ୍ପନ୍ନ ଡାକ୍ତର ପ୍ରଫେସର ପୂର୍ଣ୍ଣଚନ୍ଦ୍ର ପଣ୍ଡା ଯୋଗ ଦେଇଥିଲେ । ସେ ପୁସ୍ତକର ପ୍ରଶଂସା କରି ତାଙ୍କ ବକ୍ତବ୍ୟରେ କହିଲେ, “ନିକଟ ଭବିଷ୍ୟତରେ ମଣିଷ ଶରୀର ଆଉ ଶରୀରର କିଛି ଅଙ୍ଗପ୍ରତ୍ୟଙ୍ଗ ସଂପର୍କରେ ଉଲ୍ଲେଖ ଥାଇ ଏହି ପୁସ୍ତକର ଏକ ପରିବର୍ଦ୍ଧିତ ସଂସ୍କରଣ ଆସିପାରିଲେ ପାଠକଙ୍କ ପାଇଁ ଆହୁରି ଉପଯୋଗୀ ହେବ ।”ପୁସ୍ତକର ଲେଖକ ଡାକ୍ତର ଚୌଧୁରୀ ସତ୍ୟବ୍ରତ ନନ୍ଦ ନିଜ ଲେଖକୀୟ ଅଭିବ୍ୟକ୍ତି ରଖିଥିବା ବେଳେ ପ୍ରଫେସର ମହାପାତ୍ର କହିଲେ ଯେ “ଏହି ପୁସ୍ତକ ମାଧ୍ୟମରେ ଜଣେ ସାଧାରଣ ରୋଗୀ ମଧ୍ୟ ନିଜ ଶରୀର ଗଠନ ଓ ପ୍ରତ୍ୟେକ ଅଙ୍ଗର କାର୍ଯ୍ୟପ୍ରଣାଳୀ ସଂପର୍କରେ ସ୍ପଷ୍ଟ ଧାରଣା ପାଇପାରିବେ ।”କବି ଦୀପକ ବୋଷ ସମ୍ମାନିତ ଅତିଥି ଭାବେ ଉପସ୍ଥିତ ରହି ସମାଜରେ ଡାକ୍ତରମାନଙ୍କ ଭୂମିକା ଉପରେ ଆଲୋକପାତ କରିଥିଲେ । ପ୍ରଫେସର ରବିନାରାୟଣ ଦାଶ ପୁସ୍ତକ ସଂପର୍କରେ ସବିଶେଷ ବକ୍ତବ୍ୟ ରଖିଥିଲେ ।ସଭା ପ୍ରାରମ୍ଭରେ ଗୁରୁ ସତ୍ୟରଂଜନ ମହାନ୍ତି ଦୀପକ ବୋଷଙ୍କ ରଚିତ ଭଜନ ଗାନ କରିଥିଲେ । ଏହି ଅବସରରେ ସାରସ୍ୱତ ସ୍ରଷ୍ଟା ଜେ.ପି. ଦାସଙ୍କ ଉଦ୍ଦେଶ୍ୟରେ ୨ ମିନିଟ ନୀରବ ପ୍ରାର୍ଥନା କରାଯାଇଥଲା । ଡକ୍ଟର ସାରଙ୍ଗଧର ତ୍ରିପାଠୀ ଅତିଥି ଆବାହନ କରିଥିବା ବେଳେ ଶେଷରେ ପ୍ରଫେସର ରଶ୍ମିରେଖା ପତି ଧନ୍ୟବାଦ ଦେଇଥିଲେ । ଡକ୍ଟର ସୋମା ନନ୍ଦ ଓ ଇଂ. ସୁଧୀର କୁମାର ଦାଶ ସଭା ପରିଚାଳନାରେ ସହଯୋଗ କରିଥିଲେ । ସୂଚନାଯୋଗ୍ୟ ଯେ, ପ୍ରତି ବର୍ଷ ଏକ ନିର୍ଦ୍ଦିଷ୍ଟ ତାରିଖରେ ଗୋଟିଏ ନୂଆ ପୁସ୍ତକ ରଚନା କରି ଲୋକାର୍ପିତ ହେବାର ଏକ ପରମ୍ପରା ଡାକ୍ତର ଚୌଧୁରୀ ସତ୍ୟବ୍ରତ ନନ୍ଦ ଆରମ୍ଭ କରିବା ସହିତ ତାଙ୍କ ଜନ୍ମଦିନକୁ ଏଭଳି ଏକ ସାହିତ୍ୟ ସମାବେଶରେ ପାଳନ କରିଥାନ୍ତି ଯାହାକୁ ସହରର ଡାକ୍ତର ବର୍ଗ, ଲେଖକ ବର୍ଗ, ବୁଦ୍ଧିଜୀବି ବର୍ଗ, ସାମ୍ବାଦିକ ବର୍ଗ ସମେତ ସାଧାରଣ ଲୋକମାନେ ଉପସ୍ଥିତ ରହି ଉପଭୋଗ କରନ୍ତି ।

# ବିପର୍ଯ୍ୟୟ ପରିଚାଳନା ପ୍ରଶିକ୍ଷଣ ଶିବିର ଉଦ୍‌ଘାଟିତ

ବାଲେଶ୍ୱର(ନି.ପ୍ର.) ଆଜି ପୂର୍ବାହ୍ନରେ ଓଡିଶା ରାଜ୍ୟ ବିପର୍ଯ୍ୟୟ ପରିଚାଳନା କର୍ତ୍ତୃପକ୍ଷ ଏବଂ ଜିଲ୍ଲା ବିପର୍ଯ୍ୟୟ ପରିଚାଳନା କର୍ତ୍ତୃପକ୍ଷ ମିଳିତ ପ୍ରୟାସ ପ୍ରୟାସରେ ସାଉଦୁ ଗ୍ରାମପଂଚାୟତ ଅନ୍ତର୍ଗତ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟ ସଭା ଗୃହଠାରେ ସ୍ୱେଚ୍ଛାସେବୀ ଅନୁଷ୍ଠାନ ଆର.ଡି.ସି, ବାହାନଗା ସହଯୋଗରେ ଗ୍ରାମ୍ୟ ସ୍ୱେଚ୍ଛାସେବୀଙ୍କ ବିପର୍ଯ୍ୟୟ ପରିଚାଳନା ପ୍ରଶିକ୍ଷଣ ଶିବିର ଆରମ୍ଭହୋଇଛି । ଆର.ଡି.ସି, ବାହାନଗା ଓ ବାହାନଗା ପଂଚାୟତ ସମିତିର ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ସାତଦିନ ବ୍ୟାପୀ ଅନୁଷ୍ଠିତ ଏହି ଶିବିର ଜିଲ୍ଲା ଜରୁରିକାଳୀନ ବିଭାଗ ଦ୍ୱାରା ଆୟୋଜିତ ହେଉଛି । ଏହି ଶିବିରରେ ବାହାନଗା ବ୍ଲକର ସାଉଦୁ ପଂଚାୟତର ୫ଟି ଗାଁର ୪୦ ଜଣ ସ୍ୱେଚ୍ଛାସେବୀ ତାଲିମ ନେଉଛନ୍ତି । ଜିଲ୍ଲା ଜରୁରୀକାଳୀନ ବିଭାଗର ସହକାରୀ ଜିଲ୍ଲାପାଳ ଶ୍ରୀ ପ୍ରତାପ ବେହେରା ମୁଖ୍ୟଅତିଥି



ଭାବେ ଯୋଗଦେଇ ଶିବିରକୁ ଉଦ୍ ?ଘାଟନ କରିଥିଲେ । ଅନ୍ୟମାନଙ୍କ ମଧ୍ୟରେ ଜିଲ୍ଲା ପ୍ରକଳ୍ପ ସଂଯୋଜକ(ଓସଡାମା) ଶ୍ରୀ ଅବନୀକାନ୍ତ ଭୂୟାଁ, ଜିଲ୍ଲା ଜରୁରୀକାଳୀନ ବିଭାଗର ବିଭାଗୀୟ ଅଧିକାରୀ ଶ୍ରୀ ଦୀପକ କୁମାର ଚାଁନ୍ଦ, ବରିଷ୍ଠ ରାଜସ୍ୱ ସହାୟକ ଶ୍ରୀ ପୁର୍ଣ ଚନ୍ଦ୍ର ବେହେରା, ଆର.ଡି.ସି, ବାହାନଗା ସ୍ୱେଚ୍ଛାସେବୀ ଅନୁଷ୍ଠାନର ସଭାପତି ଓ ଉପ ସଭାପତି ଉପସ୍ଥିତ ଥିଲେ । ଅତିରିକ୍ତ ଜିଲ୍ଲା ଜରୁରୀ କାଳୀନ ଅଧିକାରୀ ଶ୍ରୀ ପ୍ରତାପ ବେହେରା ଯୋଗଦେଇ ଶିବିରାର୍ଥୀଙ୍କ ଉଦ୍ଦେଶ୍ୟରେ ବିପର୍ଯ୍ୟୟ ପରିଚାଳନା ସମ୍ପର୍କରେ ବକ୍ତବ୍ୟ ରଖିଥିଲେ ପ୍ରତ୍ୟେକ ଜୀବନ ମୂଲ୍ୟବାନ ସ୍ଲୋଗାନ ଆଧାରରେ ସରକାର ଏବେ ଗ୍ରାମାଂଚଳର ସ୍ୱେଚ୍ଛାସେବୀ ଚିହ୍ନଟ କରି ତାଲିମ ଦେବା ସହ ଗ୍ରାମ୍ୟ ବିପର୍ଯ୍ୟୟ ପରିଚାଳନା ଯୋଜନା ତିଆରି କରି ତାହାର କାର୍ଯ୍ୟାନୁଷ୍ଠାନ ଉପରେ ଗୁରୁତ୍ୱ ଦେବା ସହ ଏହା ଗ୍ରାମ ବିକାଶକୁ ତ୍ୱରାନ୍ୱିତ କରିବ ବୋଲି ଉପସ୍ଥିତ ଅଧିକାରୀ ମତବ୍ୟକ୍ତ କରିଥିଲେ । ଏହି ପ୍ରଶିକ୍ଷଣ କାର୍ଯ୍ୟକ୍ରମରେ ପ୍ରିୟ ରଞ୍ଜନ ରାଉତ, ବୁବୁନ ମହାନ୍ତି ଓ ମାଧବୀଲତା ସେନାପତି ପ୍ରଶିକ୍ଷକ ଭାବେ ଯୋଗଦେଇ ପ୍ରଶିକ୍ଷାର୍ଥୀଙ୍କୁ ପ୍ରାକୃତିକ ଓ ମନୁଷ୍ୟକୃତ ବିପର୍ଯ୍ୟୟର ସମ୍ଭାବନାକୁ ଆଖି ଆଗରେ ରଖି ସନ୍ଧାନ, ଉଦ୍ଧାର ଓ ପ୍ରାଥମିକ ଉପଚାର ବିଷୟରେ କୌଶଳ ମାନ ଶିକ୍ଷାଦାନ କରୁଛନ୍ତି । ଶିବିର ଆସନ୍ତା ୧୨ ଜୁନ ତାରିଖ ଯାଏ ଚାଲିବ । କାର୍ଯ୍ୟକ୍ରମକୁ ଅନୁଷ୍ଠାନର ସଭାପତି ସରସ୍ୱତୀ ଜେନା ପରିଚାଳନା କରୁଛନ୍ତି ।

# ବାଲେଶ୍ୱର ସଦର ବ୍ଲକରେ ସମ୍ମୁଖରେ ହନ୍ତସନ୍ତ ଶତାଧିକ ବୃଦ୍ଧ, ବିଧବା ଓ ବିକଳାଙ୍ଗ ହିତାଧିକାରୀ

ବାଲେଶ୍ୱର(ନି.ପ୍ର.) ବାଲେଶ୍ୱର ସଦର ବ୍ଲକରେ ସମ୍ମୁଖରେ ହନ୍ତସନ୍ତ ଶତାଧିକ ବୃଦ୍ଧ, ବିଧବା ଓ ବିକଳାଙ୍ଗ ହିତାଧିକାରୀ । ଏହି ସମସ୍ୟାର ସମାଧାନ ପାଇଁ ଆଜି ସ୍ଥାନୀୟ ହିତାଧିକାରୀମାନେ ଏକତ୍ରିତ ହୋଇ ସଦର ବ୍ଲକ ଉନ୍ନୟନ ଅଧିକାରୀ କାର୍ଯ୍ୟାଳୟ ସମ୍ମୁଖରେ ଧାରଣାରେ । ଅଭିଯୋଗ ନେଇ ବିଡ଼ିଓଙ୍କୁ ଏକ ଦାବିପତ୍ର ପ୍ରଦାନ କରିବା ସହ ସାତ ଦିନର ଦେଲେ ମହଲତ । ହିତାଧିକାରୀଙ୍କ ଅଭିଯୋଗ ଅନୁଯାୟୀ, ନିର୍ବାଚନ ସମୟରେ ସରକାରଙ୍କ ପକ୍ଷରୁ ସମସ୍ତ ଯୋଗ୍ୟ ହିତାଧିକାରୀଙ୍କୁ ମାସିକ ୩,୦୦୦ ଟଙ୍କା ଲେଖାଏଁ ଭତା ପ୍ରଦାନ କରାଯିବ ବୋଲି



ଘୋଷଣା କରାଯାଇଥିଲା । ପୂର୍ବରୁ ବ୍ୟାଙ୍କ ମାଧ୍ୟମରେ ସେମାନଙ୍କୁ ପ୍ରତିମାସରେ ନିୟମିତ ଭତା ମିଳୁଥିବା ବେଳେ, ଗତ ୩ ମାସ ହେଲା ଏହା ସମ୍ପୂର୍ଣ୍ଣ ବନ୍ଦ ରହିଛି । ଅନ୍ୟପଟେ କିଛି ସ୍ଥାନରେ ନଗଦ ଟଙ୍କା ଆକାରରେ ଭତା ବଂଟନ କରାଯାଉଥିବା ବେଳେ ବ୍ୟାଙ୍କ ଖାତା ଜରିଆରେ ଟଙ୍କା ପାଉଥିବା ଏହି ହିତାଧିକାରୀମାନଙ୍କ ପ୍ରତି ପ୍ରଶାସନ କାହିଁକି ଅବହେଳା କରୁଛି ବୋଲି ସେମାନେ ପ୍ରଶ୍ନ କରିଛନ୍ତି । ବାର୍ଦ୍ଧକ୍ୟ ଓ ଶାରୀରିକ ଅକ୍ଷମତା ଯୋଗୁଁ ଚଳପ୍ରଚଳ କରିବାରେ କଷ୍ଟ ଭୋଗୁଥିବା ଏହି ଅସହାୟ ହିତାଧିକାରୀମାନେ ଭତା ନପାଇ ଏବେ ଦୁର୍ଦ୍ଦିନରେ ଗତି କରୁଛନ୍ତି । ଯଦି ପ୍ରଶାସନ ତୁରନ୍ତ ଏଥିପ୍ରତି ଦୃଷ୍ଟି ନଦିଏ ଏବଂ ବ୍ୟାଙ୍କ ଖାତା ଜରିଆରେ ବାକି ଥିବା ୩ ମାସର ଭତା ଟଙ୍କା ଆଗାମୀ ସାତ ଦିନ ଭିତରେ ପ୍ରଦାନ ନକରେ, ତେବେ ଆଗାମୀ ଦିନରେ ତୀବ୍ର ଅସନ୍ତୋଷ ପ୍ରକାଶ ପାଇବ ବୋଲି ଅଂଚଳବାସୀ ଚେତାବନୀ ଦେଇଛନ୍ତି ।

# ବିଶ୍ୱ ପରିବେଶ ଦିବସ ପାଳନ ଅବସରରେ ଫକୀରମୋହନ ବିଶ୍ୱବିଦ୍ୟାଳୟର ବିଶାଳ ଚାରାରୋପଣ କାର୍ଯ୍ୟକ୍ରମ

ବାଲେଶ୍ୱର(ନି.ପ୍ର.) ବିଶ୍ୱ ପରିବେଶ ଦିବସ ଅବସରରେ ଫକୀରମୋହନ ବିଶ୍ୱବିଦ୍ୟାଳୟର ପରିବେଶ ବିଜ୍ଞାନ ବିଭାଗର ଦ୍ୱାରା ମଛୁଆ ଗ୍ରାମ ଏବଂ ବିଶ୍ୱବିଦ୍ୟାଳୟର ନୂଆପାଢ଼ୀ କ୍ୟାମ୍ପସ ମଧ୍ୟବର୍ତୀ ଅଂଚଳରେ ଏକ ବିଶାଳ ଚାରାରୋପଣ କାର୍ଯ୍ୟକ୍ରମ ଆୟୋଜିତ ହୋଇଥିଲା । ଏହି ଅବସରରେ ୨୦୦ରୁ ଅଧିକ ପଣସ, ନିମ୍ବ, ଅର୍ଜୁନ, ଶିଶୁ, ଆମ୍ବ, ବେଲ ଏବଂ ଜାମୁ ପ୍ରଜାତିର ଚାରାଗଛ ରୋପଣ କରାଯାଇଥିଲା । ମଛୁଆ ଗ୍ରାମର ସରପଂଚ ଏବଂ ଗ୍ରାମବାସୀଙ୍କ ସକ୍ରିୟ ସହଯୋଗରେ ପତିତ ଭୂମିରେ ଏହି ଚାରାରୋପଣ କାର୍ଯ୍ୟକ୍ରମ ସଫଳତାର ସହ ସମ୍ପନ୍ନ ହୋଇଥିବାବେଳେ କୁଳପତିଙ୍କ ଦ୍ୱାରା ଏକ ‘ପଲ୍ଲୀ ତୋଟା’ ଯୋଜନାର ମଧ୍ୟ ଶୁଭାରମ୍ଭ କରାଯାଇଥିଲା । ଆଗାମୀ ଦିନରେ ଏହି ପଲ୍ଲୀ ତୋଟାରେ ନିୟମିତ ବ୍ୟବଧାନରେ ଚାରାରୋପଣ କାର୍ଯ୍ୟକ୍ରମମାନ ଆୟୋଜନ କରାଯିବା ନେଇ ମଧ୍ୟ ସୂଚୀତ କରାଯାଇଛି । ଏହି ପଦକ୍ଷେପ ଗ୍ରାମାଂଚଳର ସବୁଜିମା ବୃଦ୍ଧି ଓ ପରିବେଶ ସନ୍ତୁଳନ ରକ୍ଷା ଦିଗରେ ଏକ ଉଲ୍ଲେଖନୀୟ ପ୍ରୟାସ ବୋଲି ପରିବେଶ ବିଜ୍ଞାନ ବିଭାଗର ମୁଖ୍ୟ ପ୍ରଫେସର ସୂର୍ଯ୍ୟେନ୍ଦୁ କୁମାର ଦେ ମତ ପ୍ରକାଶ କରିଥିଲେ । କୁଳପତି ପ୍ରଫେସର ସନ୍ତୋଷ କୁମାର ତ୍ରିପାଠୀଙ୍କ ମାର୍ଗଦର୍ଶନ ଏବଂ ସୁଚିନ୍ତିତ ଯୋଜନା ଅନୁଯାୟୀ ରୋପିତ ଚାରାଗଛଗୁଡ଼ିକୁ ତାରବାଡ଼ ଦ୍ୱାରା ସୁରକ୍ଷିତ କରାଯିବା ସହ ସେଗୁଡ଼ିକର ନିୟମିତ ରକ୍ଷଣାବେକ୍ଷଣ ଓ ସମ୍ପୂର୍ଣ୍ଣ ଯତ୍ନର ଦାୟିତ୍ୱ ବିଶ୍ୱବିଦ୍ୟାଳୟର ପରିବେଶ ବିଜ୍ଞାନ ବିଭାଗ ନିର୍ବାହ କରିବ । କାର୍ଯ୍ୟକ୍ରମ ସମୟରେ ପରିବେଶ ସୁରକ୍ଷା ଓ ବୃକ୍ଷରୋପଣର ଗୁରୁତ୍ୱ ସମ୍ପର୍କିତ ବିଭିନ୍ନ ସ୍ଲୋଗାନ ମାଧ୍ୟମରେ ଗ୍ରାମବାସୀଙ୍କୁ ସଚେତନ କରାଯାଇଥିଲା । ଏଥିସହ ଜୈବିକ ସାର ଓ ମାଟି ମିଶାଇ ପ୍ରସ୍ତୁତ କରାଯାଇଥିବା ମଞ୍ଜି ଗୁଳାଗୁଡ଼ିକୁ ଅପହଂଚ ଅଂଚଳରେ କ୍ଷେପଣ କରାଯାଇ ପ୍ରାକୃତିକ ବନୀକରଣକୁ ଉତ୍ସାହିତ କରାଯାଇଥିଲା । ଏହି ବିଶାଳ ଚାରାରୋପଣ କାର୍ଯ୍ୟକ୍ରମରେ କୁଳପତି ପ୍ରଫେସର ସନ୍ତୋଷ କୁମାର ତ୍ରିପାଠୀଙ୍କ ସହ ସ୍ନାତକୋତର ପରିଷଦର ଅଧ୍ୟକ୍ଷ ପ୍ରଫେସର ସନ୍ତୋଷ ଅଗ୍ରୱାଲା, ବିଶ୍ୱବିଦ୍ୟାଳୟର ଶିକ୍ଷକ-ଶିକ୍ଷୟିତ୍ରୀ, ଅଣଶିକ୍ଷକ କର୍ମଚାରୀ ଓ ବହୁ



ସଂଖ୍ୟକ ଛାତ୍ରଛାତ୍ରୀ ଉତ୍ସାହର ସହ ଯୋଗଦେଇ କାର୍ଯ୍ୟକ୍ରମକୁ ସଫଳ କରିଥିଲେ ।

ଅଂଶଗ୍ରାହୀ ମାନେ ନିଜ ମତବ୍ୟକ୍ତ କରି କହିଥିଲେ ଯେ, ପରିବେଶ ସୁରକ୍ଷା କେବଳ ଏକ ଦିନର କାର୍ଯ୍ୟକ୍ରମ ନୁହେଁ; ବରଂ ଏହା ଏକ ନିରନ୍ତର ସାମାଜିକ ଦାୟିତ୍ୱ । ବୃକ୍ଷରୋପଣ ଓ ସେଗୁଡ଼ିକର ସଠିକ୍ ଯତ୍ନ ମାଧ୍ୟମରେ ଆସନ୍ତା ପିଢ଼ି ପାଇଁ ଏକ ସବୁଜ ଓ ସୁସ୍ଥ ପରିବେଶ ଗଢ଼ି ତୋଳିବା ସମ୍ଭବ ବୋଲି ସେମାନେ ଆହ୍ୱାନ ଜଣାଇଥିଲେ ।

# ସ୍ୱାସ୍ଥ୍ୟମିତ୍ରଙ୍କ ଜୀବିକା ବିପନ୍ନ ନେଇ ମୁଖ୍ୟମନ୍ତ୍ରୀଙ୍କ ହସ୍ତକ୍ଷେପ ଲୋଡ଼ିଲା ସଂଘ

ବାଲେଶ୍ୱର(ନି.ପ୍ର.)ଓଡ଼ିଶାର ବିଭିନ୍ନ ସରକାରୀ ଓ ବେସରକାରୀ ମାନ୍ୟତାପ୍ରାପ୍ତ ଚିକିତ୍ସାଳୟରେ ଗୋପବନ୍ଧୁ ଜନ ଆରୋଗ୍ୟ ଯୋଜନା ଅଧୀନରେ କାର୍ଯ୍ୟରତ ୯୯୩ ସ୍ୱାସ୍ଥ୍ୟମିତ୍ରଙ୍କ ଉପରେ ଏବେ ଜୀବିକା ହରାଇବାର କଳାବାଦଲ ଦେଖାଦେଇଛି । ଆସନ୍ତା ଜୁନ୍ ୩୦ ତାରିଖ ପରେ ସେମାନଙ୍କର ସେବା ଅବଧିକୁ ଆଉ ନବୀକରଣ କରାଯିବ ନାହିଁ ବୋଲି ସେବା ପ୍ରଦାନକାରୀ ସଂସ୍ଥା ’କାପ୍ରୋ ମ୍ୟାନେଜମେଂଟ ସଲ୍ୟୁସନ୍ସ’ ପକ୍ଷରୁ ଏକ ଚିଠି ମାଧ୍ୟମରେ ସ୍ପଷ୍ଟ



କରିଦିଆଯାଇଛି । ଏହି ସୂଚନା ପରେ ସାରା ରାଜ୍ୟରେ ଥିବା ସ୍ୱାସ୍ଥ୍ୟମିତ୍ର ଓ ସେମାନଙ୍କ ପରିବାର ମଧ୍ୟରେ ତୀବ୍ର ଅସନ୍ତୋଷ ଓ ଆଶଙ୍କାର ବାତାବରଣ ସୃଷ୍ଟି ହୋଇଛି । ଏହି ସଙ୍କଟଜନକ ସ୍ଥିତିରେ ପ୍ରତିବାଦ ଓ ନ୍ୟାୟ ଭିକ୍ଷା କରି ’ଅଲ୍ ଓଡ଼ିଶା ସ୍ୱାସ୍ଥ୍ୟମିତ୍ର ଆସୋସିଏସନ’ ପକ୍ଷରୁ ବାଲେଶ୍ୱର ଜିଲ୍ଲାପାଳଙ୍କ ଜରିଆରେ ମାନ୍ୟବର ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀଙ୍କ ଉଦ୍ଦେଶ୍ୟରେ ଏକ ଜରୁରୀ ସ୍ମାରକପତ୍ର ପ୍ରଦାନ କରାଯାଇଛି । ସଂଘ ପକ୍ଷରୁ ମୁଖ୍ୟମନ୍ତ୍ରୀଙ୍କୁ ସାକ୍ଷାତ କରିବା ପାଇଁ ଏବଂ ଏହି ଛଟେଇ ପ୍ରକ୍ରିୟା ଉପରେ ତୁରନ୍ତ ରୋକ୍ ଲଗାଇବାକୁ ନିବେଦନ କରାଯାଇଛି ।

# ପ୍ରଶାସନ ପକ୍ଷରୁ ଚଢ଼ାଉ: ବେଆଇନ ପଥର ବୋଝେଇ ଡମ୍ପର ସହ ଗଚ୍ଛିତ ପଥର ଜବତ

ସୋର, (ନି.ପ୍ର.) ସୋର ଥାନା ୧୬ ନମ୍ବର ଜାତୀୟ ରାଜପଥ ପାଇକାଳି ନିକଟରୁ ଦୁଇଟି ବେଆଇନ ପଥର ବୋଝେଇ ଡମ୍ପରକୁ ଜବତ କଲେ ସୋର ଭାରପ୍ରାପ୍ତ ତହସିଲଦାର । ସୂଚନା ଅନୁସାରେ ଆଜି ଅପରାହ୍ନରେ ବାଗୁଡ଼ି ଖାଦାନରୁ ବେଆଇନ ପଥର ଚାଲାଣ ହେଉଥିବା ଖବର ପାଇ ଭାରପ୍ରାପ୍ତ ତହସିଲଦାର କୃଷ୍ଣ ମୋହନ ସିଂହ ପାଇକାଳି ନିକଟରେ ଚଢ଼ାଉ କରିଥିଲେ । ଏହି ସମୟରେ ଓଡି ୧୧ଭି ୪୬୩୧ ଏବଂ ଓଡି ୦୧ ଭି ୧୫୪୫ ଡମ୍ପର ଦୁଇଟି ବେଆଇନ ପଥର ବୋଝେଇ କରି ଆସୁଥିବା ବେଳେ ଗାଡିକୁ ଅଟକାଇ କାଗଜ ପତ୍ର ଯାଂଚ କରି ଗାଡି ଦୁଇଟିକୁ ଜବତ କରି ସୋର ଥାନାରେ ଜିମା ଦେବା ସହିତ ଖଣି ବିଭାଗକୁ ହସ୍ତାନ୍ତର କରିଛନ୍ତି । ସେହିପରି ଭାରପ୍ରାପ୍ତ ତହସିଲଦାର ଶ୍ରୀ ସିଂହ କନିଷ୍ଠ ଖଣି ଅଧିକାରୀ ଜଗନ୍ନାଥ ଦାସ ଓ ସମ୍ବିତ କୁମାର ମଣିଙ୍କୁ ନେଇ ଏକ ଟିମ ସହ ଖଞ୍ଜାମାହାଲ ଏବଂ ମହୁମୁହାଣରେ ଚାଲିଥିବା ବିଭିନ୍ନ କ୍ରସର ରେ ଚଢ଼ାଉ କରିଥିଲେ । ଏହି ସମୟରେ ମୋଟ ୮ ଟି କ୍ରସରରୁ ୯ ହଜାର କ୍ୟୁଭି ମିଟର ପଥର ଜବତ କରିଥିବା ଜଣାପଡିଛି । ତେବେ ପରବର୍ତୀ ସମୟରେ ଉକ୍ତ କ୍ରସର ମାଲିକଙ୍କ ନିକଟରୁ ଫାଇନ ଆଦାୟ କରାଯିବ ବୋଲି ସୂଚନା ମିଳିଛି ।

## ବିଶ୍ୱ ସାଇକେଲ ଦିବସ ଅବସରରେ ଫକୀରମୋହନ ବିଶ୍ୱବିଦ୍ୟାଳୟର ସାଇକେଲ ରାଲି

ବାଲେଶ୍ୱର(ନି.ପ୍ର.)ବିଶ୍ୱ ସାଇକେଲ ଦିବସ ଅବସରରେ ଫକୀର ମୋହନ ବିଶ୍ୱବିଦ୍ୟାଳୟ ପକ୍ଷରୁ କୁଳପତି ଶ୍ରୀ ସନ୍ତୋଷ କୁମାର ତ୍ରିପାଠୀଙ୍କ ନେତୃତ୍ୱ ଓ ମାର୍ଗଦର୍ଶନରେ ଏକ ଉତ୍ସାହପୂର୍ଣ୍ଣ ସାଇକେଲ ରାଲିର ଆୟୋଜନ କରାଯାଇଥିଲା । ସ୍ୱାସ୍ଥ୍ୟ ସଚେତନତା, ପରିବେଶ ସୁରକ୍ଷା ଏବଂ ଇନ୍ଧନ ସଂଚୟର ବାର୍ତା ପ୍ରଚାର ଉଦ୍ଦେଶ୍ୟରେ ଏହି ରାଲି ଆୟୋଜିତ ହୋଇଥିଲା । ରେମୁଣା ସ୍ଥିତ ବିଶ୍ୱବିଦ୍ୟାଳୟ ପରିସରରୁ ଆରମ୍ଭ ହୋଇଥିବା ଏହି ରାଲି ପ୍ରାୟ ୧୦ କିଲୋମିଟର ଅତିକ୍ରମ କରି ନୂଆପାଢ଼ୀ କ୍ୟାମ୍ପସ ଠାରେ ସମାପ୍ତ ହୋଇଥିଲା । ଏଥିରେ ବିଶ୍ୱବିଦ୍ୟାଳୟର ୮୦ରୁ ଅଧିକ ଶିକ୍ଷକ, ଅଣଶିକ୍ଷକ କର୍ମଚାରୀ ଓ ଛାତ୍ରଛାତ୍ରୀ ଉତ୍ସାହର ସହ ଅଂଶଗ୍ରହଣ କରିଥିଲେ । ସାଇକେଲ ବ୍ୟବହାର



ଦ୍ୱାରା ଶାରୀରିକ ସୁସ୍ଥତା ବୃଦ୍ଧି, ପ୍ରଦୂଷଣ ହ୍ରାସ ଓ ସ୍ଥାୟୀ ପରିବହନ ବ୍ୟବସ୍ଥାକୁ ପ୍ରୋତ୍ସାହନ ମିଳୁଥିବା ସମ୍ପର୍କରେ ଜନସଚେତନତା ସୃଷ୍ଟି କରିବା ଏହି କାର୍ଯ୍ୟକ୍ରମର ମୁଖ୍ୟ ଉଦ୍ଦେଶ୍ୟ ଥିଲା । ଏହି ଅବସରରେ କୁଳପତି ଶ୍ରୀ ସନ୍ତୋଷ କୁମାର ତ୍ରିପାଠୀ ସାଇକେଲ ଚଳାଇବାକୁ ଦୈନନ୍ଦିନ ଅଭ୍ୟାସରେ ପରିଣତ କରିବା ପାଇଁ ଆହ୍ୱାନ ଜଣାଇଥିଲେ । ସେ କହିଥିଲେ, “ବର୍ତମାନ ବିଶ୍ୱ ଶକ୍ତି ଓ ଇନ୍ଧନ ସଙ୍କଟର ସମ୍ମୁଖୀନ ହେଉଥିବା ବେଳେ ସାଇକେଲ ଏକ ସରଳ କିନ୍ତୁ ଅତ୍ୟନ୍ତ ପ୍ରଭାବଶାଳୀ ବିକଳ୍ପ । ସାଇକେଲରେ ଅତିକ୍ରମ କରାଯାଇଥିବା ପ୍ରତ୍ୟେକ କିଲୋମିଟର ଇନ୍ଧନ ସଂଚୟ, କାର୍ବନ ନିର୍ଗମନ ହ୍ରାସ ଏବଂ ବ୍ୟକ୍ତିଗତ ସ୍ୱାସ୍ଥ୍ୟର ଉନ୍ନତିରେ ସହାୟକ ହୁଏ । ସାଇକେଲକୁ ଆପଣାଇ ଆମେ ସବୁଜ ପରିବେଶ ଗଠନ, ମୂଲ୍ୟବାନ ଶକ୍ତି ସମ୍ପଦର ସଂରକ୍ଷଣ ଏବଂ ଆଗାମୀ ପିଢ଼ି ପାଇଁ ଏକ ସ୍ଥାୟୀ ଭବିଷ୍ୟତ ନିର୍ମାଣରେ ଅବଦାନ ରଖିପାରିବା ।” ଏହି କାର୍ଯ୍ୟକ୍ରମ ମାଧ୍ୟମରେ ଫକୀର ମୋହନ ବିଶ୍ୱବିଦ୍ୟାଳୟ ପରିବେଶ ସଚେତନତା, ସୁସ୍ଥ ଜୀବନଶୈଳୀ ଓ ପ୍ରାକୃତିକ ସମ୍ପଦର ଦାୟିତ୍ୱଶୀଳ ବ୍ୟବହାର ପ୍ରତି ନିଜର ଦାୟିତ୍ୱ ଓ ପ୍ରତିବଦ୍ଧତାକୁ ପ୍ରମାଣିତ କରିଛି ।

# ଅପହରଣକାରୀଙ୍କୁ ଖୋଜୁଛି ପୋଲିସ

ବାଲେଶ୍ୱର(ନି.ପ୍ର.) ବାଲେଶ୍ୱର ସହର ଉପକଣ୍ଠ ଟାଉନ୍ ଥାନା ଅନ୍ତର୍ଗତ ମାଣିଖମ୍ବ ଅଂଚଳରେ ଏକ ସ୍ୱର୍ଶକାତର ତଥା ଚାଂଚଲ୍ୟକର ଘଟଣା ସାମ୍ନାକୁ ଆସିଛି । ଜଣେ ୧୫ ବର୍ଷର ନାବାଳିକା ସ୍କୁଲ ଛାତ୍ରୀଙ୍କୁ ଘରୁ ଜବରଦସ୍ତ ଅପହରଣ । ଏନେଇ ଟାଉନ ଥାନାରେ ଅଭିଯୋଗ ହୋଇଛି । ଦୁର୍ବୃତମାନେ ନାବାଳିକାର ମା’ଙ୍କୁ ମାଡ଼ ମାରି ଏକ କୋଠରୀରେ ବନ୍ଦ କରିବା ସହ ଘରୁ ସୁନା ଗହଣା ଏବଂ ନଗଦ ଟଙ୍କା ମଧ୍ୟ ଲୁଟି ନେଇଥିବା ପରିବାର ପକ୍ଷରୁ ଦାବି କରାଯାଇଛି । ପୂର୍ବରୁ ମଧ୍ୟ ମିଳୁଥିଲା ଜୀବନରୁ ମାରିଦେବାକୁ ଧମକ । ପୀଡ଼ିତ ପରିବାରର ଅଭିଯୋଗ ଅନୁଯାୟୀ, ମାଣିଖମ୍ବ ନିବାସୀ ପ୍ରଦୀପ କୁମାର କମିଲାଙ୍କ ନାବାଳିକା ଝିଅ ଟ୍ୟୁସନ ଯାଉଥିବା ସମୟରେ ସ୍ଥାନୀୟ କିଛି ଯୁବକ ତାଙ୍କୁ ଦୀର୍ଘ ଦିନ ହେବ ହଇରାଣ ହରକତ କରିବା ସହ ଧମକଚମକ ଦେଇ ଆସୁଥିଲେ । ଏପରିକି ନାବାଳିକାର ବାପା ଓ ଭାଇଙ୍କୁ ଜୀବନରୁ ମାରିଦେବା ପାଇଁ ଅଭିଯୁକ୍ତମାନେ ବାରମ୍ବାର ଧମକ ଦେଉଥିଲେ । ଏ ନେଇ ପୂର୍ବରୁ ପରିବାର ଲୋକେ ଅଭିଯୁକ୍ତଙ୍କ ଘରକୁ ଯାଇ ଆପତି ଉଠାଇବା ସହ ପୋଲିସର ଦ୍ୱାରସ୍ଥ ମଧ୍ୟ ହୋଇଥିଲେ ।




ପୋଲିସ ଗତଥର ଝିଅକୁ ଉଦ୍ଧାର କରି ପରିବାରକୁ ହସ୍ତାନ୍ତର କରିଥିଲେ ମଧ୍ୟ ଅଭିଯୁକ୍ତମାନଙ୍କ ସାହସ କମି ନଥିଲା । ଜୁନ୍ ୫ ତାରିଖ ଅପରାହ୍ନ ପ୍ରାୟ ୪ଟା ସମୟରେ ନାବାଳିକାର ବାପା ପ୍ରଦୀପ କମିଲା ନିଜ ଦୋକାନକୁ ଯାଇଥିବା ବେଳେ ଘରେ କେବଳ ମା’ ଏବଂ ନାବାଳିକା ଝିଅ ଥିଲେ । ଏହାର ସୁଯୋଗ ନେଇ କିଛି ଦୁର୍ବୃତ ମୁହଁରେ କଳାକପଡ଼ା ବାନ୍ଧି ଧସେଇ ପଶିଥିଲେ । ଅଭିଯୁକ୍ତମାନେ ନାବାଳିକାର ମା’ଙ୍କୁ ଠେଲାପେଲା ଓ ମାଡ଼ ମାରି ଏକ କୋଠରୀ ଭିତରେ ବନ୍ଦ କରି ଦେଇଥିଲେ । ଏହାପରେ ଘରେ ରଖାଯାଇଥିବା ସୁନା ଗହଣା ଓ ନଗଦ ଟଙ୍କା ଲୁଟିବା ସହ ନାବାଳିକା ଝିଅକୁ ଜବରଦସ୍ତ ଏକ କେଟିଏମ ଡ୍ୟୁକ୍ ବାଇକ୍ ?ରେ ଅପହରଣ କରି ଚମ୍ପଟ ମାରିଥିଲେ । ଏହି ଅପହରଣ ପଛରେ ଟାଉନ ଥାନା ଅନ୍ତର୍ଗତ ଦାମୋଦରପୁର (ଭେଲୋରା) ଅଂଚଳର ଚନ୍ଦ୍ରଶେଖର ନାୟକ (ବାପା- କେଶବ ନାୟକ), ଜେପା ନାୟକ ଏବଂ ସେମାନଙ୍କର ଅନ୍ୟ ୪-୫ ଜଣ ସହଯୋଗୀ ସାମିଲ ଥିବା ନେଇ ଝିଅର ବାପା ପ୍ରଦୀପ କମିଲା ଟାଉନ୍ ଥାନାରେ ଲିଖିତ ଭାବେ ଜଣାଇଛନ୍ତି । ଅଭିଯୁକ୍ତମାନେ ପ୍ରଭାବଶାଳୀ ଓ ଗୁଣ୍ଡା ଶ୍ରେଣୀର ହୋଇଥିବାରୁ ସେମାନେ ପୂରା ପରିବାରକୁ ଜୀବନରୁ ମାରିଦେବାକୁ ସର୍ବଦା ଧମକ ଦେଉଛନ୍ତି, ଯାହାଫଳରେ ସମ୍ପୂର୍ଣ୍ଣ ପରିବାର ଏବେ ଭୟଭୀତ ଅବସ୍ଥାରେ ଅଛନ୍ତି । ନାବାଳିକା ଝିଅକୁ ସୁରକ୍ଷିତ ଭାବେ ଉଦ୍ଧାର କରିବା ସହ ଦୋଷୀଙ୍କ ବିରୋଧରେ ଦୃଢ଼ ଆଇନଗତ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ପରିବାର ପକ୍ଷରୁ କାନ୍ଦି କାନ୍ଦି ଗଣମାଧ୍ୟମ ଓ ପୋଲିସ ପ୍ରଶାସନ ନିକଟରେ ଗୁହାରି କରାଯାଇଛି । ପୋଲିସ ୨୨୭/୨୬ରେ ମାମଲା ରୁଜୁ କରି ଘଟଣାର ତଦନ୍ତ ଆରମ୍ଭ କରିଥିବା ଜଣାପଡ଼ିଛି ।




## ମଣ୍ଡିରେ ପଡ଼ିଛି ଧାନ: ଖଡ଼ିଆଳ ତହସିଲଦାର କଲେ ତଦାରଖ

ନୂଆପଡ଼ା(ନିପ୍ର): ନୂଆପଡା ଜିଲା ଖଡ଼ିଆଳ ବ୍ଲକ ଖୁଦପେଜ ଧାନ ମଣ୍ଡିରେ ମିଲର୍ସମାନେ ଧାନ ଉଠାଣ ନ କରିବାରୁ ଚାଷୀମାନେ ଚରମ ଅସୁବିଧାର ସମ୍ମୁଖୀନ ହୋଇଛନ୍ତି । ମଣ୍ଡିରେ ପ୍ରତିଦିନ ମାତ୍ର ଗୋଟିଏ ଟ୍ରକ ଆସୁଥିବା ବେଳେ ଶୁକ୍ରବାର ସେହି ଗୋଟିଏ ଟ୍ରକ ମଧ ନ ଆସିବାରୁ ହଜାର ହଜାର କୁଇଂଟାଲ ଧାନ ଚାଷୀଙ୍କ ପାଖରେ ପଡ଼ି ରହିଛି । ଘଟଣା ସମ୍ପର୍କରେ ଖବର ପାଇ ଖଡ଼ିଆଳ ତହସିଲଦାର ମଣ୍ଡି ପରିଦର୍ଶନ କରି ସ୍ଥିତି ଅନୁଧାନ କରିଛନ୍ତି । ଚାଷୀଙ୍କ କହିବା ଅନୁଯାୟୀ, ମଣ୍ଡିକୁ ଧାନ ଆଣିବାର ଦିନ କେଇଟା ବିତି ଯାଉଥିଲେ ମଧ ମିଲର୍ସମାନେ ଉଠାଣ କରୁନାହାନ୍ତି । ପ୍ରତିଦିନ ଗୋଟିଏ ଟ୍ରକ ଆସୁଥିବାରୁ ମାତ୍ର କିଛି ପରିମାଣର ଧାନ ହିଁ ଉଠୁଥିଲା । ଅଧିକ ଟ୍ରକ ଆସିଲେ ମଣ୍ଡିରେ ପଡ଼ିଥିବା ଧାନ ଶୀଘ୍ର ଉଠିପାରନ୍ତା ବୋଲି ଚାଷୀମାନେ କହିଛନ୍ତି । ହେଲେ ଶୁକ୍ରବାର ସେହି ଗୋଟିଏ ଟ୍ରକ ମଧ ନ ଆସିବାରୁ ସ୍ଥିତି ଆହୁରି ଜଟିଳ ହୋଇଛି । ଋଣ କରି ଚାଷ କରିଛୁ । ଧାନ ବିକ୍ରି ନ ହେଲେ ଘର ଚଳିବ କେମିତି ବୋଲି ଚାଷୀମାନେ କହିଛନ୍ତି । ଖୋଲା ଆକାଶ ତଳେ ପଡ଼ିଥିବା ଧାନ ବର୍ଷା ହେଲେ ସବୁ ନଷ୍ଟ ହୋଇଯିବ । ପ୍ରଶାସନ ତୁରନ୍ତ ହସ୍ତକ୍ଷେପ କରୁ ବୋଲି ଜଣେ ଚାଷୀ କ୍ଷୋଭ ପ୍ରକାଶ କରିଛନ୍ତି । ଅଭିଯୋଗ ପାଇବା ପରେ ଖଡ଼ିଆଳ ତହସିଲଦାର ନରସିଙ୍ଗ ଗଡ଼ବା ମଣ୍ଡି ପରିଦର୍ଶନ କରି ପଡ଼ି ରହିଥିବା ଧାନ ଓ ଚାଷୀଙ୍କ ଅସୁବିଧା ସମ୍ପର୍କରେ ତଦାରଖ କରିଛନ୍ତି । ସେ କହିଛନ୍ତି, ମିଲର୍ସ ଓ ମଣ୍ଡି ଅଧିକାରୀଙ୍କ ସହ ଆଲୋଚନା କରି ଉଠାଣ ପ୍ରକ୍ରିୟାକୁ ତ୍ୱରାନ୍ୱିତ କରାଯିବ । ଆବଶ୍ୟକ ହେଲେ ଅଧିକ ଟ୍ରକ ବ୍ୟବସ୍ଥା କରାଯିବ, ଯାହା ଦ୍ୱାରା ଚାଷୀଙ୍କ ଧାନ ଶୀଘ୍ର ଉଠିପାରିବ । ଚାଷୀମାନେ ଦାବି କରିଛନ୍ତି ।

## ସ୍ୱଦେଶୀ ଆଧାରରେ ସ୍ୱାବଲମ୍ବୀ ହେବା ପାଇଁ ଆହ୍ୱାନ




ନୂଆପଡ଼ା(ନିପ୍ର): ନୂଆପଡ଼ା ଜିଲ୍ଲା ପ୍ରଶିକ୍ଷଣ ଓ ବିଚାର ବର୍ଗ ଅନୁଷ୍ଠିତ । ଖଡ଼ିଆଳ - ସ୍ୱଦେଶୀ ଜାଗରଣ ମଂଚ, ସ୍ୱାବଲମ୍ବୀ ଭାରତ ଅଭିଯାନ ନୂଆପଡ଼ା ଜିଲ୍ଲା ପକ୍ଷରୁ ଏକଦିବସୀୟ ପ୍ରଶିକ୍ଷଣ ଓ ବିଚାର ବର୍ଗ ସ୍ଥାନୀୟ ସରସ୍ୱତୀ ଶିଶୁ ବିଦ୍ୟା ମନ୍ଦିର, ଖଡ଼ିଆଳ ଠାରେ ଅନୁଷ୍ଠିତ ହୋଇଯାଇଅଛି । ମଂଚର ଜିଲ୍ଲା ସଂଯୋଜକ ଶ୍ରୀବସ୍ତ ବାରିକଙ୍କ ସଂଯୋଜନାରେ ଆୟୋଜିତ କାର୍ଯ୍ୟକ୍ରମରେ ଟାଇଗର ମହାବିଦ୍ୟାଳୟର ଅଧକ୍ଷ ଯୋଗେନ୍ଦ୍ର ମହାନନ୍ଦ ମୁଖ୍ୟ ଅତିଥି, ସମ୍ମାନିତ ଅତିଥି ଭାବରେ ପ୍ରାନ୍ତ ଗୋ ସେବା ସହ ସଂଯୋଜକ କାଳିଆ କୃଷ୍ଣ ବାଗ ଓ ପଲ୍ଲୀ ପ୍ରଗତି ମହାବିଦ୍ୟାଳୟର ଅଧକ୍ଷ ତଥା ଶିକ୍ଷା ବିକାଶ ସମିତି ଦକ୍ଷିଣ ପଶ୍ଚିମ ସମ୍ଭାଗ ସମ୍ପାଦକ ରୁଦ୍ରମାଧବ ବାରିକ, ପ୍ରାନ୍ତ ଯୁବ ପ୍ରମୁଖ ଗୋଦାବରୀଶ ପାତ୍ର ଓ ମୁଖ୍ୟ ବକ୍ତା ଭାବରେ ମଂଚର ରାଷ୍ଟ୍ରୀୟ କାର୍ଯ୍ୟକାରିଣୀ ସଦସ୍ୟ ମନୋଜ କୁମାର ନାୟକ ଯୋଗ ଦେଇଥିଲେ । ଏହି ବିଚାର ବର୍ଗରେ ସ୍ୱଦେଶୀ ଯାତ୍ରା, ସ୍ୱଦେଶୀ ଯାତ୍ରା, ସ୍ୱାବଲମ୍ବୀ ଭାରତ ଅଭିଯାନ, ସ୍ୱାବଲମ୍ବନ କେନ୍ଦ୍ର, ଦତୋପନ୍ତ ଠେଙ୍ଗଡ଼ିଜୀ, ଓ ବାବୁଗେନୁଙ୍କ ବ୍ୟକ୍ତିତ୍ୱ ଓ କୃତିତ୍ୱ, ଆଗାମୀ ଯୋଜନା ଆଦି ବିଷୟରେ ପ୍ରଶିକ୍ଷଣ ଦିଆଯାଇଥିଲା । ଜିଲ୍ଲା ସମନ୍ୱୟକ ତଥା ସଫଳ ଉଦ୍ୟୋଗୀ ଶ୍ରୀବସ୍ତ ବାରିକ ଓ ସହ ସମନ୍ୱୟକ ତଥା ସଫଳ ଉଦ୍ୟୋଗୀ ଭୀଷ୍ମଦେବ ହଂସ ନିଜର ସଫଳତାର କାହାଣୀ କହିଥିଲେ । ଅନ୍ୟମାନଙ୍କ ମଧ୍ୟରେ ବୋର୍ଡା ମହାବିଦ୍ୟାଳୟ ଅଧକ୍ଷ ଡିଲେଶ୍ୱର ନିଆଲ, ଖଣ୍ଡ କାର୍ଯ୍ୟବାହ କିଶୋର ଚନ୍ଦ୍ର ଗହୀର, ଅଧିବକ୍ତା ସତ୍ୟ ନାରାୟଣ ଦାଶ, ସରସ୍ୱତୀ ଶିଶୁ ବିଦ୍ୟା ମନ୍ଦିରର ପ୍ରଧାନ ଆଚାର୍ଯ୍ୟ ଜଗଦୀଶ ପୁଟେଲ, ଆଚାର୍ଯ୍ୟ ବ୍ରହ୍ମାନନ୍ଦ ବନ୍ଦିଛୋର, ଏକାମ୍ର ପରିଷଦ ସମ୍ପାଦକ ଭାନୁଚନ୍ଦ୍ର ସୁନାନୀ, ଗରୁଡେଶ୍ୱର ଗହୀର, ପରମେଶ୍ୱର କଠାର, ସଦାନନ୍ଦ ଗୁରୁଜୀ, ରୀନା ମେହେର, ହିତେଶ କୁମାର ମେହେର, ଓଜସ୍ୱିନୀ ସୁନାନୀ, ରାକେଶ କୁମାର ଚଲାନ, ଦ୍ରୋଣ ହଂସ, ପ୍ରମୁଖ ଯୋଗ ଦେଇଥିଲେ ।

## ଉତ୍କଳ ଖଦୀ ମଣ୍ଡଳ ବୈଠକ

କଟକ(ନିପ୍ର): ଉତ୍କଳ ଖଦୀ ମଣ୍ଡଳ କାର୍ଯ୍ୟକାରୀ କମିଟି ବୈଠକ ସ୍ଥାନୀୟ ଗୁଣନିଧି ଭବନ କାର୍ଯ୍ୟାଳୟରେ ଅନୁଷ୍ଠିତ ହୋଇଯାଇଛି । ଉତ୍କଳ ଖଦୀ ମଣ୍ଡଳର ସଭାପତି ଦେବେନ୍ଦ୍ର କୁମାର ପରିଡ଼ାଙ୍କ ସଭାପତିତ୍ୱରେ ଅନୁଷ୍ଠିତ ବୈଠକରେ ଖଦୀ କାର୍ଯ୍ୟକ୍ରମ ଓ ଅନ୍ୟ ରଚନାତ୍ମକ କାର୍ଯ୍ୟକ୍ରମ ଉପରେ ଗୁରୁତ୍ୱାରୋପ କରିଥିଲେ । ଉତ୍କଳ ଖଦୀ ମଣ୍ଡଳର ନବଗଠିତ କାର୍ଯ୍ୟକାରୀ କମିଟି ଯାହା ୦୮/୦୪/୨୦୨୬ ରେ ଓଡ଼ିଶା ସରକାରଙ୍କ ଠାରୁ କଟକ ଆଇଜିଆରଙ୍କ ଦ୍ୱାରା ଅନୁମୋଦିତ ହେବା ପରେ ମଣ୍ଡଳର କାର୍ଯ୍ୟ କୁ ଆଗେଇ ନେବା ପାଇଁ ସଭାରେ ମତପ୍ରକାଶ ପାଇଛି । ଏହି ବୈଠକରେ ଉତ୍କଳ ଖଦୀ ମଣ୍ଡଳର ସଦସ୍ୟ ସଦସ୍ୟା ମାନଙ୍କ ସହିତ ଉତ୍କଳ ସର୍ବୋଦୟ ମଣ୍ଡଳର ସଭାପତି କୈଳାସ ଚନ୍ଦ୍ର ସାଉ , ସମ୍ପାଦକ ରମାକାନ୍ତ ମଣ୍ଡଳ, ଉତ୍କଳ ନବଜୀବନ ମଣ୍ଡଳର ସଭାପତି ଗୁରୁ ମହାନ୍ତି, ସର୍ବୋଦୟ ସମାଜ ସଂଯୋଜିକା ଅଞ୍ଜନା ଦାସଙ୍କ ସହିତ ଅନ୍ୟମାନେ ଆଲୋଚନାରେ ଅଂଶଗ୍ରହଣ କରିଥିଲେ । ସର୍ବଶ୍ରୀ ଅନ୍ତର୍ଯ୍ୟାମୀ ରଥ, ସରୋଜ କୁମାର ଶତପଥୀ, ନିମାଇଁ ରାୟ, ଅରୁଣ ସ୍ୱାଇଁ, ଖଗେଶ୍ୱର ବଳ, ଜୟପ୍ରକାଶ ଦାସ, ରାକେଶ କୁମାର ନାୟକ, ରେଣୁକା ସାହୁ, ବନୀତା ସାମଲ, ଇନ୍ଦୁମତୀ ସାହୁ, ମାଳତୀ ପାତ୍ର,ଡଲି ଦାଶ ଆଦି ଖଦୀ ଆନ୍ଦୋଳନକୁ ରାଜ୍ୟରେ ବ୍ୟାପକ କରିବାକୁ ମତ ଦେଇଥିଲେ । ଉତ୍କଳ ଖଦୀ ମଣ୍ଡଳର ସମ୍ପାଦିକା ସ୍ମିତାରାଣୀ ସାମଲ ବିବରଣୀ ପାଠ କରିଥିଲା ବେଳେ ସ୍ନେହାଂଶୁ ଜେନା ଧନ୍ୟବାଦ ପ୍ରଦାନ କରିଥିଲେ । ବୈଠକରେ ସର୍ବଧର୍ମ ପ୍ରାର୍ଥନା ଗାନ କରାଯାଇଥିଲା ଓ ଦିବଂଗତ ଡାକ୍ତର ଶିଶିର କୁମାର ସାହୁ, ରବି ମହାନ୍ତି, ଜଗନ୍ନାଥ ପ୍ରସାଦ ଦାସ, ବଳରାମ ଜେନା, କୈଳାସ ଚନ୍ଦ୍ର ମଲ୍ଲିକ ଓ ଜୟନ୍ତୀ ମଞ୍ଜରୀ ରଥଙ୍କ ପାଇଁ ନୀରବ ପ୍ରାର୍ଥନା କରାଯାଇ ଶୋକବ୍ୟକ୍ତ କରାଯାଇଥିଲା ।

## ପ୍ରକୃତି ମିତ୍ର ଏବଂ ପ୍ରକୃତି ବନ୍ଧୁ ରୂପେ ଖଡ଼ିଆଳର ଦୁଇ ଜଣ ମହିଳା ସମ୍ମାନିତ




ନୂଆପଡ଼ା(ନିପ୍ର): ନୂଆପଡ଼ା ଜିଲ୍ଲା ର ଖଡ଼ିଆଳ ସହର ରେ ଅବସ୍ଥିତ ଜିଲ୍ଲାର ଏକ ମାତ୍ରା ମହିଳା ଉଚ୍ଚ ଶିକ୍ଷା ଅନୁଷ୍ଠାନ ରୂପେ ଖଡ଼ିଆଳ ଡିଗ୍ରୀ ମହିଳା ମହାବିଦ୍ୟାଳୟ ୨୦୧୬ ମସିହାରେ ଖଡ଼ିଆଳର ବୁଦ୍ଧିଜୀବୀଙ୍କ ଦ୍ୱାରା ସ୍ଥାପିତ ହୋଇ ଅଂଚଳର ଡ୍ରପ ଆଉଟ ହେଉଥିବା ମହିଳା ଛାତ୍ରୀଙ୍କ ଆଶା ଓ ଆକାଂକ୍ଷା ଉଚ୍ଚ ଶିକ୍ଷା ପ୍ରଦାନ କରି ଆସୁଅଛି । ଏକ ଦଶନ୍ଧି ଅତିକ୍ରମ କରି ମହିଳା ଶିକ୍ଷା ଅନୁଷ୍ଠାନ ପରିବେଶ ସୁରକ୍ଷା ସହ ଆଇନ, ସୂଚନା ଓ ସଚେତନ ଧର୍ମୀ କାର୍ଯ୍ୟକ୍ରମ ଆୟୋଜନ କରି ଛାତ୍ରୀଙ୍କ ସମାଜର ମୁଖ୍ୟ ସ୍ରୋତ ରେ ଏକ ସଚ୍ଚୋଟ ଏବଂ ଦକ୍ଷ ନାଗରିକ ରୂପେ ଗଢିତୋଳିବା ପ୍ରୟାସ ଜାରି ରହିଛି । ବିଶେଷ କରି ବୃକ୍ଷ ରୋପଣ, ପରିବେଶ ସୁରକ୍ଷା, ଔଷଧୀୟ ବୃକ୍ଷ ରୋପଣ କରିଛନ୍ତି । ଖଡ଼ିଆଳ ଡ଼ିଗ୍ରୀ ମହିଳା କଲେଜକୁ ବିଶ୍ୱ ପରିବେଶ ଦିବସ ଉପଲକ୍ଷେ ପ୍ରକୃତ ମିତ୍ର ରୂପେ କଲେଜ ଅଧକ୍ଷା ଲିଜା ଆଚାର୍ଯ୍ୟଙ୍କୁ ମାନପତ୍ର ସହ ୨୦ ହଜାର ଟଙ୍କା ଆର୍ଥି ପୁରସ୍କାର ପ୍ରଦାନ କରିଛନ୍ତି । ଖଡ଼ିଆଳ ବ୍ଲକ ଜଣେ ମହିଳା ଗାୟତ୍ରୀ ପଣ୍ଡା । ସେ ଜଣେ ଗୃହିଣୀ ରୂପେ ନିଜ ପରିବାର ସହିତ ଜୀବନ ନିର୍ବାହ କରୁଥିବା ବେଳେ ମଣ୍ଡୋସିଲ୍ ମୌଜାରେ ୭ ଏକର ଚାଷ ଜମିରେ ବିଭିନ୍ନ ପ୍ରକାର ବୃକ୍ଷ ରୋପଣ କରିଛନ୍ତି । ବିଶେଷ କରି ଜଙ୍ଗଲ ସୃଷ୍ଟି ଏବଂ ବୃକ୍ଷ ଏବଂ ପ୍ରକୃତିକୁ ଭଲପାଉଥିବା ମହିଳା । ତାଙ୍କ ଜମିରେ ଔଷଧୀୟ ଚାରା ରୋପଣ କରି ଲୋପ ପାଇଯାଉଥିବା ବୃକ୍ଷ କୁ ଆଣି ବଂଚାଇବା ପ୍ରଚେଷ୍ଟା କରୁଛନ୍ତି । ବୃକ୍ଷ ରୋପଣ କରିବା ତାଙ୍କ ନିଶା ରେ ପରିଣତ ହୋଇଅଛି । ପ୍ରତ୍ୟକ୍ ଦିନ ୩/୪ ଘଂଟା ଜମି ରେ ଥିବା ଚାରା କୁ ଯତ୍ନ ନେଇଥିବା ବେଳେ ମହିଳା ମାନେ ସମାଜ ଏବଂ ଅଂଚଳ ପାଇଁ ପ୍ରେରଣାର ଉତ୍ସ ପାଲଟିଛନ୍ତି ।

## ପ୍ରଶାସନ ପକ୍ଷରୁ ଚଢ଼ାଉ, ବେଆଇନ ପଥର ବୋଝେଇ ଡମ୍ଫର ସହ ଗଚ୍ଛିତ ପଥର ଜବତ

ସୋର(ନିପ୍ର): ସୋର ଥାନା ୧୬ ନମ୍ବର ଜାତୀୟ ରାଜପଥ ପାଇକାଳି ନିକଟରୁ ଦୁଇଟି ବେଆଇନ ପଥର ବୋଝେଇ ଡମ୍ଫରକୁ ଜବତ କଲେ ସୋର ଭାରପ୍ରାପ୍ତ ତହସିଲଦାର । ସୂଚନା ଅନୁସାରେ ଆଜି ଅପରାହ୍ନରେ ବାଗୁଡ଼ି ଖାଦାନରୁ ବେଆଇନ ପଥର ଚାଲାଣ ହେଉଥିବା ଖବର ପାଇ ଭାରପ୍ରାପ୍ତ ତହସିଲଦାର କୃଷ୍ଣ ମୋହନ ସିଂହ ପାଇକାଳି ନିକଟରେ ଚଢ଼ାଉ କରିଥିଲେ । ଏହି ସମୟରେ ଓଡି ୧୧ଭି ୪୬୩୧ ଏବଂ ଓଡି ୦୧ ଭି ୧୫୪୫ ଡମ୍ଫର ଦୁଇଟି ବେଆଇନ ପଥର ବୋଝେଇ କରି ଆସୁଥିବା ବେଳେ ଗାଡିକୁ ଅଟକାଇ କାଗଜ ପତ୍ର ଯାଂଚ କରି ଗାଡ଼ି ଦୁଇଟିକୁ ଜବତ କରି ସୋର ଥାନାରେ ଜିମା ଦେବା ସହିତ ଖଣି ବିଭାଗକୁ ହସ୍ତାନ୍ତର କରିଛନ୍ତି । ସେହିପରି ଭାରପ୍ରାପ୍ତ ତହସିଲଦାର ଶ୍ରୀ ସିଂହ କନିଷ୍ଠ ଖଣି ଅଧିକାରୀ ଜଗନ୍ନାଥ ଦାସ ଓ ସମ୍ପିତ କୁମାର ମଣିଙ୍କୁ ନେଇ ଏକ ଟିମ ସହ ଖଞ୍ଜାମାହାଲ ଏବଂ ମହୁମୁହାଣରେ ଚାଲିଥିବା ବିଭିନ୍ନ କ୍ରସର ରେ ଚଢ଼ାଉ କରିଥିଲେ । ଏହି ସମୟରେ ମୋଟ ୮ଟି କ୍ରସରରୁ ୯ ହଜାର କ୍ୟୁଭି ମିଟର ପଥର ଜବତ କରିଥିବା ଜଣା ପଡିଛି । ତେବେ ପରବର୍ତୀ ସମୟରେ ଉକ୍ତ କ୍ରସର ମାଲିକଙ୍କ ନିକଟରୁ ଫାଇନ ଆଦାୟ କରାଯିବ ବୋଲି ସୂଚନା ମିଳିଛି ।

## କୁଲଡିହାରୁ ଦୁଇ ସଶସ୍ତ୍ର ଶିକାରୀ ଗିରଫ

ନୀଳଗିରି(ନିପ୍ର): ଗତ ୫ ତାରିଖ ଶୁକ୍ରବାର ରାତି ପ୍ରାୟ ୮, ୨୦ ମିନିଟ ସମୟରେ କୁଲଡିହା ଅଭୟାରଣ୍ୟର ପଂଚଲିଙ୍ଗେଶ୍ୱର ସେକ୍ସନ ଅନ୍ତର୍ଗତ ଚଟକା (ପାଇଡ଼ପାଣି) ଠାରେ ପ୍ରବେଶ ପଥରେ ଡ୍ୟୁଟି କରୁଥିବା ବେଳେ, ବନ କର୍ମଚାରୀମାନେ ୨ ଜଣ ଶଶସ୍ତ୍ର ଶିକାରୀଙ୍କୁ ଅଟକ ରଖିଥିଲେ । ସେମାନେ ହେଲେ ନୀଳଗିରିର ଅଂଚଳ ବାଙ୍କିଶୂଳ ଗ୍ରାମର ଗୁରୁବା ସିଂ ଏବଂ ନୀଳଗିରିର ନୂଆସାହି ଅଂଚଳର ସଦା ସିଂ । ଯାଂଚ ସମୟରେ, କର୍ମଚାରୀମାନେ ସେମାନଙ୍କ ନିକଟରୁ ୨ ଗୋଟି ଦେଶୀ ବନ୍ଧୁକ, କୁଟୁରା ମାଂସ, ବିସ୍ଫୋରକ ଓ ଗୋଟିଏ ଦାଆ ଜବତ କରିଥିଲେ । ବେଆଇନ ଶିକାର କାର୍ଯ୍ୟରେ ସମ୍ପୃକ୍ତ ଥିବା ସନ୍ଦେହରେ ଅଭିଯୁକ୍ତମାନଙ୍କୁ ଗିରଫ କରାଯାଇଥିବା ବେଳେ ଉଭୟ ଅଭିଯୁକ୍ତ ନାମରେ ଏକ ମାମଲା ରୁଜୁ କରି ଆବଶ୍ୟକୀୟ ଆଇନଗତ କାର୍ଯ୍ୟାନୁଷ୍ଠାନ ପାଇଁ ନୀଳଗିରି ଏସ ଡିଜେଏମ କୋର୍ଟରେ ହାଜର କରାଯାଇଥିଲା । ବେଲ ନାମଞ୍ଜୁର ହେବାରୁ ବିଚାର ବିଭାଗୀୟ ହାଜତକୁ ପଠାଇ ଦିଆ ଯାଇଥିବା ବନବିଭାଗ ପକ୍ଷରୁ ସୂଚନା ମିଳିଛି ।

## ସିଦ୍ଧି ବିନାୟକ ରାଇସ୍ ମିଲରେ କର୍ମଚାରୀଙ୍କ ଆତ୍ମହତ୍ୟା

ବେତନଟୀ(ନିପ୍ର): ମୟୂରଭଞ୍ଜ ଜିଲ୍ଲା ବେତନଟୀ ଉପକଣ୍ଠରେ ଥିବା ଆମ୍ବଯୋଡ଼ା ସ୍ଥିତ ସିଦ୍ଧି ବିନାୟକ ରାଇସ୍ ମିଲରେ ଜଣେ କର୍ମଚାରୀ ବେକରେ ଫାଶୀ ଦେଇ ଆତ୍ମହତ୍ୟା କରିଛନ୍ତି । ଏହି ଘଟଣା ସ୍ଥାନୀୟ ମହଲରେ ଚାଂଚଲ୍ୟ ସୃଷ୍ଟି କରିଛି । ମୃତକ ପଶ୍ଚିମବଙ୍ଗର ସାଉଥ୍ ୨୪ ପରଗଣା ଜିଲ୍ଲା ଢୋଲା ଥାନା ଅଧୀନ ଦିଗମ୍ବରପୁର ଗ୍ରାମର ବବଲୁ ଦାସଙ୍କ ପୁତ୍ର ରାଜୀବ ଦାସ (୩୧) । ସେ ତାଙ୍କ ସ୍ତ୍ରୀ ରୂପାଲୀ ଦାସଙ୍କ ସହ ଉକ୍ତ ରାଇସ୍ ମିଲରେ ରହି କର୍ମଚାରୀ ଭାବେ କାମ କରୁଥିଲେ । ଶନିବାର ରାତିରେ ଖାଇପିଇ ଶୋଇବା ପରେ ରାଜୀବ ଘର ଭିତରେ ପ୍ଲାଷ୍ଟିକ୍ ରଶିରେ ଫାଶୀ ଦେଇଥିଲେ । ସ୍ତ୍ରୀ ରୂପାଲୀଙ୍କ ଚିତ୍କାର ଶୁଣି ଅନ୍ୟ କର୍ମଚାରୀମାନେ ଉଦ୍ଧାର କରି ବେତନଟୀ ଡାକ୍ତରଖାନାରେ ଭର୍ତି କରିଥିଲେ । କିନ୍ତୁ ଡାକ୍ତରମାନେ ତାଙ୍କୁ ମୃତ ଘୋଷଣା କରିଥିଲେ । ମୃତକଙ୍କ ସ୍ତ୍ରୀ ରୂପାଲୀଙ୍କ ଅଭିଯୋଗ ଆଧାରରେ ବେତନଟୀ ଥାନା ଏସ୍.ଆଇ ମଦନ ମୋହନ ପରିଡ଼ା ଅପମୃତ୍ୟୁ ମାମଲା ନମ୍ବର ୨୪ ରୁଜୁ କରିଛନ୍ତି ।

No. 10001/238/2627

**ZILLA SWASTHYA SAMITI, BALANGIR**
**(Department of Health & FW, Govt. of Odisha)**

**Advt. No:** 1830 **Date:** 06.06.2026

Sealed Expression of Interests in prescribed format are invited from the eligible bidders for **Supply of Calibrated Blood Collection Drape** at Govt. Health Institutions of Balangir. Sealed documents should reach to the undersigned on or before **dt.23/06/2026 up to 4.00 pm** through registered post/speed post/courier only. Bid documents received after the scheduled date and time and received without superscribing the subject of Tender along with RFP No. and Date on outer cover of the bid documents will summarily be rejected. Details of the bid documents are available in the district web-site https://balangir.odisha.gov.in. The undersigned reserves the right to accept or reject all or any of the tenders without assigning any reason thereof.

OIPR. 10001/10019/1/26-27/0004

Sd/-
**CDM&PHO, Balangir**

## ସ୍ୱାବଲମ୍ବୀ ଯୁବ ଅଭିଯାନ: ଯୁବପିଢ଼ିଙ୍କୁ ମିଳିବ ନିଯୁକ୍ତିର ନୂଆ ଦିଗ୍‌ଦର୍ଶନ



ଧାମନଗର(ନିପ୍ର) ସ୍ଥାନୀୟ ଯୁବପିଢ଼ି ଙ୍କୁ ଆତ୍ମନିର୍ଭରଶୀଳ ଓ ରୋଜଗାରକ୍ଷମ କରିବା ପାଇଁ ଜିଲ୍ଲା ପ୍ରଶାସନ ପକ୍ଷରୁ ସ୍ୱାବଲମ୍ବୀ ଯୁବ ଅଭିଯାନ କାର୍ଯ୍ୟକ୍ରମ ହେବାକୁ ଯାଉଅଛି । ରବିବାର ସକାଳ ୮ ଟା ରୁ ଧାମନଗର ବ୍ଲକ ର ସୋହଡ଼ା ଗ୍ରାମପଂଚାୟତର ପିତେଇପୁର ସରକାରୀ ଏମ୍.ଇ. ସ୍କୁଲ ପରିସରରେ ସ୍ୱାବଲମ୍ବୀ ଯୁବ ଅଭିଯାନ କାର୍ଯ୍ୟକ୍ରମ କରାଯାଉଛି । ଭଦ୍ରକ ଜିଲ୍ଲା ଦକ୍ଷତା ବିକାଶ ଓ ନିଯୁକ୍ତି କାର୍ଯ୍ୟାଳୟ ଆନୁକୂଲ୍ୟରେ ଆୟୋଜିତ ଏହି ବିଶେଷ ଅଭିଯାନ ସ୍ଥାନୀୟ ଅଂଚଳର ବେକାର ଯୁବକଯୁବତୀଙ୍କ ପାଇଁ ଏକ ସୁବର୍ଣ୍ଣ ସୁଯୋଗ ସୃଷ୍ଟି କରିବ ବୋଲି ଆଶା କରାଯାଉଛି । ଏହି ଅଭିଯାନର ବ୍ୟାପକତାକୁ ଦୃଷ୍ଟିରେ ରଖି ପ୍ରଶାସନିକସ୍ତରରେ ପ୍ରସ୍ତୁତି ଚୂଡ଼ାନ୍ତ ପର୍ଯ୍ୟାୟରେ ପହଂଚିଛି । ଜିଲ୍ଲା ଦକ୍ଷତା ବିକାଶ ଓ ନିଯୁକ୍ତି ଅଧିକାରୀ ଏହି କାର୍ଯ୍ୟକ୍ରମର ସଫଳ ରୂପାୟନ ପାଇଁ ଭଦ୍ରକ ଜିଲ୍ଲା ଶିକ୍ଷା ଅଧିକାରୀଙ୍କ ସହଯୋଗ ଲୋଡ଼ିଛନ୍ତି । ଅନ୍ୟପଟେ କାର୍ଯ୍ୟକ୍ରମ ସ୍ଥଳରେ ବହୁ ସଂଖ୍ୟାରେ ଯୁବପିଢ଼ିଙ୍କ ସମାଗମକୁ ଆଖିରେ ରଖି ଆଇନଶୃଙ୍ଖଳା ଓ ଶାନ୍ତିପୂର୍ଣ୍ଣ ପରିଚାଳନା କିପରି କରାଯିବ ସେନେଇ ଆଜି ଉପଜିଲ୍ଲାପାଳ ସୌରଭ ଚକ୍ରବର୍ତୀ ପିତେଇପୁର ସ୍କୁଲରେ ପହଂଚି ଅନୁଧାନ କରିଛନ୍ତି । ଏହି ସ୍ୱାବଲମ୍ବୀ ଯୁବ ଅଭିଯାନ କେବଳ ଏକ ସାଧାରଣ ସଚେତନତା ଶିବିର ନୁହେଁ ବରଂ ଏହା ଯୁବପିଢ଼ିଙ୍କ ବ୍ୟାବସାୟିକ ଦକ୍ଷତା ବୃଦ୍ଧି ଓ ସେମାନଙ୍କୁ ପ୍ରତ୍ୟକ୍ଷ ନିଯୁକ୍ତିର ମାର୍ଗ ସହ ଯୋଡ଼ିବାର ଏକ ସେତୁ । ଆଜିକାଲିର ପ୍ରତିଯୋଗିତାମୂଳକ ବଜାରରେ କେବଳ ପାଠ୍ୟପୁସ୍ତକଗତ ଶିକ୍ଷା ଯଥେଷ୍ଟ ନୁହେଁ । ଏହାକୁ ଦୃଷ୍ଟିରେ ରଖି ସ୍ଥାନୀୟ ଯୁବପିଢ଼ିଙ୍କୁ ବଜାରର ଚାହିଦା ମୁତାବକ ବିଭିନ୍ନ ବୈଷୟିକ ଓ ବ୍ୟବହାରିକ ଦକ୍ଷତା ବିକାଶ ଏବଂ ଜବ୍-ରେଡିନେସ୍ ପ୍ରୋଗ୍ରାମ ସମ୍ପର୍କରେ ସଚେତନ କରାଯିବ । ଶିକ୍ଷା ସମାପ୍ତ ପରେ କେଉଁ ଦିଗରେ ଗଲେ ସଫଳତା ମିଳିବ, ସେ ନେଇ ଅନେକ ସମୟରେ ଯୁବପିଢ଼ି ଦ୍ୱନ୍ଦ୍ୱରେ ରୁହନ୍ତି । ଏହି ଅଭିଯାନ ମାଧମରେ ଇଚ୍ଛୁକ ଚାକିରି ଆଶାୟୀଙ୍କୁ ଚିହ୍ନଟ କରାଯାଇ ବିଶେଷଜ୍ଞଙ୍କ ଦ୍ୱାରା ମାଗଣା କ୍ୟାରିୟର କାଉନସେଲିଂ ଓ ଉପଯୁକ୍ତ ପଥ ପ୍ରଦର୍ଶନ କରାଯିବ । କାର୍ଯ୍ୟକ୍ରମ ସ୍ଥଳରେ ଏକ ଶୃଙ୍ଖଳିତ ପଞ୍ଜୀକରଣ ପ୍ରକ୍ରିୟା ଜରିଆରେ ଯୁବକଯୁବତୀଙ୍କ ତଥ୍ୟ ସଂଗ୍ରହ କରାଯିବ ଏବଂ ସେମାନଙ୍କ ଯୋଗ୍ୟତା ଅନୁଯାୟୀ ପ୍ରାସଙ୍ଗିକ ଦକ୍ଷତା ତାଲିମ ତଥା ପ୍ରତିଷ୍ଠିତ ସଂସ୍ଥାରେ ପ୍ଲେସମେଂଟ ସୁଯୋଗ ସହିତ ସିଧାସଳଖ ଯୋଡ଼ାଯିବ । ଧାମନଗର ଓ ଏହାର ଆଖପାଖ ଅଂଚଳର ସମସ୍ତ ଯୋଗ୍ୟ ତଥା ଚାକିରି ଆଶାୟୀ ଯୁବକଯୁବତୀ ଏହି ସୁଯୋଗର ସଦୁପଯୋଗ କରିବାକୁ ବିଭାଗ ପକ୍ଷରୁ ଆହ୍ୱାନ ଦିଆଯାଇଛି ।

No. 25001/344/2627

**GOVERNMENT OF ODISHA**
**OFFICE OF THE SUPERINTENDING ENGINEER**
**RURAL WORKS DIVISION-II, BHADRAK - II**
**ee_rwbdk2@yahoo.co.in**
***"e" Procurement Notice for Road Works***
***Identification Online Tender 4/RWD/BDK-II/2026-27 Dtd. 02.06.2026***


1. Name of the Work :- Road Works as per Annexure
2. Total Number of Works :- 74 Nos.
3. Approximate Estimated Cost :- Rs.1.69 lakhs - 42.37 lakhs
4. Class of Contractor :- As per Annexure
5. Period of Completion :- As per Annexure
6. Type of Tender :- Single Cover
7. Other details :- The details are as follows.

| Procurement Officer | Bid Identification No. | Availability of Tender on-line for bidding | | Last Date & Time of seeking tender clarification | Date & Time of Opening of the Bid |
|---|---|---|---|---|---|
| | | From | To | | Technical Bid |
| 1 | 2 | 3 | 4 | 5 | 6 |
| Executive Engineer ,R.W. Division-II, Bhadrak | 4 | 8.06.2026 At 11.00 A.M. | 16.06.2026 up to 5.00 P.M | 15.06.2026 up to 03.00 P.M | 17.06.2026 at 11.00 AM |

8. Further details can be seen from the e-procurement portal "**https://www.tendersorissa.gov.in**".
9. Any other changes / Corrigendum may be seen only in website **www.tendersorissa.gov.in**.

OIPR. 25001/25090/1/26-27/0004


Sd/-
**Executive Engineer**
**R.W. Division-II Bhadrak**





ସମୟକୁ ସମ୍ମାନ ଦେଇ କାମ କରୁଥିବା ବ୍ୟକ୍ତି ଜଣକ ଜୀବନରେ ଯେ କୌଣସି କଠିନ ପରିସ୍ଥିତିକୁ ସହଜରେ ଅତିକ୍ରମ କରିପାରେ ।

# ଆଜିକାଲି



ଯସ୍ତ୍ୱିନ୍ଦ୍ରିୟାଣି ମନସା ନିୟମ୍ୟାରଭତେଽର୍ଜୁନ
କର୍ମେନ୍ଦ୍ରିୟୈଃ କର୍ମଯୋଗମସକ୍ତଃ ସ ବିଶିଷ୍ୟତେ
(ଶ୍ରୀମଦ୍ ଭଗବତ୍ ଗୀତା)

ଭାବାର୍ଥ : ଯେଉଁ ପୁରୁଷ ମନ ଦ୍ୱାରା ଇନ୍ଦ୍ରିୟମାନଙ୍କୁ ବଶ କରି ଅନାସକ୍ତ ହୋଇ କର୍ମଯୋଗ ଆଚରଣ କରନ୍ତି ସେ ଶ୍ରେଷ୍ଠ ଅଟନ୍ତି ।

## ଆବର୍ଜନାରୁ ମିଳିବ ମୁକ୍ତି

ବିଶ୍ୱ ପାଇଁ ସବୁଠୁ ବଡ଼ ଚିନ୍ତାର କାରଣ ହେଉଛି ପରିବେଶ ପ୍ରଦୂଷଣ । ଏହାକୁ ନେଇ ଅନେକ ନୀତି ପ୍ରଣୟନ ହେଉଛି । ବିଶ୍ୱ ନେତାମାନେ ଆପୋଷ ଆଲୋଚନା ଜାରି ରଖିଛନ୍ତି । ହେଲେ ନୀତିର କାର୍ଯ୍ୟକାରିତାର ସୁଫଳ ଦେଖିବାକୁ ମିଳୁନାହିଁ । ପ୍ରତିଟି ଦେଶ କେବଳ ନିଜ ସ୍ୱାର୍ଥ ପାଇଁ ପଦକ୍ଷେପ ନେଉଥିଲା ବେଳେ ଏହା ଯେ, ବଡ଼ ସଂକଟକୁ ଦୂର କରିବ ତାହା ଭାବିବା ଭୁଲ । ପ୍ରତିଟି ଦେଶ ଯେ ପର୍ଯ୍ୟନ୍ତ ଏହି ସମସ୍ୟାକୁ ହୃଦବୋଧ କରି ନାହାଁନ୍ତି ସେ ପର୍ଯ୍ୟନ୍ତ ପରିବେଶ ପ୍ରଦୂଷଣକୁ ରୋକାଯାଇ ପାରିବ ନାହିଁ । ଏହି କ୍ରମରେ ଭାରତ ସରକାର ବିକଳ୍ପ ଇନ୍ଧନ ଉପରେ ଗୁରୁତ୍ୱ ଦେବା ଆରମ୍ଭ କରିଛନ୍ତି । ଆଉ ଏକ ବଡ଼ ପଦକ୍ଷେପ ସ୍ୱରୂପ ରାସ୍ତାରୁ ପୁରୁଣା ଗାଡ଼ି ହଟାଇବାର ନିଆଯାଇଛି ନିଷ୍ପତି । ସରକାରୀ କାର୍ଯ୍ୟରେ ବ୍ୟବହାର ହେଉଥିବା ପୁରୁଣା ଗାଡ଼ିକୁ କବାଡ଼ିକୁ ଦିଆଯିବ । ଅର୍ଥାତ୍ ୧୫ ବର୍ଷର ପୁରୁଣା ଗାଡ଼ି ବ୍ୟବହାର ହୋଇପାରିବ ନାହିଁ । ସେହିପରି ରାସ୍ତାରେ ମଧ ୧୦ ବର୍ଷର ପୁରୁଣା ବ୍ୟବସାୟିକ ଯାନ, ୧୫ ବର୍ଷର ପୁରୁଣା ଘରୋଇ ପାସେଞ୍ଜର ଯାନ ଗଡ଼ିବ ନାହିଁ । ଯଦି ଏହା ଗଡ଼ିବ ତେବେ ମାଲିକମାନଙ୍କୁ ଦେବାକୁ ହେବ ଫିଟନେସ ପରୀକ୍ଷା । ଏହା ବାଧତାମୂଳକ । ପରୀକ୍ଷାରେ ଫେଲ ହେଲେ ଯିବ କବାଡି ଥାନାକୁ । ସେହିପରି ଲୁଚାଚୋରାରେ ପୁରୁଣା ଗାଡ଼ି ଚଳାଇଲେ ଧରାପଡ଼ିଲେ ଦେବାକୁ ହେବ ଜରିମାନା । ସରକାରଙ୍କ ଏହି ନିଷ୍ପତି ସ୍ୱାଗତଯୋଗ୍ୟ । ଏବେ ଇଲେକ୍ଟ୍ରିକ ଯାନ ଉପରେ ସରକାର ଏଥିପାଇଁ ଗୁରୁତ୍ୱ ଦେଉଛନ୍ତି କାରଣ ଏହାଦ୍ୱାରା ବାୟୁ ପ୍ରଦୂଷଣର ସମ୍ଭାବନା ନାହିଁ । ସେହିପରି ଇଥାନଲ ମିଶ୍ରିତ ଇନ୍ଧନ ଉପରେ ଜୋର ଦିଆଯାଉଛି । ଯାହାଦ୍ୱାରା ଗାଡ଼ିରୁ ବାହାରୁଥିବା ଧୂଆଁ ପରିବେଶକୁ ଅଧିକ କ୍ଷତି ପହଂଚାଇବ ନାହିଁ । ବର୍ତମାନ ଯେଉଁସବୁ ପୁରୁଣା ଗାଡ଼ି ଚାଲୁଛି ତାହା ପରିବେଶ ପାଇଁ କ୍ଷତିକାରକ । ତେଣୁ ଏହାକୁ ସ୍କ୍ରାପ କରିବା ପାଇଁ ନିଷ୍ପତି ନିଆଯାଇଛି । ତେବେ ନିଜର ପୁରୁଣା ଗାଡ଼ିକୁ ହରାଉଥିବା ବ୍ୟକ୍ତିଙ୍କ ପାଇଁ ମଧ ନୂଆ ନୀତିରେ ଦିଆଯାଇଛି ସୁବିଧା । ଗାଡ଼ିର ସ୍କ୍ରାପ ମୂଲ୍ୟ ବାବଦରେ ବ୍ୟକ୍ତି ବିଶେଷଙ୍କୁ ନୂଆ ଗାଡ଼ି ସମୟରେ ରୋଡ ଟ୍ୟାକ୍ସରୁ ମଧ ରିହାତି ଦିଆଯିବ । କିଛି ରାଜ୍ୟ ସରକାର ଏ ଦିଗରେ ପଦକ୍ଷେପ ମଧ ଆରମ୍ଭ କଲେଣି । ପୁରୁଣା ଗାଡ଼ିକୁ ରାସ୍ତାରୁ ହଟାଇବା ପାଇଁ ପ୍ରୋତ୍ସାହନର ଘୋଷଣା ମଧ ଦିଆଗଲାଣି । ପୁରୁଣା ଗାଡ଼ି ହଟିବା ନିଷ୍ପତି ନିଆଯାଇଥିବାରୁ ଏବେ ଗାଡ଼ି ନିର୍ମାତାମାନେ ମଧ ବାଧରେ ପରିବେଶ ଅନୁକୂଳ ଗାଡ଼ି ତିଆରି ଉପରେ ଅଧିକ ଗୁରୁତ୍ୱ ଦେବେ । ଦେଶର ସ୍ୱାର୍ଥ ଓ ବଦଳୁଥିବା ପରିବେଶକୁ ଦୃଷ୍ଟିରେ ରଖି ସରକାର ପଦକ୍ଷେପ ନେବା ଯେତିକି ଦରକାର ତା ଠୁ ଅଧିକ ଦାୟିତ୍ୱ ହେଉଛି ସାଧାରଣ ଲୋକଙ୍କର । ପୁରୁଣା ଗାଡ଼ି ପ୍ରଚଳନ ଅର୍ଥନୀତି ପାଇଁ ମଧ ବୋଝ । ତେଣୁ ସରକାରଙ୍କୁ ଏହି ସ୍କ୍ରାପ ପଲିସକୁ ଆହୁରି ବ୍ୟାପକ ଓ ବିସ୍ତୃତ କରିବା ଦରକାର । ଏଥିସହ ସ୍କ୍ରାପ ଉଦ୍ୟୋଗମାନଙ୍କୁ ମଧ ପ୍ରୋତ୍ସାହନ ଦେବା ଆବଶ୍ୟକ । ସେହିପରି ଲୋକେ ମଧ ବୁଝିବା ଦରକାର ଯେ, ସରକାର ଜବରଦସ୍ତି ସେମାନଙ୍କ କଷ୍ଟ ଉପାର୍ଜିତ ଅର୍ଥରେ କିଣିଥିବା ଗାଡ଼ିକୁ ହଟାଉ ନାହାଁନ୍ତି । ଏହା ଦେଶର ସ୍ୱାର୍ଥ ପାଇଁ ଏବଂ ସମସ୍ତଙ୍କ ସ୍ୱାସ୍ଥ୍ୟ ପାଇଁ ।

# କେ ନୁହେଁ ସାହା ବିପ୍ରବର, ନିଜକୁ ନିଜେ ରକ୍ଷାକର(୧)

◆ ପଙ୍କଜ କୁମାର ପାଣିଗ୍ରାହୀ

**ଏ ସଂସାର ଦୁଃଖ ଅପାର, ଅଜ୍ଞାନେ ଅପ୍ରାପ୍ତ ହରି, ଚେତନାକୁ ସୁଧାର !**
**ଲଭିବ ସୁଖ ନିଜ ଜ୍ଞାନେ, ଜଡମାନସଙ୍କୁ କର ତିରସ୍କାର !**
**ସ୍ୱାର୍ଥବାଦୀ କୁହେଳିକା ପ୍ରତ୍ୟାହାର, ନିଜ ଅନ୍ତର୍ଜ୍ଞାନ ଉଦୟ କର !**
**ଦେଖିବ କରୁଛ କ'ଣ, କ'ଣ ଉଚିତ ବିଚର ... ? ! !**

ଲେଖାଟିର ଚାରୋଟି ଅଧ୍ୟାୟକୁ ସମ୍ପୂର୍ଣ୍ଣ ଶେଷ ପର୍ଯ୍ୟନ୍ତ ପଢିଲେ ହିଁ ବୁଝି ହେବ ତାହାର ମହତ୍ୱ କ'ଣ /କେତେ ? ! କୁହେଳିକାର କୁହୁଡ଼ି ପହଁରି ଜ୍ଞାନିର ଚରମ ଶିର୍ଷରେ ନିଜକୁ ଅବସ୍ଥାପିତ କରୁଥିବା ସାଧାରଣ ମଣିଷଙ୍କ ବକ୍ତବ୍ୟ ଗୁଡିକ ଏକ ଭିନ୍ନ ରୁଚି ଦେଉଥିବା ବେଳେ ଚଟୁକାରିତାର ଅନ୍ତରାଳେ ନିଜକୁ ଜଣେ ଦକ୍ଷ ମଣିଷର ପରିଚିତି ସୃଷ୍ଟି କରୁଥିବା ମଣିଷଙ୍କ ଭାବାବେଗର ସମୀକ୍ଷା କରିବା ଅତ୍ୟନ୍ତ ଜଟିଳ ! ଉପସ୍ଥିତ ସମୟରେ ଯାହାସବୁ ସାମାଜିକ ପ୍ରେରଣା ଦିଆଯାଉ ଅଛି ତଥା ବିଭିନ୍ନ ସ୍ତର, କ୍ଷେତ୍ରକୁ ନେଇ ଭିନ୍ନ ଭିନ୍ନ ବିଷୟ ଆଧାରିତ ସାମାଜିକ ପ୍ରଗତିର କୁହେଳିକା ସୃଷ୍ଟି କରାଯାଉଅଛି ସେଗୁଡିକ ମଧରେ ୧ ପ୍ରତିଶତ ମଧ ପ୍ରଗତିର ଉସ୍ତ ନୁହେଁ ବୋଲି ବୁଝନ୍ତି କେତେକ, କି'ନ୍ତୁ ଅଧିକାଂଶ ସେସବୁ ବିଷୟରେ ଅଜ୍ଞ । ଅଧିକନ୍ତୁ ନିର୍ବୋଧ ଭାବୁଛନ୍ତି ସତେ ଯେମିତି ଆକାଶ ମାର୍ଗରୁ ଦେବଦୂତ ସମୂହ ଉପସ୍ଥିତ ରହି ପ୍ରଚଳନ କରୁଛନ୍ତି ଆମ ସମାଜକୁ । କେବେ କେଉଁ ସମୟରେ ଦେବଦୂତ ସାଜି ଧରାବତରଣ କରିଥିବା ଶାସକ ରାଜାଙ୍କ କାହାଣୀ ଏବଂ ଉପସ୍ଥିତ ସମୟର ଶାସକଙ୍କ କୁହେଳିକା, ପ୍ରଚାର, ପ୍ରସାର ମଧରେ ପ୍ରଭେଦକୁ ଭେଦ କରିବା ଜ୍ଞାନ ବିହୀନ ମଣିଷଙ୍କ ସ୍ଥିତି ଯାହା ଅକଥନୀୟ । ମାଗଣା ଖାଇବା, ଅଧିକ ପାଇବା ଆଶା ଏକ ଜଡମାନସ, ଅକର୍ମଣ୍ୟର ଚେତନା ଯାହା ଆଜିର ସାମାଜିକ ଶିକ୍ଷାରେ ଜଡିତ ଏକ ବ୍ୟାପକ ମାନବିକ ଅଧିକାର ବୋଲି ଭାବନା ଗ୍ରାସ କରିଛି ସମସ୍ତଙ୍କୁ । ଏହି ପ୍ରେରଣା ଦେଉଥିବା ମଣିଷଟି ମଧ ସେହି ଜଡ଼ମାନସ, ଅକର୍ମଣ୍ୟ ଅଜ୍ଞାନ ଚତୁରଟିଏ ବୋଲି ବୁଝି ନାହାନ୍ତି ସାଧାରଣ ନିର୍ବୋଧ । ମାନବଧର୍ମ ବହିର୍ଭୂତ ସାମାଜିକ ଶୀର୍ଷକ୍ଷେତ୍ର ଜଡିତ ମଣିଷ ଗୁଡିକୁ ଅନୁକରଣ କରି ସେମାନଙ୍କ ସହିତ ନିଜକୁ ସମାନ୍ତରାଳ କରି ଚାଲିଥିବା ସାଧାରଣ ନିର୍ବୋଧଙ୍କ ବିଷୟ ଭାବିଲେ ସେହି ଜଡ ମାନସିକତାର ପରିସରଭୁକ୍ତ ହୋଇଯାଉଛି ଆମର ଚେତନା ଜ୍ଞାନ । ଆମ ଦେଶରେ ଅନେକ ସମ୍ପ୍ରଦାୟ, ବିଭିନ୍ନ ଦଳ, କେତେ ସଂଗଠନ, ଅନୁଷ୍ଠାନ, ମାଳ ମାଳ ପ୍ରତିଷ୍ଠାନ, ଜାତି, ଧର୍ମ, ବର୍ଣ୍ଣ ଇତ୍ୟାଦିର ସୀମା ନାହିଁ ! ଆମେ ସମସ୍ତେ କିଏ କେଉଁ ଗୋଷ୍ଠିଗତ ଆନୁଗତ୍ୟ ସ୍ୱୀକାର କରି ମଧ ଏକକ ରାଷ୍ଟ୍ରର ସଭ୍ୟ ସଦସ୍ୟ ଭାବେ ନିଜର ପରିଚୟ ଦେଇ ଆସୁଅଛୁ । ଏହି ଏକକ ରାଷ୍ଟ୍ର ମଧରେ ବିଭିନ୍ନତା ସୃଷ୍ଟି ହେବା ପଛରେ ରହିଥିବା ରହସ୍ୟର କାରଣ ଖୋଜି ନାହାନ୍ତି କେହି, କେବେ । ବିଭିନ୍ନତାବାଦର କଳା ଫର୍ଦ୍ଦ ମଧରେ କେତେଯେ କେଳେଙ୍କାରୀ କାର୍ନାମା, ସେଗୁଡିକୁ ବୁଝିବା କେବଳ କଷ୍ଟ ନୁହେଁ ବରଂ ଅସମ୍ଭବ କହିଲେ ଅତ୍ୟୁକ୍ତି ହେବନାହିଁ । ହେଲେ ସାଧାରଣ ନିର୍ବୋଧ ମଣିଷ ଗୁଡିକ କାହିଁକି ଅବା ବୁଝିବାକୁ ପାଇବେ ଯେ ସେହି ବିଭିନ୍ନତା ମଧରେ ରହିଥିବା ରହସ୍ୟ ଗୁଡିକ କ'ଣ ? ତେଣୁ ପ୍ରତ୍ୟେକ ଗୋଷ୍ଠୀର ମୁଖିଆ ମାନେ ସମସ୍ତେ ଗୋଟିଏ ବାଟର ବାଟୋଇ ହୋଇ ନିଜ ନିଜ ମଧରେ ବୁଝାମଣା ସମ୍ବନ୍ଧ ରଖି ନିରୀହ ଜନସାଧାରଣଙ୍କୁ କେବଳ ନିଷ୍ପେସିତ, ପ୍ରତାରିତ କରି ନିଜସ୍ୱ ସ୍ୱାର୍ଥ ହାସଲ ଦିଗରେ ଲାଗିପଡ଼ି ଥା'ନ୍ତି ସବୁ ସମୟରେ । ଅତ୍ୟନ୍ତ ହୀନ ମାନ୍ୟତାର ସହିତ ସାଧାରଣ ଲୋକଙ୍କୁ କିଛି ଭୁଆଁବୁଲା କଥା କହି କେବଳ ଭବିଷ୍ୟତ ଉଜ୍ଜଳର ନାରା ଦେଇ ଚାଲିଛନ୍ତି ବର୍ଷ ବର୍ଷ ଧରି ଯାହାର ଅନ୍ତ କେଉଁଠି କେହି ଜାଣି ନାହାନ୍ତି । ସବୁବେଳେ ଆଶାୟୀ ହୋଇ ରହିଥିବା ସାଧାରଣ ଜନମାନସ, କ୍ଷଣ କ୍ଷଣ ଅପେକ୍ଷାରତ ଅବସ୍ଥାରେ ରହିଛନ୍ତି ଯେ ଆମର ଭଲଦିନ ଆସିବ କେବେ, ଆଉ ଆମେ ବିକଶିତ ହେବୁ କେବେ ? ! ଏହି ମର୍ମରେ କେବଳ ବର୍ଷ ନୁହେଁ ବରଂ ଦଶନ୍ଧି ଦଶନ୍ଧି ଧରି ସମୟ ସାପେକ୍ଷ ପ୍ରବଚନ ଦେଇ ପ୍ରତାରିତ କରିଥା'ନ୍ତି ସେମାନେ ପିଢ଼ି କୁ ପିଢ଼ି । ତଥାପି ଚେତନା ଜ୍ଞାନ ଉଦୟ ହୋଇ ପାରୁନାହିଁ ଆମର ଯେ ଆମେ ଆଉ ବୁଝିବା କେବେ ସେମାନଙ୍କ ଷଡ଼ଯନ୍ତ୍ରର ରହସ୍ୟ ? କେତେବେଳେ ଜାତିପ୍ରଥା, କେତେବେଳେ ମହାମାରୀ, କେତେବେଳେ ସାମ୍ପ୍ରଦାୟୀକ ହିଂଶାତ୍ମକ ଭାବଧାରା ତ ଆଉ କେତେବେଳେ ନିଶାକୁ ବ୍ୟାପକ କରି ପେଶାକୁ ବିକ୍ଷିପ୍ତ କରିବା ଭଳି ସାମାଜିକ ବିଭୀଷିକା ମଧରେ ଶିକ୍ଷା, ସ୍ୱାସ୍ଥ୍ୟ, କୃଷି କ୍ଷେତ୍ର ଗୁଡିକର ଯଥେଷ୍ଟ ଅବନତି କରି ସାଧାରଣ ଲୋକଙ୍କ ଉପାର୍ଜନକୁ ନିଜ କରାୟତ କରିବା ତଥା ରାଷ୍ଟ୍ରୀୟ ସାମୁହିକ ସମ୍ପତିକୁ ନିଜସ୍ୱ ଇଛାଧିନ ଭାବେ ପରିଚାଳିତ କରିବା ତ ଆଉ କେତେବେଳେ ସେଗୁଡିକୁ ବ୍ୟକ୍ତିଗତ ସ୍ତରକୁ ହସ୍ତାନ୍ତରିତ କରି ସ୍ୱାର୍ଥ ହାସଲ କରି ଆସୁଥିବା ମଣିଷ ମାନଙ୍କୁ ବିଶ୍ୱାସର ଏକ କୋମଳମତି ଭାବ ମଧରେ ରଖି ଅନୁମାନ କରିଚାଲିଛୁ ଆମେ ଯେ କେଉଁଦିନ ନିଶ୍ଚିତ ଏକ ବିକଶିତ ରାଷ୍ଟ୍ରର ମାନ୍ୟତା ପାଇବୁ । ରାତ୍ରି ଶୟନରେ ସ୍ୱପ୍ନ ଆସିଥାଏ ଆପେ କେତେକ ବିଷୟର ଭାବକୁ ନେଇ ତ କେତେବେଳେ ଅଭାବେ ମଧ ! କି'ନ୍ତୁ ଏହି ଦିବା ସ୍ୱପ୍ନ ଯେ ଆମ ପାଇଁ ଦିନକୁ ଦିନ କଠୋର ପରିସ୍ଥିତି ସୃଷ୍ଟି କରି ଚାଲିଛି ସେକଥା ବର୍ତମାନ ପଶୁନାହିଁ କାହା ମନରେ କି ଜ୍ଞାନରେ । କାରଣ କେଳେଙ୍କାରୀ ଷଡ଼ଯନ୍ତ୍ରକାରୀ ଏତେ ଉଲା ନୁହନ୍ତି ଯେ ସହଜରେ ଲୋକଙ୍କୁ ସେସବୁ ଭାବିବା ପାଇଁ ସମୟ ଦେବେ । ତେଣୁ କ'ଣ କଲେ ସମସ୍ତଙ୍କୁ ଅସ୍ଥିର ମସ୍ତିଷ୍କ କରି ରଖିହେବ ଏବଂ କିଂଚିତ ସମୟସାପେକ୍ଷ ସୁଖଦାୟୀ ବ୍ୟବସ୍ଥା କରିହେବ ସେଗୁଡିକୁ ନେଇ ବ୍ୟାପକ କୋଳାହଳ ସୃଷ୍ଟି କରି ମସ୍ତିଷ୍କ ବିଚଳନ କରାଯାଉଥିବା ବିଷୟ ମଧ ଜାଣୁନାହାନ୍ତି କେହି । ସେଗୁଡିକୁ ମଧ ବିକାଶର ଏକ ମାଧ୍ୟମ ବୋଲି ବିଚାରୁଛନ୍ତି ସମସ୍ତେ ଯାହା ଧୂଆଁବାଣ କେବଳ । ଏ ପ୍ରଚଣ୍ଡ ଅସାମସ୍ୟ କୁହେଳିକା ତଥା ଅଜ୍ଞାନ ଜଡ଼ ମାନସର ପ୍ରତାରଣାପୂର୍ଣ୍ଣ ବାର୍ତା ଗୁଡିକୁ ନିଃସନ୍ଦେହରେ ପ୍ରତ୍ୟାଖ୍ୟାନ କରି ଥରେ ଦେଖିଲେ ଜାଣିପାରିବା ଯେ ସତ୍ୟର ପଥ କେଉଁ ଦିଗରେ ଆଉ ଆମେ କେମିତି ମିଥ୍ୟାଗ୍ରାହୀ, ମିଥ୍ୟାଚାରୀଙ୍କ ଭଳି ପ୍ରତାରିତ ହୋଇଚାଲିଛେ ମିଥ୍ୟାବାଦୀଙ୍କ ବିପଦମୁଖୀ ପଥ ଅନୁସରଣ କରି । ଆମେ ଭାବୁଛେ କେବଳ ସେମାନଙ୍କ ପ୍ରରୋଚନା କାରଣରୁ ଯାହାସବୁ ହେବ ବୋଲି ସେସବୁ କେବଳ ପାଣିରେ ଗାର ସଦୃଶ୍ୟ ଛଡା କୌଣସି ବାସ୍ତବତା ନାହିଁ ସେମାନଙ୍କ ବକ୍ତବ୍ୟରେ । ବିଭିନ୍ନ ଗୋଷ୍ଠୀ, ସମ୍ପ୍ରଦାୟ ତଥା ଦଳଗତ ବିଚାର ମଧରେ କେତେଯେ ରହସ୍ୟମୟ କାରୁକାର୍ଯ୍ୟ ରହିଥାଏ, ସାଧାରଣ ସ୍ତରରେ ରହିଥିବା ମଣିଷଙ୍କୁ ସେଗୁଡିକ ଆଦୌ ଅଂତରଣୀୟ ହେବା ସମ୍ଭାବନା ନାହିଁ । ଏଠାରେ ଗୋଟିଏ ଉଦାହରଣ ଦେଇ କହିବାକୁ ଚାହେଁ ଯେ ଗୋଟିଏ ଗୋଷ୍ଠୀ ମଧରେ ରହିଥିବା ମଣିଷଙ୍କ ଭାବଧାରା ଗୁଡିକ ମଧରୁ କାହା ମନରେ କିଭଳି ବିଚାର ଆସିଥାଏ ଏବଂ ସେଗୁଡିକୁ ନେଇ କେମିତି ଚାଲିଥାଏ ସେମାନଙ୍କ ସମ୍ପ୍ରଦାୟ ! ଆଉ ଅଜ୍ଞାନ ନିର୍ବୋଧ ମାନଙ୍କୁ ତା ମଧରେ କେମିତି ନିଷ୍ପେସିତ କରି ରଖି ଚଳାଇଥା'ନ୍ତି ସେମାନଙ୍କ ଗୋଷ୍ଠୀ ତାହାର ଏକ ନମୁନା ପରୀକ୍ଷା କରିବା... (କ୍ରମଶଃ)

*ସୋସିଆଲ ଫୋରମ (ଭାରତ), ଛତ୍ରପୁର, ଗଂଜାମ-୭୬୧୦୨୦: ୯୪୩୭୩୨୪୯୧୭.*

# ରଥଚକର ଐତିହ୍ୟ

◆ ତ୍ରିନାଥ ଓଝା

ପୁରାଣ ଅନୁସାରେ ଆମ ପୃଥିବୀ ହେଉଛି ସପ୍ତଦ୍ୱୀପା । ଏଥିରେ ଅଛି ସାତଟି ଦ୍ୱୀପ ଓ ସାତ ସାଗର । କିନ୍ତୁ ଆଧୁନିକ ଭୂବିଜ୍ଞାନୀମାନଙ୍କ ଅନୁସାରେ ପୃଥିବୀରେ ଅଛି ସାତଦ୍ୱୀପ ଓ ପାଂଚ ସାଗର । ସେମାନେ ପ୍ରଶାନ୍ତ ମହାସାଗରକୁ ଉତର ଓ ଦକ୍ଷିଣ ଭାବରେ ଦୁଇଟି ଏବଂ ଆଟଲାଂଟିକ ମହାସାଗରକୁ ଉତର ଓ ଦକ୍ଷିଣ ଭାବରେ ଦୁଇଟିରେ ବିଭକ୍ତ କରିଛନ୍ତି । ଏ ଦୃଷ୍ଟିରୁ ବିଚାରକଲେ, ପୁରାଣ ଓ ଆଧୁନିକ ଭୂବିଜ୍ଞାନ ମଧରେ ଅମେଳ ନାହିଁ । ଏହି ସାତ ଦ୍ୱୀପ ଓ ସାତ ସାଗର କିପରି ସୃଷ୍ଟି ହେଲେ, ସେ ସଂପର୍କରେ ପୁରାଣରେ ଅଛି ଏକ ରୋଚକ କାହାଣୀ । ଶ୍ରୀମଦ ଭାଗବତ ମହାପୁରାଣ ଅନୁସାରେ ସ୍ୱାୟମ୍ଭୁବ ମନୁଙ୍କ ପୁତ୍ର ତଥା ଉତାନପାଦଙ୍କର ଭାଇ ହେଉଛି ପ୍ରିୟବ୍ରତ । ଯେ ପର୍ଯ୍ୟନ୍ତ ସୂର୍ଯ୍ୟଙ୍କ କିରଣ ପଡ଼େ ଏବଂ ତାରା ମାନଙ୍କ ସହିତ ଚନ୍ଦ୍ର ଦେଖାଯାଆନ୍ତି, ସେହି ସମଗ୍ର ଭୂମି ତାଙ୍କ ଅଧୀନରେ ଥିଲା । ଅର୍ଥାତ୍ ସେ ସମଗ୍ର



ପୃଥିବୀର ଅଧିପତି ଥିଲେ । ସେହି ବିସ୍ତୃତ ଭୂମଣ୍ଡଳର ରାଜା ପ୍ରିୟବ୍ରତ ନିଜର ରଥରେ ବସି ଯେଉଁଆଡ଼େ ଯାଉଥିଲେ, ତାଙ୍କ ରଥର ଚକରେ ସେ ଆଡ଼େ ଖାତ ହୋଇଯାଉଥିଲା । ଏହିପରି ଭାବରେ ପୃଥିବୀରେ ସାତ ଦ୍ୱୀପ ଓ ସାତସାଗର ସୃଷ୍ଟି ହେଲା । ମେରୁ ପର୍ବତକୁ କେନ୍ଦ୍ର କରି ସେହି ସାତସାଗର ଓ ସାତଦ୍ୱୀପର ବଳୟ ଘେରି ରହିଛି । ଜଗନ୍ନାଥ ଦାସଙ୍କ ଓଡ଼ିଆ ଭାଗବତରେ ଏ ସଂପର୍କରେ ବର୍ଣ୍ଣନା ଅଛି - 'ସେ ରାଜା ରଥଚକ୍ରେ କରି । ହୋଇଲା ଯେତେକ ବିସ୍ତାରି ।। ତେଣୁ ସପତ ସିନ୍ଧୁ ହେଲା, ପୃଥିବୀ ସାତ ଭାଗ କଲା ।। ଶୋକ ଶାଳ୍ମଳ ଜମ୍ବୁ ପ୍ଳକ୍ଷ, କୁଶ ପୁଷ୍କର ଆଉ କ୍ରୌଂଚ ।। ଏଣୁ ଏହା ହେଉଛି ରଥଚକର ଐତିହ୍ୟ । ପୃଥିବୀର ଏହି ସାତଦ୍ୱୀପ ହେଉଛି ସାତମହାଦେଶ । ସେଥିମଧ୍ୟରୁ 'ଜମ୍ବୁଦ୍ୱୀପ' ଗୋଟିଏ । ତାହାରି ମଧରେ ଅଛି ନଅଟି 'ବର୍ଷ' ବା ଦେଶ । ସେଥିରୁ ଗୋଟିଏ ବର୍ଷ ହେଉଛି ଭାରତ । ଏଣୁ ଆମ ଦେଶର ନାମ ଭାରତବର୍ଷ । ଏହା ହିମାଳୟର ଦକ୍ଷିଣ ଏବଂ ମହୋଦଧିର ଉତର ଅବସ୍ଥିତ । ଶ୍ରୀମଦଭାଗବତ ମହାପୁରାଣରେ ଏହାର ବର୍ଣ୍ଣନା ଅଛି । ସେଥିରେ ସମଗ୍ର ଭୂମଣ୍ଡଳକୁ ଗୋଟିଏ ପଦ୍ମ ସହ ତୁଳନା କରାଯାଇଛି । ସାତଦ୍ୱୀପ ହେଉଛି ସେହି ପଦ୍ମର କୋଷ ବା କେଶର ସ୍ୱରୂପ । ସେହି କୋଷର ଅଭ୍ୟନ୍ତ ହେଉଛି ଜମ୍ବୁଦ୍ୱୀପ । ତାହାର ଭାରତ ଭାଗରେ ଆମ ଦେଶ ଉତ୍କଳ ବା ଓଡ଼ିଶା ଅବସ୍ଥିତ ।

*ଭାଗବତ ଗାଦି ବଡ଼ଦାଣ୍ଡ, ଧବଳେଶ୍ୱର ଗଡ଼ା, କଟକ :୯୨୩୮୬୦୨୮୨୫*

# ଅଂଶୁଘାତ ଏକ ପ୍ରାକୃତିକ ସ୍ୱାସ୍ଥ୍ୟ ସମସ୍ୟା



◆ ଦଶରଥ ହେମ୍ବ୍ରମ୍

ଓଡ଼ିଶା ଏକ କୃଷିପ୍ରଧାନ ରାଜ୍ୟ । ଏଠାରେ ଅଧିକାଂଶ ଲୋକ ଅର୍ଥାତ ୭୦ ପ୍ରତିଶତ ଲୋକ କୃଷି ଉପରେ ନିର୍ଭର କରି ନିଜର ଗୁଜୁରାଣ ମେଂଟାଇ ଥାଆନ୍ତି । ଏହି କୃଷକମାନଙ୍କ ମଧରେ ଅଧିକାଂଶ ହେଉଛନ୍ତି କ୍ଷୁଦ୍ର ଏବଂ ନାମମାତ୍ର ଚାଷୀ । କୃଷି କାର୍ଯ୍ୟ ସାଧାରଣତଃ ପ୍ରକୃତି ଉପରେ ହିଁ ନିର୍ଭର କରିଥାଏ । ପ୍ରକୃତିରେ କିଛି ଅଘଟଣ ଘଟିଲେ ଚାଷ କାର୍ଯ୍ୟରେ ବାଧାପ୍ରାପ୍ତ ହୁଏ । ଓଡ଼ିଶାରେ ବନ୍ୟା, ବାତ୍ୟା, ଭୂକ, ମରୁଡ଼ି ଭଳି ପରିସ୍ଥିତି ଉପୁଜିଲେ ଚାଷ କାର୍ଯ୍ୟ ବାଧାପ୍ରାପ୍ତ ହେବା ସହ ଓଡ଼ିଶାର ଆର୍ଥିକ ମାନଦଣ୍ଡ ଓ ପ୍ରଗତିରେ ଅନ୍ତରାୟ ସୃଷ୍ଟି ହୁଏ । ଠିକ ପ୍ରାକୃତିକ ବିପର୍ଯ୍ୟୟ ଭଳି ଅଂଶୁଘାତ ମଧ ଏକ ପ୍ରାକୃତିକ ସ୍ୱାସ୍ଥ୍ୟ ସମସ୍ୟା ବର୍ତମାନ ସମୟରେ ଉଭା ହୋଇଛି । ଗ୍ରୀଷ୍ମ ଋତୁରେ ପ୍ରଚଣ୍ଡ ଖରା ଏବଂ ଗରମ ଯୋଗୁଁ ଶରୀରର ତାପମାତ୍ରା ନିୟନ୍ତ୍ରଣ ହୋଇ ନପାରି ହେଉଥିବା ଏକ ଶାରୀରିକ ସମସ୍ୟା, ଯାହାକୁ ଅଂଶୁଘାତ କୁହାଯାଉଛି । ବର୍ଷକ ବାରମାସ ଓ ଛଅ ଋତୁ ମଧରେ ପ୍ରଚଣ୍ଡ ପ୍ରତାପୀ ଗ୍ରୀଷ୍ମ ଋତୁର ମହାଭୟଙ୍କରୀ ରୂପ ନେଇ ଆସିଥାଏ ଧରାପୃଷ୍ଠକୁ । ଗ୍ରୀଷ୍ମର ରୌଦ୍ର ଜ୍ୱାଳାରେ ଧରିତ୍ରୀ ଓ ତା'ର କୋଳରେ ଲାଳିତ ପାଳିତ ଜୀବଜନ୍ତୁ, ମାନବ, ବୃକ୍ଷଲତା ସବୁ ଅସ୍ତବ୍ୟସ୍ତ ହୋଇଯାନ୍ତି । ଏହି ସମୟରେ ଅସହ୍ୟ ଜ୍ୱଳନ ଭୋଗେ ପଥଚାରୀଟିଏ, ଶ୍ରମିକଟିଏ, ଚାଷୀଟିଏ, ନିଷ୍ପାପ ଶିଶୁଟିଏ । ସେ ହୋଇଯାଏ ସେତେବେଳେ କ୍ଳାନ୍ତ, ଅଂଶୁଘାତରେ ସେ ହୁଏ ଶିକାର । ଅତଏବ ଗ୍ରୀଷ୍ମ ଋତୁ ହେଉଛି ଅଂଶୁଘାତର ଉତ୍ପତି ସମୟ । ଏହି ସମୟରେ ମନରେ ଖେଳିଯାଏ ଆତଙ୍କ ! ୧୯୯୮ ମସିହା ଭଳି ଓଡ଼ିଶାର ଅବସ୍ଥା ହେବନି ତ ? ଏଭଳି ଅନେକ ପ୍ରଶ୍ନ ମନରେ ଆସିଯାଏ । ୧୯୯୯ ମସିହାରେ ଘଟିଥିବା ଓଡ଼ିଶାର ମହାବାତ୍ୟା ଏକ ବଡ଼ ପ୍ରାକୃତିକ ବିପର୍ଯ୍ୟୟ ଏବଂ ୧୯୯୮ ମସିହାରେ ଘଟିଥିବା ଅଂଶୁଘାତ ଜନିତ ମୃତ୍ୟୁବରଣ, ଯାହା ପ୍ରାକୃତିକ ସ୍ୱାସ୍ଥ ସମସ୍ୟାର ବଡ଼ ବିପର୍ଯ୍ୟୟକୁ ଓଡ଼ିଶାବାସୀ କେବେ ଭୁଲି ପାରିବେ ନାହିଁ । ବର୍ଷା ଆସିଲେ ଯେମିତି ଓଡ଼ିଶା ମହାବାତ୍ୟା ୧୯୯୯ ମସିହା କଥା ମନେ ପଡ଼ିଥାଏ, ସେହିପରି ଗ୍ରୀଷ୍ମ ଆସିଲେ ୧୯୯୮ ମସିହାର ଅଂଶୁଘାତ କଥା ମନେ ପଡ଼ିଥାଏ । ଏହା ଓଡ଼ିଶା ଇତିହାସରେ ସବୁଠାରୁ ଭୟଙ୍କର ଗ୍ରୀଷ୍ମ ପ୍ରବାହ ହୋଇଥିଲା, ଯେଉଁଥିରେ ସରକାରୀ ରିପୋର୍ଟ ଅନୁଯାୟୀ ୨,୦୪୨ ଜଣଙ୍କର ମୃତ୍ୟୁ ଘଟିଥିଲା । ସେହି ବର୍ଷ ଓଡ଼ିଶାରେ ତାପମାତ୍ରା ପ୍ରାୟ ୪୯.୫ ଡିଗ୍ରୀ



ସେଲସିୟସରେ ପହଂଚିଥିଲା । ସେହିପରି ୧୯୯୯ରେ ୯୧ ଜଣ, ୨୦୦୦ ରୁ ୨୦୦୪ରେ ହାରାହାରି ୩୦ ରୁ ୬୦ ଜଣ (ପ୍ରତିବର୍ଷ), ୨୦୦୫ରେ ୨୩୬ ରୁ ଅଧିକ ଜଣ, ୨୦୧୦ରେ ୧୦୦ରୁ ଅଧିକ ଜଣ, ୨୦୧୫ରେ ପ୍ରାୟ ୨୧ ଜଣ, ୨୦୧୯ରେ ୧୮୪ ଜଣ, ୨୦୨୩ରେ ୧୧୧ ଜଣ, ୨୦୨୪ରେ ୪୧ ଜଣଙ୍କର ମୃତ୍ୟୁ ହୋଇଥିଲା, ଯାହା ସରକାରୀ ତଥ୍ୟରେ ଉଲ୍ଲେଖ କରାଯାଇଛି । ସ୍ୱତନ୍ତ୍ର ରିଲିଫ କମିଶନର (SRC) ଙ୍କ ସୂଚନା ଅନୁସାରେ ୨୦୨୬ ମେ ମାସ ସୁଦ୍ଧା ରାଜ୍ୟରେ ତିନି ଜଣଙ୍କର ଅଂଶୁଘାତ ଜନିତ ମୃତ୍ୟୁ ହୋଇଥିବା ଖବର ପ୍ରକାଶ ପାଇଛି । ଓଡ଼ିଶା ସରକାରଙ୍କ ବିପର୍ଯ୍ୟୟ ପରିଚାଳନା ବିଭାଗ (OSDMA) ତଥା ରାଜ୍ୟ ସରକାରଙ୍କ ସତର୍କତା ଯୋଗୁଁ ଅଂଶୁଘାତ ମୃତ୍ୟୁକୁ ରୋକିବା ପାଇଁ ସ୍ୱତନ୍ତ୍ର ପଦକ୍ଷେପ ନିଆଯାଉଛି । ସରକାରଙ୍କ ବିଭିନ୍ନ ସଚେତନତା ଓ ପ୍ରତିଷେଧକ ବ୍ୟବସ୍ଥା ଯୋଗୁଁ ଅଂଶୁଘାତ ଜନିତ ମୃତ୍ୟୁସଂଖ୍ୟାକୁ ବହୁତ କମାଯାଇ ପାରିଛି । ସାରା ଓଡ଼ିଶାରେ ଏବେର ଖବର କହିଲେ ଅଂଶୁଘାତ, ଅଂଶୁଘାତ ପ୍ରତି ସାବଧାନ, ଜନସାଧାରଣଙ୍କୁ ସତର୍କ ଓ ସଚେତନ ନେଇ ରେଡ଼ିଓ ଏବଂ ଟିଭିରେ ପରିବେଷଣ କରାଯାଉଛି, ଆଲୋଚନା ହେଉଛି । ପ୍ରତି ଜନସାଧାରଣଙ୍କ ମୋବାଇଲରେ ମେସେଜ ଦିଆଯାଉଛି । ଖରାରେ ବାହାରକୁ ନଯିବାକୁ ନିର୍ଦ୍ଦେଶ ଦିଆଯାଉଛି । ଭୋକ ଜ୍ୱାଳାରେ ହେଉ କିମ୍ବା ଅନ୍ୟ କିଛି କାମରେ ମଣିଷଟିଏ ଡହ ଡହ ଖରାରେ ବାହାରି ଅଂଶୁଘାତରେ ଶିକାର ହେଉଛି, ଯାହାକି ପାରିବାରିକ ସମସ୍ୟା ଥାଇପାରେ । କିନ୍ତୁ ହୀରା ପରି ମୂଲ୍ୟବାନ ଜୀବନଟିଏ ସେ ହରେଇ ଦେଉଛି । ଅନ୍ୟମାନଙ୍କୁ ଦୁଃଖ ଦେଇ ବିଦାୟ ସେ ନେଇଯାଏ ଚିରଦିନ ପାଇଁ ଏ ମାୟା ସଂସାରରୁ । ଏତିକିବେଳେ ସରକାରୀ ଅନୁକମ୍ପା ପାଇଁ ଅଂଚଳବାସୀ ମିଶି ଆନ୍ଦୋଳନ କରିବାରେ ଅଗ୍ରସର ହୁଅନ୍ତି । ଏପଟେ ସରକାରୀ କର୍ମଚାରୀ ମାନେ ଅଂଚଳବାସୀଙ୍କୁ ବୁଝାଇ ବୁଝାଇ ନାକେଦମ ହୁଅନ୍ତି । ଏଭଳି ସମସ୍ୟା ମଧରେ ଗ୍ରୀଷ୍ମ ପ୍ରବାହ ସରି ଆସେ, ବର୍ଷା ଋତୁ ଧରାପୃଷ୍ଠରେ ପଦାର୍ପଣ କରେ । ପୁଣିଥରେ ପ୍ରକୃତି ହସି ଉଠେ । ଏବେ ସମୟ ଆସିଛି, ଚାଲନ୍ତୁ ଆମେ ସମସ୍ତେ ନିଜକୁ ନିଜେ ପଚାରିବା, ଆମେ ସବୁଜ ବନାନୀ ଛାଡ଼ି କୁଆଡ଼େ ଚାଲିଯାଉଛୁ ଆମେ ଆମ ବଂଶଧରମାନଙ୍କୁ ନେଇ ? କମ୍‌ସେକମ୍ ଥରେ ତ ନିଜକୁ ପ୍ରଶ୍ନ ପଚାରିବା । ପ୍ରକୃତିକୁ ସୁରକ୍ଷା ଦେଲେ ଏ ସମସ୍ୟା ଉପୁଜିନଥାନ୍ତେ । ତେଣୁ ଏବେ ବି କିଛି ସମୟ ଅଛି, ବିଚାର କରିବାର । ହୁଏତ ସଂପୂର୍ଣ୍ଣ ପୃଥିବୀ ଧ୍ୱଂସ ହେବା ପୂର୍ବରୁ ଏହା ଆମ ପାଇଁ ଶେଷ ସୁଯୋଗ ହୋଇ ପାରେ । ହାତଛଡ଼ା ନକରି ପରିବେଶ ଉପରୁ ଯେତେସବୁ ଚାପ କମେଇବାକୁ ପଡ଼ିବ । ପ୍ରକୃତିକୁ ଫେରାଇ ଦେବାକୁ ପଡ଼ିବ ତା'ର ଦୃଢ଼ ସବୁଜିମା, ତା'କୁ ତା' ନିଜ ହିସାବରେ ନିଜ ବାଗରେ ଚାଲିବାକୁ ଛାଡ଼ିଦେଲେ ପୃଥିବୀ ସବୁଜିମା ହେବ, ସୁସ୍ଥ ପରିବେଶ ପୁଣିଥରେ ହସିହସି ଗଢ଼ି ଉଠିବ । ତେବେ ହୁଏତ ପ୍ରକୃତି ଆମକୁ କ୍ଷମା ଦେଇପାରେ, ଅଂଶୁଘାତରୁ ରକ୍ଷା ମିଳିପାରେ ।


*ବାଲେଶ୍ୱର, ମୋ.୯୩୩୭୪୦୪୨୫୪*

# ସମସ୍ୟାକୁ ନେଇ ସୁଖ ଓ ଦୁଃଖ

◆ ତ୍ରିନାଥ ଓଝା

ସୁଖ-ଦୁଃଖ, ହସ-କାନ୍ଦ ମାନବ ଜୀବନର ଚିର ସହଚର । କିନ୍ତୁ ଏକଥା ବାରାଣସୀର ଜଣେ କୃଷକ ବୁଝି ପାରୁନଥିଲା । ସେ ସର୍ବଦା ନିଜ ସମସ୍ୟାକୁ ନେଇ ଦୁଃଖି ରୁହେ । ଏହା ଦେଖି ତାର ଜଣେ ବନ୍ଧୁ ଗୌତମ ବୁଦ୍ଧଙ୍କୁ ଭେଟିବାକୁ ପରାମର୍ଶ ଦେଲେ । ବନ୍ଧୁର ପରାମର୍ଶ କ୍ରମେ କୃଷକଟି ବୁଦ୍ଧଙ୍କ ନିକଟକୁ ଗଲା । ସେ ଗୋଟିଏ ପରେ ଗୋଟିଏ ସମସ୍ୟା କହି ଚାଲୁଥାଏ । ପ୍ରଥମେ କୃଷକଟି କହିଲା, ହେ ମହାତ୍ମା ମୁଁ ଜଣେ କୃଷକ । ମୁଁ ଚାଷରୁ ଜୀବିକା ନିର୍ବାହ କରୁଛି । କିନ୍ତୁ ଏ ବର୍ଷ ବର୍ଷା ହେଲାନାହିଁ, ମୋ ପରିବାର ଭୋକ ଉପାସରେ କାଳାତିପାତ କରୁଛନ୍ତି । ବୁଦ୍ଧ କୃଷକଟିର କଥା ଶାନ୍ତଚିତରେ ଶୁଣୁଥାନ୍ତି । କୃଷକଟି ପୁନଶ୍ଚ କହିଲା, ମୁଁ ମୋ ପତ୍ନୀକୁ ବହୁତ ପ୍ରେମ କରେ, କିନ୍ତୁ ବେଳେ ବେଳେ ତାଙ୍କ କଥା ମୋତେ କଷ୍ଟ ଦିଏ, ତେଣୁ ମୁଁ ଭାବେ ସେ ମୋ ଜୀବନରେ ନ ଥିଲେ ଭଲ ହୋଇଥାନ୍ତା । ମୁଁ ମୋ ପିଲାଙ୍କୁ ବହୁତ ସ୍ନେହ କରେ । ସେମାନେ ବି ବହୁତ ଭଲ, କିନ୍ତୁ ସେମାନେ ମୋତେ ଅବଜ୍ଞା କରୁଛନ୍ତି । ଏଭଳି ଭାବେ କୃଷକଟି ଗୋଟିଏ ପରେ ଗୋଟିଏ ସମସ୍ୟା କହିଚାଲୁ ଥାଏ, ଆଉ କିଛି ସମସ୍ୟା ନଥିବାରୁ ସେ ଚୁପଚାପ ବସିପଡ଼ିଲେ । କୃଷକଟି ଭାବିଲା ବୁଦ୍ଧ ନିଶ୍ଚୟ ତା ସମସ୍ୟାର ସମାଧାନ କରିବେ । ବୁଦ୍ଧ ଧ୍ୟାନମଗ୍ନ, ସେ କୃଷକଟିକୁ କିଛି କହିଲେ ନାହିଁ । କୃଷକଟି ବୁଦ୍ଧଙ୍କ ଧ୍ୟାନଭଗ୍ନ କରି କହିଲା, ହେ ମହାତ୍ମା ଆପଣ ମୋ ସମସ୍ୟାର କିଛି ସମାଧାନ କରନ୍ତୁ । ମୁଁ ଆପଣଙ୍କ ନିକଟକୁ ବହୁ ଆଶା ନେଇ ଆସିଛି । କୃଷକଟିର କଥା ଶୁଣି ବୁଦ୍ଧ କହିଲେ, ତୁମ ସମସ୍ୟାର ସମାଧାନ ହୋଇ ପାରିବ ନାହିଁ । ମନୁଷ୍ୟ କେବେ ଖୁସିରେ ଥାଏ ତ କେବେ ଦୁଃଖରେ, ଏଥିରେ ବିଚଳିତ ହେବା ଆଦୌ ଉଚିତ ନୁହେଁ । ଜୀବନରେ ଅନେକ ସମସ୍ୟା ରହିଛି, ସମସ୍ତ ସମସ୍ୟାର ସମାଧାନ ଅସମ୍ଭବ । ଗୋଟିଏ ସମସ୍ୟାର ସମାଧାନ, ଅନ୍ୟ ସମସ୍ୟା ସୃଷ୍ଟି କରିଥାଏ । ଏକଥା ଶୁଣି କୃଷକଟି କ୍ରୋଧିତ ହୋଇଗଲା ଏବଂ କହିଲା ତୁମେ ଜଣେ ଠକ । ଲୋକମାନେ ତୁମକୁ ଅଯଥାରେ ବିଶ୍ୱାସ କରୁଛନ୍ତି । ତୁମଠାରୁ ତ ଭଲ ସେ ସାଧୁ । ଯିଏ କିଛି ମାସ ତଳେ ମୋ ଘରକୁ ଆସି ପୂଜା ପାଠ କରିଥିଲେ । ମନକୁ ଟିକିଏ ଶାନ୍ତି ମିଳିଥିଲା । ଏ କଥା ଶୁଣି କୃଷକଟିକୁ ବୁଦ୍ଧ ପଚାରିଲେ, ତେବେ କ'ଣ ତୁମ ସମସ୍ୟାର ସମାଧାନ ହୋଇଗଲା ? କୃଷକ ନିରବରେ ବୁଦ୍ଧଙ୍କୁ ଚାହୁଁଥାନ୍ତି । ବୁଦ୍ଧ କହିଲେ, ତୁମେ ତୁମର ଚତୁଃପାର୍ଶ୍ୱ ଦେଖି କାହାର ଦୁଃଖ ନାହିଁ କୁହ । ସମସ୍ତଙ୍କୁ ନିଜ ଦୁଃଖ ବଡ଼ ଲାଗେ । ତୁମେ ଚାହୁଁଛ, ତୁମ ଜୀବନରେ କୌଣସି ସମସ୍ୟା ନ ଆସୁ, କିନ୍ତୁ ଏହା ହିଁ ସମସ୍ୟାର ମୂଳ ଜଡ଼ । ଯଦି ତୁମେ ଧ୍ୟାନର ସହ ଜୀବନକୁ ଅନୁକ୍ଷଣ କରିବ, ଦେଖିବ ଯେ ଜୀବନ ସବୁ ପ୍ରକାର ଦୁଃଖରେ ପରିପୂର୍ଣ୍ଣ । ଏହାକୁ କେବେ ପରିବର୍ତନ କରାଯାଇ ପାରିବ ନାହିଁ । ଯଦି ତୁମେ ଚାହୁଁଛ ଯେ, ତୁମ ଜୀବନରେ କୌଣସି ସମସ୍ୟା ନ ଆସୁ, ତେବେ ଏହା ସମ୍ଭବ ନୁହେଁ । ମୁଁ ତୁମର କିଛି ସମସ୍ୟାର ସମାଧାନ କରିପାରିବି, କିନ୍ତୁ ସବୁ ସମସ୍ୟାର ସମାଧାନ ମୋ ପକ୍ଷେ ଅସମ୍ଭବ । ବୁଦ୍ଧଙ୍କ କଥା ଶୁଣି କୃଷକଟି ବୁଦ୍ଧଙ୍କ ଚରଣତଳେ ପଡ଼ି କହିଲା, ହେ ମହାତ୍ମା ମୁଁ ଆଜି ପର୍ଯ୍ୟନ୍ତ ଏତେ ଛୋଟକଥା ବୁଝି ପାରୁନଥିଲି । ଆପଣ ଏହା ସରଳ ଭାବେ ବୁଝାଇଦେଲେ । ଏଥିପାଇଁ ମୁଁ କୃତଜ୍ଞ । ବର୍ତମାନ ମୁଁ ଖୁସି ଏବଂ ଦୁଃଖର ସମ୍ମୁଖୀନ ହୋଇ ମୋ ଜୀବନକୁ ନଷ୍ଟ କରିବି ନାହିଁ ।

*ଭାଗବତ ଗାଦି ବଡ଼ଦାଣ୍ଡ, ଧବଳେଶ୍ୱର ଗଡ଼ା, କଟକ, :୯୨୩୮୬୦୨୮୨୫*



# ମହାରାଜା ଶ୍ରୀରାମଚନ୍ଦ୍ର ଭଞ୍ଜଦେଓ ବିଶ୍ୱବିଦ୍ୟାଳୟରେ ବିଶ୍ୱ ପରିବେଶ ଦିବସ ପାଳିତ




ବାରିପଦା : ମହାରାଜା ଶ୍ରୀରାମଚନ୍ଦ୍ର ଭଞ୍ଜଦେଓ ବିଶ୍ୱବିଦ୍ୟାଳୟର ବିଶ୍ୱ ପରିବେଶ ଦିବସ ଅବସରରେ "ଧାରଣକ୍ଷମ ଷ୍ଟାର୍ଟଅପ୍ ଉପରେ ମାନସମନ୍ଥନ" ଏବଂ 'କ୍ଲାଇମେଟ୍ ଦିଦି' ଓ 'କ୍ଲାଇମେଟ୍ ଷ୍ଟାର୍ଟଅପ୍'ର ଯୁଗ୍ମ ଲୋକାର୍ପଣ ଅନୁଷ୍ଠିତ ହୋଇ ଯାଇଛି । ପ୍ରଧାନମନ୍ତ୍ରୀ ଉଚ୍ଚତର ଶିକ୍ଷା ଅଭିଯାନ (ପିଏମ୍-ଉଷା) ପ୍ରଯୋଜିତ ଏହି କାର୍ଯ୍ୟକ୍ରମକୁ କୁଳପତି ପ୍ରଫେସର ମହେନ୍ଦ୍ର କୁମାର ମହାନ୍ତି ମୁଖ୍ୟ ପୃଷ୍ଠପୋଷକ ଭାବେ ଯୋଗ ଦେଇ ଉଦ୍‌ଘାଟନ କରିଥିଲେ । ସ୍ନାତକୋତର ପରିଷଦର ଅଧ୍ୟକ୍ଷ ପ୍ରଫେସର କମଳ ଲୋଚନ ବାରିକ ଅଧ୍ୟକ୍ଷତା କରିଥିଲେ । କୁଳପତି ପ୍ରଫେସର ମହାନ୍ତି ନିଜ ବକ୍ତବ୍ୟରେ କହିଥିଲେ ଯେ ପରିବେଶ ସଂରକ୍ଷଣ ଏବଂ ଅର୍ଥନୈତିକ ବିକାଶର ସମନ୍ୱୟ ହିଁ ଆଧୁନିକ ସମୟର ମୂଳ ମନ୍ତ୍ର; ଯୁବକମାନେ ଧାରଣକ୍ଷମ ଷ୍ଟାର୍ଟଅପ୍ ଆରମ୍ଭ କରି କେବଳ ନିଜର ରୋଜଗାର ସୃଷ୍ଟି ନୁହେଁ, ସମାଜରେ ପରିବର୍ତ୍ତନ ଆଣିବା ସହ ଜଳବାୟୁ ପରିବର୍ତ୍ତନ ମୁକାବିଲା ପାଇଁ ଗୁରୁତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କରିପାରିବେ । ବିଶ୍ୱବିଦ୍ୟାଳୟ ଏହିପରି ଉଦ୍ୟୋଗକୁ ସର୍ବଦା ପ୍ରୋତ୍ସାହିତ କରିବ ବୋଲି ସେ ପ୍ରତିଶ୍ରୁତି ଦେଇଥିଲେ । ଅର୍ଗାନିକ୍ ସ୍ନେକ୍ ପ୍ରାଇଭେଟ୍ ଲିମିଟେଡ୍ ଏବଂ ବାୟୋର୍ଆଟିଏମ୍ ଇଣ୍ଡଷ୍ଟ୍ରି, କାନାଡାର କଂଟ୍ରି ମ୍ୟାନେଜର ଡଃ ସୁଶାନ୍ତ କୁମାର ଦାସ ମୁଖ୍ୟ ଅତିଥି ଭାବେ ଯୋଗଦେଇ ନିଜ ବକ୍ତବ୍ୟରେ ଧାରଣକ୍ଷମ ଷ୍ଟାର୍ଟଅପ୍ ହେଉଛି ଭବିଷ୍ୟତର ଚାବି; ଜୈବିକ କୃଷି, ପରିବେଶ-ଅନୁକୂଳ ପ୍ରଯୁକ୍ତି ଏବଂ ପୁନଃବ୍ୟବହାରଯୋଗ୍ୟ ଉପାଦାନ ଉପରେ ଆଧାରିତ ଉଦ୍ୟୋଗ ମାଧ୍ୟମରେ ଆମେ କେବଳ ଆର୍ଥିକ ସ୍ୱାବଲମ୍ବୀ ହେବୁ ନାହିଁ, ବରଂ ଆଗାମୀ ପିଢ଼ି ପାଇଁ ଏକ ସୁସ୍ଥ ପରିବେଶ ଛାଡ଼ି ଯିବୁ । ବିଶ୍ୱବିଦ୍ୟାଳୟର ଛାତ୍ରଛାତ୍ରୀ ମାନେ ଏହି କ୍ଷେତ୍ରରେ ଉଦ୍ୟମୀ ହେବା ଉଚିତ୍ ବୋଲି ସେ ମତପୋଷଣ କରିଥିଲେ । ଏହି ଅବସରରେ ଅତିଥି ମାନଙ୍କ ଦ୍ୱାରା ଏକ ଯୁବ-କୈନ୍ଦ୍ରିକ ପଦକ୍ଷେପ ହିସାବରେ 'କ୍ଲାଇମେଟ୍ ଦିଦି' ଓ 'କ୍ଲାଇମେଟ୍ ଷ୍ଟାର୍ଟଅପ୍'ର ଲୋକାର୍ପଣ କରାଯାଇଥିଲା । ବିଶ୍ୱବିଦ୍ୟାଳୟର ପିଏମ୍-ଉଷା ୟୁନିଭର୍ସିଟି ନୋଡାଲ୍ ଅଫିସର ପ୍ରଫେସର୍ ଇନ୍ଦ୍ରଜିତ୍ ନାଏକ ନିଜ ବକ୍ତବ୍ୟରେ ପିଏମ୍-ଉଷା ଯୋଜନା ଅଧୀନରେ ଏହିପରି ସମ୍ବେଦୀକରଣ କାର୍ଯ୍ୟକ୍ରମ ବିଶ୍ୱବିଦ୍ୟାଳୟର ଗୁଣବତା ବୃଦ୍ଧି କରିବ ଏବଂ ଆଗାମୀ ଦିନର ଜଳବାୟୁ ସଙ୍କଟର ଆହ୍ୱାନ ଗୁଡ଼ିକର ମୁକାବିଲାରେ ସହାୟକ ହେବ ବୋଲି କହିଥିଲେ । ସ୍ନାତକୋତର ପରିଷଦର ଅଧ୍ୟକ୍ଷ ପ୍ରଫେସର କମଳ ଲୋଚନ ବାରିକ ନିଜ ବକ୍ତବ୍ୟରେ ଛାତ୍ରଛାତ୍ରୀଙ୍କୁ ଉଦ୍ୟମିତା ଦିଗରେ ଏଭଳି କାର୍ଯ୍ୟକ୍ରମ ପ୍ରୋତ୍ସାହିତ କରିବ ବୋଲି କହିଥିଲେ । ବିଶ୍ୱବିଦ୍ୟାଳୟର ସଚେତନତା ଓ ସମ୍ବେଦୀକରଣ ସଂଯୋଜକ ତଥା ଆବାହକ ପ୍ରଫେସର ରାଜେଶ କୁମାର ସିଂ ସ୍ୱାଗତ ଭାଷଣ ପ୍ରଦାନ କରିଥିଲେ । କାର୍ଯ୍ୟକାରୀ ସମ୍ପାଦିକା ଡ. ବିଷ୍ଣୁପ୍ରିୟା ହାଁସଦା ଅତିଥି ପରିଚୟ ପ୍ରଦାନ କରିଥିଲେ ଓ ଯୁଗ୍ମ ସମ୍ପାଦକ ଡ. ଶୁଭେନ୍ଦୁ କୁମାର ଶତପଥୀ ଧନ୍ୟବାଦ ଅର୍ପଣ କରିଥିଲେ । ଏହି କାର୍ଯ୍ୟକ୍ରମରେ ଆମନ୍ତ୍ରିତ ବକ୍ତା ହିସାବରେ ପୂର୍ବୋଦୟ ଓଡ଼ିଶାର ଆବାହକ ଶ୍ରୀ ଓଁକାର ପରିଡ଼ା, ପୂର୍ବୋଦୟ ଓଡ଼ିଶା ଫାଉଣ୍ଡେସନର ଶ୍ରୀ ଚଣ୍ଡୀ ପ୍ରସାଦ ସୁଆର ପ୍ରମୁଖ ନିଜର ବକ୍ତବ୍ୟ ପ୍ରଦାନ କରିଥିଲେ । କାର୍ଯ୍ୟକ୍ରମ ପରିଚାଳନାରେ ରସାୟନ ବିଜ୍ଞାନ ବିଭାଗର ଡ. ଲିଙ୍ଗରାଜ ବେହେରା ଓ ଡ. ଆଶିଷ କୁମାର ଜେନା ସହଯୋଗ କରିଥିଲେ । ଏହି କାର୍ଯ୍ୟକ୍ରମରେ ବିଶ୍ୱ ବିଦ୍ୟାଳୟର ଶିକ୍ଷକ ଶିକ୍ଷୟିତ୍ରୀ, ଗବେଷକ ଓ ସ୍ନାତକୋତର ଛାତ୍ରଛାତ୍ରୀ, ଅଣଶିକ୍ଷକ କର୍ମଚାରୀ ଏଭଳି ୨୦୦ରୁ ଉର୍ଦ୍ଧ୍ୱ ଅଂଶଗ୍ରହଣକାରୀ ଯୋଗଦାନ କରିଥିଲେ । ଏହି ଅବସରରେ ବିଶ୍ୱବିଦ୍ୟାଳୟ କ୍ୟାମ୍ପସରେ ବୃକ୍ଷରୋପଣ କରାଯାଇଥିଲା ।

# ଶ୍ରମିକ ପେଣ୍ଠସ୍ଥଳୀରେ ଅଂଶୁଘାତ ଉପରେ ସଚେତନତା ଓ ଜଳସେବା




ଭୁବନେଶ୍ୱର : ସ୍ଥାନୀୟ ନୟାପଲ୍ଲୀ ଶ୍ରମିକ ପେଣ୍ଠସ୍ଥଳୀରେ ଅଂଶୁଘାତ ଉପରେ ସଚେତନତା ଓ ଜଳ ସେବା କାର୍ଯ୍ୟକ୍ରମ ଆକ୍ସନଏଡ୍ ତରଫରୁ ଆୟୋଜିତ ହୋଇ ଯାଇଅଛି । ବିଶ୍ୱ ପରିବେଶ ଦିବସ ଅବକାଶରେ ଦହି ପଣା ବଂଟନ କରାଯାଇଥିଲା । ଉକ୍ତ କାର୍ଯ୍ୟକ୍ରମକୁ ଆକ୍ସନଏଡ୍‌ର ସହଯୋଗୀ ନିର୍ଦ୍ଦେଶକ ଦେବବ୍ରତ ପାତ୍ର ଓ କେନ୍ଦ୍ର ସଂଚାଳକ ସଦାଶିବ ସ୍ୱାଇଁ ଉଦ୍‌ଘାଟନ କରି କହିଲେ ଯେ- ଅଂଶୁଘାତ ପ୍ରତି ସମସ୍ତେ ସଚେତନତା ହେବା ଜରୁରୀ । ସଚେତନତା ସତର୍କତା ହିଁ ସୁରକ୍ଷା । ଶ୍ରମିକ ମାନେ ଖରାରେ କଠିନ ପରିଶ୍ରମ କରନ୍ତୁନାହିଁ । ବାହାରକୁ ଯିବା ସମୟରେ ପାଣି ବୋତଲ ସାଙ୍ଗରେ ନିଅନ୍ତୁ । ଜଳ ଶୁଷ୍କତାରୁ ରକ୍ଷା ପାଇବା ପାଇଁ ଅଧିକ ପାଣି, ଓ.ଆର୍.ଏସ୍.ର ଦ୍ରବଣ, ପଣା, ତୋରାଣି, ଘୋଳ ଦହି ଓ ଆଖୁରସ ପିଅନ୍ତୁ । ଏଭଳି ଅନେକ ସଚେତନତାର ବାର୍ତା ଶ୍ରମିକ ମାନଙ୍କୁ ବାଂଟିଥିଲେ । ଉକ୍ତ ସଚେତନତା କାର୍ଯ୍ୟକ୍ରମରେ ୫୦୦ରୁ ଅଧିକ ଶ୍ରମିକ ସାମିଲ ହୋଇଥିଲେ । ଅଂଶୁଘାତ ପ୍ରତି ସାବଧାନ ସଂକ୍ରାନ୍ତୀୟ ପ୍ରଚର ପତ୍ର ବ□ନ କରାଯାଇଥିଲା । ଏଥିରେ ଶୁଭେନ୍ଦୁ କୁମାର ରାୟ, ମାନସ ରନ ପ୍ରଧାନ, ଶିବ ସାହୁ, ସରସ୍ୱତୀ ପରିଡା, ଅର୍ଜୁନ ଦିଗଲ, ସୌମ୍ୟରନ ଦାସ, ଗୀତାଳୀ ପଣ୍ଡା, କଲ୍ୟାଣୀ ରାଉତ, ବିଷ୍ଣୁପ୍ରିୟା ସାମଲ ଓ ସ୍ୱର୍ଣ୍ଣପ୍ରିୟା ସେନାପତି ପ୍ରମୁଖ ସାମିଲ ହୋଇଥିଲେ ।

# ପୋଲିଓ ନିରାକରଣ ସହ ଡେଙ୍ଗୁ,ମ୍ୟାଲେରିଆ ଓ ଫାଇଲେରିଆ ନିରାକରଣ ସଚେତନତା କାର୍ଯ୍ୟକ୍ରମ ଆୟୋଜନ ନିମନ୍ତେ ବୈଠକ

କଟକ : (ନି.ପ୍ର.) ଜିଲ୍ଲା ସ୍ୱାସ୍ଥ୍ୟ ସେବା ସମିତି ପକ୍ଷରୁ ପୋଲିଓ ନିରାକରଣ, ଡେଙ୍ଗୁ,ମ୍ୟାଲେରିଆ ଓ ଫାଇଲେରିଆ ନିରାକରଣ ସଚେତନତା କାର୍ଯ୍ୟକ୍ରମ ଆୟୋଜନ ନିମନ୍ତେ ଜିଲ୍ଲାପାଳ ଓ ଜିଲ୍ଲା ମାଜିଷ୍ଟ୍ରେଟ୍ ଶ୍ରୀ ଦତାତ୍ରୟ ଭାଉସାହେବ ଶିନ୍ଦେଙ୍କ ଅଧ୍ୟକ୍ଷତାରେ ଜିଲାପାଳଙ୍କ ସଦଭାବନା ଗୃହଠାରେ ଅନୁଷ୍ଠିତ ହେଇଯାଇଛି । ଜିଲ୍ଲାସ୍ତରରେ ଲୋକମାନଙ୍କୁ ସଚେତନତା କରିବା ଥିଲା ଉକ୍ତ ବୈଠକର ମୁଖ୍ୟ ଉଦ୍ଦେଶ୍ୟ । ଜିଲ୍ଲାପାଳ ଶ୍ରୀ ଶିନ୍ଦେ ଜିଲ୍ଲା ସ୍ତରରୁ ଗ୍ରାମାଂଚଳ ପର୍ଯ୍ୟନ୍ତ ଗୋଟେ ଦିନ ଡ୍ରାଏ ଡେ (ୟକ୍ସଚ ୟବଚ)ପାଳନ କରିବା ଅର୍ଥାତ ପାଣି ଜମିଥିବା ସ୍ଥାନଗୁଡିକୁ ଶୁଖିଲା ରଖିବା , ବିଦ୍ୟାଳୟ ଓ ଅଙ୍ଗନବାଡି କେନ୍ଦ୍ର ମାନଙ୍କରେ ପରିଷ୍କାର ପାରିଛନତା ରକ୍ଷା କରିବା, ଜ୍ୱର ହେବା ମାତ୍ରେ ଖୁବ ଶୀଘ୍ର ରକ୍ତ ପରୀକ୍ଷା କରି ଔଷଧ ସେବନ କରିବା, ମଶାରି ଟାଙ୍ଗି ଶୋଇବା,ଗାଁ କଲ୍ୟାଣ ସମିତି ଓ ପଂଚାୟତରାଜ ସଦସ୍ୟ ମାନଙ୍କୁ ନେଇ ସଚେତନତା ସଭା ଆଦି ଅୟୋଜନ କରିବା, ଡେଙ୍ଗୁ ପ୍ରବଣ ସ୍ଥାନରେ ନୋଟିସ ଲଗାଇ ପରିବେଶକୁ ସଫା କରିବା ଇତ୍ୟାଦି ଉପରେ ପରାମର୍ଶ ଦେଇଥିଲେ । କାର୍ଯ୍ୟକ୍ରମ ଅୟୋଜନ ପୂର୍ବକ ଜୁନ ମାସ ୨୮ ତାରିଖରେ ଜନ୍ମରୁ ୫ବର୍ଷ ବୟସର ସମସ୍ତ ପିଲାଙ୍କୁ ପୋଲିଓ ନିରାକରଣ ନିମନ୍ତେ ପୋଲିଓ ଦେବା,(ପ୍ରଥମ ଦିନ ୨୮ତାରିଖ ରବିବାରରେ ବୁଥରେ) ଏବଂ ୨୯ ଓ ୩୦ ତାରିଖରେ ଘର ଘର ବୁଲି ପଲସ ପୋଲିଓ କାର୍ଯ୍ୟ କରାଯିବ । ଜୁନ ୧୬ରୁ ଜୁଲାଇ ୩୧ତାରିଖ ମଧ୍ୟରେ ୨ ମାସରୁ ୫ବର୍ଷର ପିଲାମାନଙ୍କୁ ଡାଇରିଆରୁ ରକ୍ଷା ପାଇବା ପାଇଁ ଓ. ଆର. ଏସ ଏବଂ ଜିଙ୍କ ବଟିକା ଦିଆଯିବ । ଏହି କାର୍ଯ୍ୟକ୍ରମ ଘରେ ଘରେ ଓ ସ୍ୱାସ୍ଥ୍ୟକେନ୍ଦ୍ର ମାନଙ୍କରେ କରାଯିବା ନେଇ ବୈଠକରେ ଆଲୋଚନା କରଯାଇଥିଲା । ଜିଲ୍ଲା ସ୍ୱାସ୍ଥ୍ୟ ବିଭାଗ ପକ୍ଷରୁ ଡେଙ୍ଗୁ ଓ ମ୍ୟାଲେରିଆ ଆକ୍ରାନ୍ତଙ୍କ ସଂଖ୍ୟା ସଂପର୍କରେ ସୂଚନା ପ୍ରଦାନ କରଯାଇଥିଲା । ସୂଚନା ଅନୁଯାୟୀ ଗତ ବର୍ଷ ଡେଙ୍ଗୁରେ ୧୬୩ ଜଣ ଆକ୍ରାନ୍ତ ହୋଇଥିବା ବେଳେ ଚଳିତ ବର୍ଷ ଏପର୍ଯ୍ୟନ୍ତ ମାତ୍ର ୧୬ ଜଣ ଆକ୍ରାନ୍ତ ହୋଇଛନ୍ତି । ସେହିପରି ଗତ ବର୍ଷ ମ୍ୟାଲେରିଆରେ ୨୪୮ଜଣ ଆକ୍ରାନ୍ତ ହୋଇଥିବା ବେଳେ ଚଳିତ ବର୍ଷ ଏପର୍ଯ୍ୟନ୍ତ ମାତ୍ର ୩୪ଜଣ ଆକ୍ରାନ୍ତ ହୋଇଛନ୍ତି । ଆଜିର ଏହି ବୈଠକରେ ଅତିରିକ୍ତ ଜିଲ୍ଲାପାଳ ଇସ୍ପିତା ପ୍ରିୟଦର୍ଶିନୀ ମିଶ୍ର, ଜିଲ୍ଲା ଚିକିତ୍ସା ଓ ଜନସ୍ୱାସ୍ଥ୍ୟ ଅଧିକାରୀ,ଡାକ୍ତର ପୁଷ୍ପିତା ମହାନ୍ତି, ଡାକ୍ତର ଚିନ୍ତାମଣି ମାହାପାତ୍ର, ଡାକ୍ତର ଅଶୋକ ମିଶ୍ର,ଙ୍କ ସମେତ କଟକ ମହାନଗର ନିଗମ, ଜିଲ୍ଲା ସ୍ୱାସ୍ଥ୍ୟ ସମିତି ଓ ଜିଲ୍ଲାସ୍ତରୀୟ ବିଭଗୀୟ ଅଧିକାରୀ ଓ କର୍ମଚାରୀ ମାନେ ଉପସ୍ଥିତ ଥିଲେ ।

# ବିଶ୍ୱ ପରିବେଶ ଦିବସ ଅବସରରେ ନେଚର ଲଭର୍ସ କ୍ଲବ ତରଫରୁ ସଚେତନତା ରାଲି ଓ ସଭା ଅନୁଷ୍ଠିତ




କଟକ: (ନି. ପ୍ର.)-କଟକର ଅଗ୍ରଣୀ ସାମାଜିକ ଅନୁଷ୍ଠାନ ନେଚର ଲଭର୍ସ କ୍ଲବ, କଟକ ପକ୍ଷରୁ ବିଶ୍ୱ ପରିବେଶ ଦିବସ–୨୦୨୬ ଉପଲକ୍ଷେ ଜୁନ୍ ୫ (ଶୁକ୍ରବାର) ଦୁଇଟି ପର୍ଯ୍ୟାୟରେ ବିଭିନ୍ନ କାର୍ଯ୍ୟକ୍ରମ ଆୟୋଜନ କରାଯାଇଥିଲା । କଟକ ସହରକୁ ସବୁଜ ଓ ପରିବେଶ ଅନୁକୂଳ ନଗରୀରେ ପରିଣତ କରିବା ଏହି କାର୍ଯ୍ୟକ୍ରମର ମୂଳ ଉଦ୍ଦେଶ୍ୟ ଥିଲା । ପ୍ରଥମ ପର୍ଯ୍ୟାୟରେ ସକାଳ ୭.୩୦ ମିନିଟରେ ଗୋପବନ୍ଧୁ ପାର୍କରୁ ଏକ ପରିବେଶ ସଚେତନତା ରାଲି ଆରମ୍ଭ ହୋଇ ବକ୍ସିବଜାର ଛକ ଦେଇ 'ଦି ସମାଜ' କାର୍ଯ୍ୟାଳୟ ପର୍ଯ୍ୟନ୍ତ ଯାଇଥିଲା । ଏହି ରାଲିରେ କଟକ ମହାନଗର ନିଗମର ମାନ୍ୟବର ମେୟର ଶ୍ରୀ ସୁବାସ ସିଂହ ମୁଖ୍ୟ ଅତିଥି ଭାବେ ଯୋଗଦେଇଥିବା ବେଳେ, ସିଏମସି କମିଶନର କୁମାରୀ କିରଣଦୀପ କୌର ସାହୋତା, ଆଇଏଏସ୍ ସମ୍ମାନିତ ଅତିଥି ଭାବେ ଯୋଗଦେଇଥିଲେ । 'ଦି ସମାଜ'ର ପ୍ରିଂଟର ଓ ପ୍ରକାଶକ ଶ୍ରୀ ଆର୍. କେ. ଜେନା ମୁଖ୍ୟ ବକ୍ତା ଭାବେ ଉଦ୍‌ବୋଧନ ଦେଇଥିଲେ । ଦ୍ୱିତୀୟ ପର୍ଯ୍ୟାୟରେ ଏସ୍.ଏସ୍. ଭି.ଏମ୍., ତୁଳସୀପୁର ଠାରେ ଏକ ସଭା ଅନୁଷ୍ଠିତ ହୋଇଥିଲା । ଏହି ସଭାରେ ମାନ୍ୟବର ମେୟର ଶ୍ରୀ ସୁବାସ ସିଂହ ମୁଖ୍ୟ ଅତିଥି ଭାବେ ଯୋଗଦେଇଥିବା ବେଳେ, ରେଭେନ୍ସା ବିଶ୍ୱବିଦ୍ୟାଳୟର ରସାୟନ ବିଜ୍ଞାନ ବିଭାଗର ମୁଖ୍ୟ ପ୍ରଫେସର (ଡ଼.) ସିଦ୍ଧାର୍ଥ ଭରଦ୍ୱାଜ ମୁଖ୍ୟ ବକ୍ତା ଏବଂ ଶ୍ରୀ ଜିତାଶତ୍ରୁ ମହାନ୍ତି, ଆଇଏଫ୍ଏସ୍ ସମ୍ମାନିତ ଅତିଥି ଭାବେ ଯୋଗଦେଇଥିଲେ । ଏସ୍.ଏସ୍. ଭି.ଏମ୍., ତୁଳସୀପୁରର ପ୍ରଧାନ ଆଚାର୍ଯ୍ୟ ଶ୍ରୀ ଚିତରଞ୍ଜନ ଭୁକ୍ତା ସ୍ୱାଗତ ଭାଷଣ ଦେଇଥିଲେ । ନେଚର ଲଭର୍ସ କ୍ଲବର ସମ୍ପାଦକ ଶ୍ରୀ ବୃନ୍ଦାବନ ସାହୁ ସଂଗଠନର ବିବରଣୀ ପାଠ କରିଥିଲେ । ମୁଖ୍ୟ ଅତିଥି ଶ୍ରୀ ସୁବାସ ସିଂହ ତାଙ୍କ ଭାଷଣରେ ଦିନକୁ ଦିନ ବଢୁଥିବା ତାପମାତ୍ରା ଏବଂ ବୃକ୍ଷରୋପଣ ପାଇଁ ଖୋଲା ସ୍ଥାନର ଅଭାବ ନେଇ ଗଭୀର ଚିନ୍ତା ପ୍ରକାଶ କରିଥିଲେ । ସମ୍ମାନିତ ଅତିଥି ଶ୍ରୀ ଜିତଶତ୍ରୁ ମହାନ୍ତି ଏକ ପରିବେଶ ଅନୁକୂଳ ସହର ଗଠନରେ ସାଧାରଣ ଲୋକଙ୍କ ଭୂମିକା ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ ବୋଲି ମତ ପ୍ରକାଶ କରିଥିଲେ । ମୁଖ୍ୟ ବକ୍ତା ପ୍ରଫେସର (ଡ଼.) ସିଦ୍ଧାର୍ଥ ଭରଦ୍ୱାଜ ତାଙ୍କ ବକ୍ତବ୍ୟରେ କହିଥିଲେ ଯେ, ବିକାଶର ଲାଭର ସିଂହଭାଗ କେତେକ ଖଣି ମାଲିକ, ଠିକାଦାର ଏବଂ ଶିଳ୍ପପତିଙ୍କ ପାଖକୁ ଯାଉଥିବା ବେଳେ ସାଧାରଣ ଲୋକମାନେ ପରିବେଶ ପ୍ରଦୂଷଣ ଓ ଅନ୍ୟାନ୍ୟ କୁପ୍ରଭାବ ଭୋଗୁଛନ୍ତି । ସେ ସ୍ଥାୟୀ ଏବଂ ସମାବେଶୀ ବିକାଶର ଆବଶ୍ୟକତା ଉପରେ ଗୁରୁତ୍ୱ ଦେଇଥିଲେ । ପ୍ରଫେସର (ଡ଼.) ଭାରତୀ ବେହେରା ସଭାପତିତ୍ୱ ଅଭିଭାଷଣ ପ୍ରଦାନ କରିଥିଲେ । ଏସ୍.ଏସ୍.ଭି.ଏମ୍. ଉଚ୍ଚ ମାଧ୍ୟମିକ ବିଦ୍ୟାଳୟର ପ୍ରଧାନ ଆଚାର୍ଯ୍ୟ ଡ଼. ହୃଷୀକେଶ ଆଚାର୍ଯ୍ୟ ଧନ୍ୟବାଦ ଅର୍ପଣ କରିଥିଲେ । ସମଗ୍ର କାର୍ଯ୍ୟକ୍ରମକୁ ଡ଼. ଏ. କେ. ଖିଲ୍ଲାର ସୁଚାରୁ ଭାବେ ସମନ୍ୱୟ କରିଥିଲେ । ଏହି ଅବସରରେ ଆୟୋଜିତ ଚିତ୍ରାଙ୍କନ ଏବଂ ବିତର୍କ ପ୍ରତିଯୋଗିତାର କୃତୀ ପ୍ରତିଯୋଗୀମାନଙ୍କୁ ପୁରସ୍କୃତ କରାଯାଇଥିଲା । ଅତିଥି ଓ କ୍ଲବର ସଦସ୍ୟମାନଙ୍କ ଦ୍ୱାରା ବୃକ୍ଷରୋପଣ କାର୍ଯ୍ୟକ୍ରମ ମଧ୍ୟ ସମ୍ପନ୍ନ ହୋଇଥିଲା । "ସବୁଜ କଟକ" ଏବଂ "ସ୍ୱଚ୍ଛ କଟକ" ଗଠନ ଦିଗରେ ଏହି କାର୍ଯ୍ୟକ୍ରମ ଏକ ସଫଳ ଏବଂ ପ୍ରେରଣାଦାୟକ ପଦକ୍ଷେପ ଭାବେ ପରିଗଣିତ ହୋଇଥିଲା ।ଅନ୍ୟ ମାନଙ୍କ ମଧ୍ୟରେ ଡଃ ଡି.ଡି.ଜେନା, ରାଜ କିଶୋର ପଣ୍ଡା, ଇନ୍ଦିରା ନାୟକ, ହିମାଂଶୁ ବାଳା ପଟ୍ଟନାୟକ, ଡଃ ରୋସନାରା ବେଗମ୍, ଡଃ ହେମନ୍ତ କୁମାର ପରିଡା ଇତ୍ୟାଦି ଯୋଗ ଦେଇଥିଲେ ।

# ବାଣୀପୁତ୍ର ନିତ୍ୟାନନ୍ଦ ପାଣିଗ୍ରାହୀଙ୍କ ରଚିତ ଉପନ୍ୟାସ "ଚିଠିଟିଏ ତୁମ ପାଇଁ" ଏବଂ କବିତା ପୁସ୍ତକ "କବିତା କୌସ୍ତୁଭ" ଲୋକାର୍ପିତ

ସୋର : ବାହାନଗା ବ୍ଲକ ଅନ୍ତର୍ଗତ କୋଚିଆକୋଇଲି ପଂଚାୟତର ଅରଡ଼ା ଗ୍ରାମରେ ଜନୈକ ପରିଣତ ବୟସର ବରିଷ୍ଠ ସଂଗଠକ ଶ୍ରୀଯୁକ୍ତ ଦୀନବନ୍ଧୁ ପଣ୍ଡାଙ୍କ ଦ୍ୱାରା ପ୍ରତିଷ୍ଠା କରାଯାଇଥିବା ଶ୍ରୀଜଗନ୍ନାଥ କଳା ସାହିତ୍ୟ ସମିତି ଅନୁଷ୍ଠାନଟିର ବାର୍ଷିକ ଉତ୍ସବ ସଂଗଠକ କୃତିବାସ ବେଜଙ୍କ ସଭାପତିତ୍ୱରେ ସେହି ଗ୍ରାମରେ ଅନୁଷ୍ଠିତ ହୋଇଥିଲା । କବି, ଲେଖକ, ଗାୟକ, ପଣ୍ଡିତ, କଳାକାର, ଅଧ୍ୟାପକ, ସଂଗଠକ ଓ ଚାଷୀମାନଙ୍କ ଉପସ୍ଥିତିରେ କାର୍ଯ୍ୟକ୍ରମଟି ଅତ୍ୟନ୍ତ ଉତ୍ସବମୁଖର ହୋଇଉଠିଥିଲା ।ଏହି ମନୋରମ ଉତ୍ସବରେ ସୋର ବାସିନ୍ଦା ଜନୈକ ସାରସ୍ୱତ ସାଧକ ବାଣୀପୁତ୍ର ନିତ୍ୟାନନ୍ଦ ପାଣିଗ୍ରାହୀଙ୍କ ରଚିତ ଉପନ୍ୟାସ "ଚିଠିଟିଏ ତୁମ ପାଇଁ" ଅତିଥି ମାନଙ୍କ ଗହଣରେ ଲୋକାର୍ପଣ କରାଯାଇଥିଲା । ଶ୍ରୀ ପାଣିଗ୍ରାହୀଙ୍କର ସାରସ୍ୱତ ସାଧନାକୁ ଅନୁଶୀଳନ କଲେ ଜଣାଯାଏ ସେ ଅନେକ ଭଜନ, ଓଡ଼ିଶୀ, ସୁଗମ ସଂଗୀତ, ଦେଶାତ୍ମବୋଧକ ସଙ୍ଗୀତ, ନାଟକ, ଶିଶୁ ଗଳ୍ପ, ପୌରାଣିକ ଗଳ୍ପ, ବ୍ୟଙ୍ଗ ଗଳ୍ପ, କବିତା, ନୀତିବାଣୀ ଏମିତି କେତେ ରଚନା କରି ଓଡ଼ିଶାର ସାରସ୍ୱତ ଭଣ୍ଡାରକୁ ସମୃଦ୍ଧ କରିଛନ୍ତି । ସେହିପରି ନୀଳଗିରି ବ୍ଲକ ଅନ୍ତର୍ଗତ ଆମ୍ବଡିହା ନରହରିପୁରଠାରେ "ରୂପା କଣ୍ଢେଇ" ପତ୍ରିକାର ସଂପାଦକ ଶ୍ରୀ ଗୋପୀନାଥ ଗତାୟନ୍ତଙ୍କ ଦ୍ୱାରା ଆୟୋଜିତ ଓ ଶ୍ରୀ ଶରତ ଚନ୍ଦ୍ର ମହାପାତ୍ରଙ୍କ ପୌରହିତ୍ୟରେ ଅନୁଷ୍ଠିତ ବାର୍ଷିକ ଉତ୍ସବରେ କବି ଓ କବୟିତ୍ରୀମାନଙ୍କ ଦ୍ୱାରା କବିତା ପାଠ ଅନୁଷ୍ଠିତ ହୋଇଥିଲା । ଅତିଥିମାନଙ୍କର ବକ୍ତବ୍ୟ ବିଭିନ୍ନ ବର୍ଗର ଶ୍ରୋତାମାନଙ୍କୁ ଆଗକୁ ବଢ଼ାଇବା ପାଇଁ ଖୋରାକ ଯୋଗାଇଥିଲା । ଏହି ମନୋରମ ଉତ୍ସବରେ ଜନୈକ ସାରସ୍ୱତ ସାଧକ ବାଣୀପୁତ୍ର ନିତ୍ୟାନନ୍ଦ ପାଣିଗ୍ରାହୀଙ୍କ ରଚିତ "କବିତା କୌସ୍ତୁଭ" ମଂଚାସୀନ ଅତିଥିମାନଙ୍କ ଗହଣରେ ଲୋକାର୍ପଣ କରାଯାଇଥିଲା । ଏ ପୁସ୍ତକଟି ଶ୍ରୀ ପାଣିଗ୍ରାହୀଙ୍କର ଅଷ୍ଟମ ପୁସ୍ତକ । ଶ୍ରୀ ପାଣିଗ୍ରାହୀ ଅଦ୍ୟାବଧି ଅନେକ ଭଜନ, ଓଡ଼ିଶୀ, ସୁଗମ ସଙ୍ଗୀତ, ନାଟକ, ଶିଶୁଗଳ୍ପ, ବ୍ୟଙ୍ଗଗଳ୍ପ, ପୌରାଣିକ ଗଳ୍ପ, କବିତା, ନୀତିବାଣୀ ଏମିତି କେତେକେତେ ରଚନା କରି ଓଡ଼ିଶାର ସାରସ୍ୱତ ଭଣ୍ଡାରକୁ ସମୃଦ୍ଧ କରିବାରେ ପ୍ରଚେଷ୍ଟାରତ । ବର୍ତ୍ତମାନ ବି ତାଙ୍କ ଲେଖନୀ ଚଳଚଂଚଳ ରହି ଆଗକୁ ଆଗକୁ ବଢ଼ିଚାଲିଛି ।

# ଏସ୍‌ଆଇଆର୍ ସମ୍ପର୍କିତ ସଚେତନତା ରଥର ଶୁଭାରମ୍ଭ

କନ୍ଧମାଳ :(ହି.ସ.) – ଭାରତର ନିର୍ବାଚନ ଆୟୋଗଙ୍କ ସ୍ୱତନ୍ତ୍ର ମତଦାତା ତାଲିକା ସଂଶୋଧନ (ଏସ୍‌ଆଇଆର୍) କାର୍ଯ୍ୟକ୍ରମକୁ ନେଇ ଜନ ସଚେତନତା ସୃଷ୍ଟି ଉଦ୍ଦେଶ୍ୟରେ କନ୍ଧମାଳ ଜିଲ୍ଲା ପ୍ରଶାସନ ପକ୍ଷରୁ ଏକ ସଚେତନତା ରଥର ଶୁଭାରମ୍ଭ କରାଯାଇଛି । ଶୁକ୍ରବାର ପୂର୍ବାହ୍ନରେ ଜିଲ୍ଲାପାଳ କାର୍ଯ୍ୟାଳୟ ପରିସରରେ କନ୍ଧମାଳ ଜିଲ୍ଲାପାଳ ତଥା ଜିଲ୍ଲା ନିର୍ବାଚନ ଅଧିକାରୀ ଶ୍ରୀ ବେଦଭୂଷଣ ପତାକା ଦେଖାଇ ଏହି ସଚେତନତା ରଥର ଶୁଭ ଉଦ୍ଘାଟନ କରିଥିଲେ । ମତଦାତା ତାଲିକାରେ ନାମ ଅର୍ନ୍ତଭୁକ୍ତି, ସଂଶୋଧନ ଓ ବିଲୋପ ସମ୍ପର୍କିତ ସୂଚନା ଲୋକଙ୍କ ନିକଟରେ ପହଂଚାଇବା ସହ(ଏସ୍ ଆଇ ଆର୍) କାର୍ଯ୍ୟକ୍ରମ ସମ୍ପର୍କରେ ସଚେତନତା ବୃଦ୍ଧି କରିବା ଏହି ରଥର ମୂଳ ଲକ୍ଷ୍ୟ ବୋଲି ଜଣାପଡ଼ିଛି । ଉଦ୍ଘାଟନ ପରେ ରଥଟି ଫୁଲବାଣୀ ସହରର ବିଭିନ୍ନ ୱାର୍ଡ ଓ ଜନବହୁଳ ଅଂଚଳ ପରିଭ୍ରମଣ କରି ସଚେତନତା ବାର୍ତ୍ତା ପ୍ରଚାର କରିଥିଲା । ଏହି ଅବସରରେ ଅତିରିକ୍ତ ଜିଲ୍ଲାପାଳ ଭକ୍ତବନ୍ଧୁ ଜନାର୍ଦନ ଦଳେଇ, ଅତିରିକ୍ତ ଜିଲ୍ଲାପାଳ କୁଶଳ ଚନ୍ଦ୍ର ନାଏକ, ଉପଜିଲ୍ଲାପାଳ ଭିକାରୀ ସାହୁ, ଜିଲ୍ଲା ସହରାଂଚଳ ଉନ୍ନୟନ ସଂସ୍ଥାର ପ୍ରକଳ୍ପ ନିର୍ଦ୍ଦେଶକ ପ୍ରବୀଣ କୁମାର ବାଣୁଆଙ୍କ ସମେତ ଜିଲ୍ଲା ପ୍ରଶାସନର ବହୁ ଅଧିକାରୀ ଉପସ୍ଥିତ ଥିଲେ ।

# କୋରାପୁଟକୁ ଶିଶୁ ଶ୍ରମ ଶୂନ୍ୟ ଜିଲ୍ଲା କରିବା ପାଇଁ ଜିଲ୍ଲାସ୍ତରୀୟ କର୍ମଶାଳା

ଜୟପୁର : (ହି.ସ.) ଶିଶୁର ହାତରେ ବହି ରହିବ, ହାତୁଡ଼ି ନୁହେଁ — ଏହି ସଂକଳ୍ପ ସହ କୋରାପୁଟ ଜିଲ୍ଲା ପ୍ରଶାସନ ତରଫରୁ ଜିଲ୍ଲାସ୍ତରୀୟ ଶିଶୁ ଶ୍ରମ ବିରୋଧୀ କର୍ମଶାଳା ଅନୁଷ୍ଠିତ ହୋଇଛି । ସ୍ଥାନୀୟ ସଭାବନା ସଭାଗୃହରେ ରାଜ୍ୟ ଶିଶୁ ଅଧିକାର ସୁରକ୍ଷା ଆୟୋଗଙ୍କ ଉଦ୍ୟମରେ ଆୟୋଜିତ ଏହି କର୍ମଶାଳାରେ ଜିଲ୍ଲାପାଳ ମନୋଜ ସତ୍ୟୱାନ ମହାଜନଙ୍କ ଅଧ୍ୟକ୍ଷତାରେ ସମସ୍ତ ବିଭାଗ ଶିଶୁ ଶ୍ରମ ନିରାକରଣ ପାଇଁ ମିଳିତ କାର୍ଯ୍ୟପନ୍ଥା ପ୍ରସ୍ତୁତ କରିଛନ୍ତି । ରାଜ୍ୟ ଶିଶୁ ଅଧିକାର ସୁରକ୍ଷା ଆୟୋଗ ଅଧ୍ୟକ୍ଷା ଶ୍ରୀମତୀ ବବିତା ପାତ୍ରଙ୍କ ମାର୍ଗଦର୍ଶନରେ କୋରାପୁଟକୁ ଶିଶୁ ଶ୍ରମ ମୁକ୍ତ ଜିଲ୍ଲା ଗଠନ ପାଇଁ ସମସ୍ତ ବିଭାଗୀୟ ଅଧିକାରୀ ଶପଥ ନେଇଛନ୍ତି । ଜାତୀୟ ଆଇନ ବିଶ୍ୱବିଦ୍ୟାଳୟ ଓଡ଼ିଶାର ଅଧ୍ୟାପକ ବିରଜ ସ୍ୱାଇଁ ଆଇନର ଧାରାକୁ ଜୀବନର କାହାଣୀ କରି ବୁଝାଇଲେ । ୧୯୮୬ ମସିହାର ଶିଶୁ ଶ୍ରମ ନିଷେଧ ଆଇନ ଠାରୁ ୨୦୯ ମସିହାର ଶିକ୍ଷା ଅଧିକାର ଆଇନ ପର୍ଯ୍ୟନ୍ତ ପ୍ରତି ଅକ୍ଷର କେମିତି ଶିଶୁର ହାତକୁ କଲମ ଧରାଏ, ସେ ତା'ର ଚିତ୍ର ଆଙ୍କିଲେ । ଓଡ଼ିଶାର ପାହାଡ଼-ଜଙ୍ଗଲ ମାଟିରେ ଲୁଚି ରହିଥିବା ଶିଶୁ ଶ୍ରମର ତିକ୍ତ ବାସ୍ତବତାକୁ ତଥ୍ୟ ସହ ଉପସ୍ଥାପନ କଲେ । ଜାତୀୟ ଶିଶୁ ଶ୍ରମ ପ୍ରକଳ୍ପର ସ୍ୱତନ୍ତ୍ର ତାଲିମ କେନ୍ଦ୍ରକୁ 'ଉଦ୍ଧାର ପାଇଥିବା ପିଲାଙ୍କ ଦ୍ୱିତୀୟ ଘର' ଭାବେ ଉପସ୍ଥାପନ କରାଗଲା । ଶ୍ରମ, ଶିକ୍ଷା ଓ ଅନୁସୂଚିତ ଜାତି ଜନଜାତି ଉନ୍ନୟନ ବିଭାଗର ମିଳିତ ଉଦ୍ୟମ ଉପରେ ଗୁରୁତ୍ୱ ଦିଆଗଲା । 'ଉଦ୍ଧାର ପୂର୍ବରୁ ଥଇଥାନ ପର୍ଯ୍ୟନ୍ତ' — ପ୍ରତି ପର୍ଯ୍ୟାୟରେ କାହାର କ'ଣ ଦାୟିତ୍ୱ, ତା'ର ସ୍ପଷ୍ଟ ଖସଡ଼ା ସମ୍ପର୍କରେ ବିସ୍ତୃତ ଆଲୋଚନା କରାଯାଇଥିଲା । କର୍ମଶାଳାରେ ଅତିରିକ୍ତ ଜିଲ୍ଲାପାଳ ତପନ କୁମାର ନାଏକ, ଉପଜିଲ୍ଲାପାଳ ପ୍ରେମଲାଲ ହିଆଲ, ସମସ୍ତ ବିଭାଗୀୟ ଅଧିକାରୀ, ଶିଶୁ ସହାୟତା କେନ୍ଦ୍ର, ସ୍ୱେଚ୍ଛାସେବୀ ସଂଗଠନ ଓ ଗଣମାଧ୍ୟମ ପ୍ରତିନିଧି ଯୋଗ ଦେଇଥିଲେ । ଆୟୋଗର ସଦସ୍ୟା ଶ୍ରୀମତୀ କସ୍ତୁରୀ ମିଶ୍ର, ଶ୍ରୀମତୀ ମାନସ୍ମିତା ଖୁଂଟିଆ ଓ ଶ୍ରୀମତୀ ସୁଜାତା ନାୟକ କାର୍ଯ୍ୟକ୍ରମରେ ଉପସ୍ଥିତ ରହି ଶିଶୁ ଅଧିକାର ସୁରକ୍ଷା ପାଇଁ ଜିଲ୍ଲାର ପ୍ରତିବଦ୍ଧତାକୁ ଦୋହରାଇଥିଲେ । ଶେଷରେ ଉପଜିଲ୍ଲାପାଳ ପ୍ରେମଲାଲ ହିଆଲ ଧନ୍ୟବାଦ ଅର୍ପଣ କରିଥିଲେ ।

# ସହଯୋଗ ଫାଉଣ୍ଡେସନ ପକ୍ଷରୁ ପୁନଃ ଆରମ୍ଭ ହେଲା 'ଶୀତଳ ଧାରା'

## ବର୍ଷସାରା ୨୪ ଘଂଟିଆ ଶୀତଳ ପାନୀୟ ଜଳ ସେବା

ବଲାଙ୍ଗିର : (ହି.ସ.)- ଜନସେବା ଓ ସାମାଜିକ କଲ୍ୟାଣ ଉଦ୍ଦେଶ୍ୟରେ ସହଯୋଗ ଫାଉଣ୍ଡେସନ ପକ୍ଷରୁ ବଲାଙ୍ଗୀର ଏସ୍ପି କାର୍ଯ୍ୟାଳୟ ସମ୍ମୁଖରେ ଅବସ୍ଥିତ 'ଶୀତଳ ଧାରା' ଶୀତଳ ପାନୀୟ ଜଳ କେନ୍ଦ୍ରର ପୁନଃ ଶୁଭାରମ୍ଭ କରାଯାଇଛି । ଏହି ସେବା ମାଧ୍ୟମରେ ସ୍ଥାନୀୟ ବାସିନ୍ଦା, ଯାତ୍ରୀ ଓ ପଥଚାରୀମାନଙ୍କୁ ବର୍ଷସାରା ୨୪ ଘଂଟା ସୁରକ୍ଷିତ ଏବଂ ଶୀତଳ ପାନୀୟ ଜଳ ଯୋଗାଇ ଦିଆଯିବ । ଏହି ସେବାର ଉଦ୍ଘାଟନ ବଲାଙ୍ଗୀରର ଅତିରିକ୍ତ ପୁଲିସ ଅଧୀକ୍ଷକ ଅମୃତ କୁମାର ପଣ୍ଡା କରିଥିଲେ । ଏହି ଅବସରରେ ଏସ୍ଡିପିଓ ସରୋଜ କୁମାର ଉପାଧ୍ୟାୟ, ଇନ୍ସପେକ୍ଟର ସୁଭାଷ ଚନ୍ଦ୍ର ରାୟଗୁରୁ, ସହଯୋଗ ଫାଉଣ୍ଡେସନର ସଦସ୍ୟବୃନ୍ଦ, ବିଶିଷ୍ଟ ନାଗରିକ ଓ ଗଣମାଧ୍ୟମ ପ୍ରତିନିଧିମାନେ ଉପସ୍ଥିତ ଥିଲେ ।ଏହି ଅବସରରେ ଫାଉଣ୍ଡେସନର ସଦସ୍ୟମାନେ ସମାଜସେବା ପ୍ରତି ନିଜମାନଙ୍କର ଅଙ୍ଗୀକାରକୁ ପୁନରୁଚ୍ଚାରଣ କରିବା ସହିତ ଗ୍ରୀଷ୍ମ ପ୍ରବାହ ସମୟରେ ଏହି ସେବା ସାଧାରଣ ଲୋକଙ୍କ ପାଇଁ ବିଶେଷ ଉପକାରୀ ସାବ୍ୟସ୍ତ ହେବ ବୋଲି ଆଶା ବ୍ୟକ୍ତ କରିଥିଲେ । ଉପସ୍ଥିତ ଜନସାଧାରଣଙ୍କ ମଧ୍ୟରେ ମିଠା ଓ ଛାଛ ବ[ନ କରାଯାଇଥିଲା । ଫାଉଣ୍ଡେସନ ପକ୍ଷରୁ ସମସ୍ତ ଅତିଥି ଓ ସହଯୋଗୀମାନଙ୍କୁ ସେମାନଙ୍କର ମୂଲ୍ୟବାନ ସମୟ ଏବଂ ସହଯୋଗ ପାଇଁ କୃତଜ୍ଞତା ଜଣାଯାଇଥିଲା । କାର୍ଯ୍ୟକ୍ରମରେ ବିଶେଷ ଅତିଥି ଭାବେ ବଲାଙ୍ଗୀରର ବରିଷ୍ଠ ସାମ୍ବାଦିକ ଏବଂ କୌଶଳ ପ୍ରଭାର ସମ୍ପାଦକ ଆନନ୍ଦ ସାହୁ, କନକ ଟିଭି ର ବଲାଙ୍ଗୀର ବ୍ୟୁରୋ ପ୍ରମୁଖ ଚନ୍ଦ୍ରଭାନୁ ମୌଳା ଏବଂ ନନ୍ଦୀଘୋଷ ଟିଭିର ବ୍ୟୁରୋ ମୁଖ୍ୟ ଦୀପକ ପୁରୋହିତ ଉପସ୍ଥିତ ଥିଲେ । ଏହାଛଡ଼ା ଅନ୍ୟାନ୍ୟ ସାମ୍ବାଦିକମାନେ ମଧ୍ୟ କାର୍ଯ୍ୟକ୍ରମରେ ଯୋଗଦେଇ ଏହି ଜନହିତକର ପଦକ୍ଷେପର ଭୂୟସୀ ପ୍ରଶଂସା କରିଥିଲେ । ଧରିତ୍ରୀ ପତ୍ରିକାର ବୀରେନ୍ଦ୍ର ଖାକର ଏବଂ ଉତ୍କଳ ମେଲ୍ ପବନ ବଂଶଲ ମଧ୍ୟ ଉପସ୍ଥିତ ଥିଲେ ।ସ୍ୱର୍ଗତ ରାଧେଶ୍ୟାମ ଅଗ୍ରୱାଲ ଓ ସ୍ୱର୍ଗତା ଶ୍ରୀମତୀ ପାର୍ବତୀ ଦେବୀ ଅଗ୍ରୱାଲଙ୍କ ସ୍ମୃତି ଉଦ୍ଦେଶ୍ୟରେ ତାଙ୍କ ପରିବାର ପକ୍ଷରୁ ଅଭିନାଶ ଅଗ୍ରୱାଲ ଓ ଅଙ୍କିତ ଅଗ୍ରୱାଲ 'ଶୀତଳ ଧାରା'ର ସ୍ଥାପନା କରି ସମାଜସେବାର ଏକ ଉଦାହରଣ ସୃଷ୍ଟି କରିଛନ୍ତି । କାର୍ଯ୍ୟକ୍ରମକୁ ସଫଳ କରିବାରେ ଗୋପାଲ ଅଗ୍ରୱାଲ, ସଞ୍ଜୟ ଅଗ୍ରୱାଲ, ଅରୁଣ ଅଗ୍ରୱାଲ ଓ ଲୋକନାଥ ମିଶ୍ରଙ୍କ ସହିତ ଅନ୍ୟାନ୍ୟ ବିଶିଷ୍ଟ ବ୍ୟକ୍ତିବର୍ଗଙ୍କ ଉଲ୍ଲେଖନୀୟ ସହଯୋଗ ରହିଥିଲା । ସହଯୋଗ ଫାଉଣ୍ଡେସନର ଏହି ପଦକ୍ଷେପ କେବଳ ସାଧାରଣ ଲୋକଙ୍କୁ ଉପକୃତ କରିବ ନୁହେଁ, ବରଂ ସାମାଜିକ ଦାୟିତ୍ୱବୋଧ ଓ ଜନସେବାର ଭାବନାକୁ ଆହୁରି ସୁଦୃଢ଼ କରିବ ।





## ସ୍ୱତନ୍ତ୍ର ସଘନ ସଂଶୋଧନ-୨୦୨୬ କାର୍ଯ୍ୟର ସମୀକ୍ଷା କଲେ ଅତିରିକ୍ତ ଜିଲ୍ଲାପାଳ



କଟକ(ନିପ୍ର): ଜିଲ୍ଲାରେ ଚାଲିଥିବା ସ୍ୱତନ୍ତ୍ର ସଘନ ସଂଶୋଧନ କାର୍ଯ୍ୟକ୍ରମର ଅଗ୍ରଗତି ସମୀକ୍ଷା ନିମନ୍ତେ ଅତିରିକ୍ତ ଜିଲ୍ଲାପାଳ ତଥା ଅତିରିକ୍ତ ଜିଲ୍ଲା ନିର୍ବାଚନ ଅଧିକାରୀ କମଳଜିତ ଦାସ କିଶନନଗର ଅଂଚଳ ପରିଦର୍ଶନ କରିଛନ୍ତି । ପରିଦର୍ଶନ ସମୟରେ ସହକାରୀ ପଞ୍ଜୀକରଣ ଅଧିକାରୀ, ବୁଥ୍ ସ୍ତରୀୟ ଅଧିକାରୀ (ବିଏଲଓ), ସୁପରଭାଇଜର ମାନଙ୍କ ସହ ଚାଲିଥିବା ଗଣନା ଓ ଯାଂଚ ପ୍ରକ୍ରିୟାର ଅଗ୍ରଗତି ସମ୍ପର୍କରେ ଏକ ସମୀକ୍ଷା ବୈଠକ କରିଛନ୍ତି । ପ୍ରଥମଥର ପାଇଁ ଏହି ଜନଗଣନା ଡିଜିଟିକରଣ ମାଧ୍ୟମରେ କରାଯାଉଛି ସେଥି ନିମନ୍ତେ ସତର୍କତା, ଦାୟିତ୍ୱବୋଧ ଓ ସମୟନିଷ୍ଠତା ସହ କାର୍ଯ୍ୟ କରିବାକୁ ବିଏଲଓ ମାନଙ୍କୁ ଶ୍ରୀ ଦାସ ନିର୍ଦ୍ଦେଶ ଦେଇଛନ୍ତି । ଘରକୁ ଘର ଯାଇ କରାଯାଉ ଥିବା ତଥ୍ୟ ସଂଗ୍ରହ, ମତଦାତାଙ୍କ ବିବରଣୀ ଯାଂଚ ଏବଂ ଏନୁମେରେସନ୍ ଫର୍ମ ପୂରଣ କାର୍ଯ୍ୟର ତଦାରଖ କରିଛନ୍ତି । ବୁଥ ନଂ ୧୪୯, ୧୫୦, ୧୫୧(୧), ୧୫୨, ୧୫୩, ୧୫୪, ୧୫୫, ୧୫୬, ୧୫୭ ଅନ୍ତର୍ଗତ ରାମକୁମାରପୁର, ସୋମପୁର, ଥୋରିଆପଡା, ତେଲଡିଆ, ତରିଲୋ, ଅରିଲୋ ଆଦି ଅଂଚଳକୁ ଯାଇ ତଦାରଖ କରିଛନ୍ତି ।

## ଭିଟାମାଟି ବଂଚାଅ ଦାବିରେ ଜମ୍ପିରାଇରେ ବିଶାଳ ଜନ ସମାବେଶ



ବାଲିଆପାଳ(ନିପ୍ର): ବିଶ୍ୱ ପରିବେଶ ଦିବସ ଅବସରରେ ଭିଟାମାଟି ସୁରକ୍ଷା କମିଟିର ଆହ୍ୱାନ କ୍ରମେ ଦକ୍ଷିଣ ବାଲିଆପାଳରେ ପ୍ରସ୍ତାବିତ ସୁବର୍ଣରେଖା ବନ୍ଦର ଓ ପେଟ୍ରୋକେମିକାଲ ପ୍ଲାଂଟକୁ ବିରୋଧ କରି ଭିଟାମାଟି ବଂଚାଇ ଦାବିରେ ଶୁକ୍ରବାର ସନ୍ଧ୍ୟାରେ ଜମ୍ପିରାଇ ମକର ପଡ଼ିଆରେ ଏକ ବିଶାଳ ଜନ ସମାବେଶ ଅନୁଷ୍ଠିତ ହୋଇଯାଇଛି । ଏହି ଅବସରରେ ଭିଟାମାଟି ସୁରକ୍ଷା କମିଟିର ଆବାହକ ଅରୁଣ ଜେନାଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ସଭାରେ କଂଗ୍ରେସ ନେତା ବିଜନ ନାୟକ, ସିପିଆଇ ନେତା ଗୌରାଙ୍ଗ ପାଣିଗ୍ରାହି, ସିପିଆଇ(ଏମ) ନେତା ଦିଲ୍ଲୀପ ଗିରି ଓ ପ୍ରକାଶ ଦେ, ଏଆଇଟିୟୁସି ନେତା ଶ୍ୟାମ ସୁନ୍ଦର ଦାସ, ଏସ ୟୁ ସି ଆଇ ନେତା ନିରାକାର ପଣ୍ଡା, ବାଲେଶ୍ୱର ବାର ଏସୋସିଏସନର ସଭାପତି ମନୋଜ ନାୟକ, ଜିଲ୍ଲା ପରିଷଦ ସଦସ୍ୟ ବାବାଜୀ ଦେହୁରୀ, ଭଗବାନ ଗିରି, ରାଜେଶ ଚୌଧୁରୀ, ମନ୍ମଥ ଗିରି, ପ୍ରଶାନ୍ତ ଦାସ, ତୀର୍ଥ କୁମାର ନାଗଙ୍କ ସହିତ ବିଭିନ୍ନ ଦଳର ନେତୃମଣ୍ଡଳୀ ଯୋଗ ଦେଇ ବକ୍ତବ୍ୟ କହିଥିଲେ ଏକ ଗଣତାନ୍ତ୍ରିକ ଶାସନରେ ଜନ ବିରୋଧୀ ନିଷ୍ପତୀ ବିରୋଧରେ ଏ ମାଟିରେ ୨୦୦୮ ମସିହାରୁରୁ ପ୍ରସ୍ତାବିତ ସୁବର୍ଣ୍ଣରେଖା ବନ୍ଦର ବିରୋଧରେ ଚଉମୁଖ-ଡଗରା ବାସୀଙ୍କ ପ୍ରବଳ ବିରୋଧାଭାସ, ୨୦୨୦ ମସିହାରୁ ଏଯାବତ୍ ପ୍ରସ୍ତାବିତ ପେଟ୍ରୋକେମିକାଲ୍ ପ୍ଲାଂଟ ବିରୋଧରେ ଦୁର୍ବାର ଗଣସଂଗ୍ରାମ ଜାରି ରହିଛି । ଦକ୍ଷିଣ ବାଲିଆପାଳ ବାସୀଙ୍କର ବିସ୍ଥାପନ ବିରୋଧୀ ଭିଟାମାଟି ସୁରକ୍ଷା ଆନ୍ଦୋଳନ ସୁପ୍ତ ହୋଇନି । ବିସ୍ଥାପନ ବ୍ୟବସ୍ଥାରେ ଏ ପ୍ରକାର ଜିଦଖୋର ପ୍ରକ୍ରିୟାକୁ କେବେବି ଜବରଦସ୍ତ କରାଯାଇ ପାରେନା । ଏହା ବିରୋଧର ବିଗତ ୨୦୨୪ ଡିସେମ୍ବର ୧୭ ତାରିଖରେ ଡଗରା ମକର ମେଳଣ ପଡ଼ିଆ ଠାରେ ବନ୍ଦର ଲାଗି ଅନୁଷ୍ଠିତ ଜନଶୁଣାଣୀରେ ଲୋକଙ୍କର ପ୍ରବଳ ବିରୋଧ 'ବନ୍ଦରକୁ ନାଁ – ଭିଟାମାଟିକୁ ହଁ' ନିଷ୍ପତ୍ତିର ଏହାର ଜ୍ୱଳନ୍ତ ପ୍ରମାଣ । ସରକାର ସେହି ରାୟକୁ ଏଯାଏଁ କାହିଁକି ସର୍ବସାଧାରଣରେ ପକାଶ କରୁନାହାନ୍ତି ବୋଲି ପ୍ରଶ୍ନ କରିବା ସହିତ ଏସବୁ ଅନାବଶ୍ୟକ ପ୍ରକଳ୍ପ ଜନମାରଣ ଯୋଜନାରୁ ସରକାରଙ୍କୁ ନିବୃତି ରହିବା ପାଇଁ ଚେତାବନୀ ଦେଇଥିଲେ । ତେବେ ଲୋକଙ୍କ କହିବା କଥା ମରିବୁ ପଛେ ଭିଟାମାଟି ଛାଡ଼ିବୁ ନାହିଁ । ସରକାର ବନ୍ଦର ଓ ପେଟ୍ରୋକେମିକାଲ ପ୍ଲାଂଟ ଛାଡ଼ି କୃଷିଭିତିକ ଶିଳ୍ପ ସ୍ଥାପନ କଲେ ଆମେ ସ୍ୱାଗତ କରିବୁ ବୋଲି ନେତାମାନେ କହିଛନ୍ତି ।

## ପୂଜ୍ୟପୂଜା ସାଂସ୍କୃତିକ ପରିଷଦ ଆନୁକୂଲ୍ୟରେ ବିଶ୍ୱ ପରିବେଶ ଦିବସ ପାଳିତ



ଧାମନଗର(ନିପ୍ର): ବିଶ୍ୱ ପରିବେଶ ଦିବସ ଅବସରରେ ଧାମନଗର ପୂଜ୍ୟପୂଜା ସାଂସ୍କୃତିକ ପରିଷଦ ପକ୍ଷରୁ ପରିବେଶ ସୁରକ୍ଷା ଓ ସଚେତନତା ନେଇ ଏକ ସ୍ୱତନ୍ତ୍ର କାର୍ଯ୍ୟକ୍ରମ ଐତିହାସିକ ମୁକୁନ୍ଦଦେବଙ୍କ ନିହତ ପୀଠ ଗୋହିରାଟିକିରି ଠାରେ ଅନୁଷ୍ଠିତ ହୋଇଯାଇଛି । ବର୍ତମାନର ଦ୍ରୁତ ଜଳବାୟୁ ପରିବର୍ତନ ଓ ବଢୁଥିବା ପ୍ରଦୂଷଣ ସମୟରେ ପରିବେଶକୁ ସୁସ୍ଥ ରଖିବା ପ୍ରତ୍ୟେକ ନାଗରିକର ଦାୟିତ୍ୱ ବୋଲି ଅତିଥିମାନେ ମତବ୍ୟକ୍ତ କରିଛନ୍ତି । ଏହି କାର୍ଯ୍ୟକ୍ରମରେ ଧାମନଗର ପଂଚାୟତ ସମିତିର ଉପାଧ୍ୟକ୍ଷ ଜଗବନ୍ଧୁ ପ୍ରଧାନ ମୁଖ୍ୟ ଅତିଥି ଭାବେ ଯୋଗଦେଇ ପରିବେଶ ସୁରକ୍ଷା ସମ୍ପର୍କରେ ଗୁରୁତ୍ୱପୂର୍ଣ୍ଣ ବକ୍ତବ୍ୟ ରଖିଥିଲେ । କାର୍ଯ୍ୟକ୍ରମରେ ସମ୍ମାନିତ ଅତିଥି ଭାବେ ପରିଷଦର ଉପ-ସଭାପତି ହୃଦାନନ୍ଦ କର, ପୂର୍ବତନ ଏ ବି ଇ ଓ ଭୋଳାନାଥ ସାହୁ ଯୋଗ ଦେଇଥିଲେ । ପରିଷଦ ର ସାଧାରଣ ସମ୍ପାଦକ ପ୍ରଦୀପ କୁମାର ମହାପାତ୍ର କାର୍ଯ୍ୟକ୍ରମର ଉଦ୍ଦେଶ୍ୟ ଜ୍ଞାପନ କରି ପରିବେଶକୁ ସବୁଜ ସୁନ୍ଦର କରି ଗଢ଼ି ତୋଳିବା ପାଇଁ ସମସ୍ତଙ୍କୁ ଶପଥ ପାଠ କରାଇଥିଲେ । ଏହି ଅବସରରେ ପୂଜ୍ୟ ପୂଜା ସାଂସ୍କୃତିକ ପରିଷଦର ସଦସ୍ୟ ପଦ୍ମନାଭ ରାଉତ, ପିତାମ୍ବର ବିଶ୍ୱାଳ, ଦେବାଶିଷ ରଥ, ଶ୍ରୀ ଜ୍ଞାନେନ୍ଦ୍ର ସାହୁ, ମନୋଜ କୁମାର ଦାସ, ପ୍ରଶାନ୍ତ କୁମାର ସାହୁ, ସଞ୍ଜୀବ ମହାନ୍ତି, ଜଗବନ୍ଧୁ ପ୍ରଧାନ ଏବଂ ପଂଚାନନ ନାୟକ ପ୍ରମୁଖ ସାମିଲ ହୋଇ ପରିବେଶ ସୁରକ୍ଷା ନିମନ୍ତେ ନିଜର ପ୍ରତିବଦ୍ଧତା ପ୍ରକାଶ କରିଥିଲେ । ସାମ୍ବାଦିକ ସୁଧାକର ଦାଶ ବେଦ ପାଠ କରିଥିଲେ । କାର୍ଯ୍ୟକ୍ରମରେ ପ୍ରକୃତିର ସୁରକ୍ଷା ପାଇଁ ବୃକ୍ଷ ରୋପଣ, ଜଳ ସଂରକ୍ଷଣ, ପରିଷ୍କାର ପରିଚ୍ଛନ୍ନତା, ପ୍ଲାଷ୍ଟିକ ମୁକ୍ତ ପରିବେଶ ଗଠନ, ବନୀକରଣ, ପ୍ରଦୂଷଣ ମୁକ୍ତ ପରିବେଶ, ଜୈବ ବିବିଧତା ସଂରକ୍ଷଣ, କୁହୁଡ଼ି ଓ ପ୍ରଦୂଷଣ ନିୟନ୍ତ୍ରଣ ଏବଂ ପ୍ରାକୃତିକ ବିପର୍ଯ୍ୟୟରୁ ରକ୍ଷା ପାଇବା ପାଇଁ ସଚେତନତାର ବାର୍ତା ଦିଆଯାଇଥିଲା । 'ଗଛ ଲଗାଅ, ଜୀବନ ବଂଚାଅ'ର ବାର୍ତା ସମସ୍ତଙ୍କ ମଧ୍ୟରେ ଉତ୍ସାହ ସୃଷ୍ଟି କରିଥିଲା । ଶେଷରେ, ପରିବେଶକୁ ସୁସ୍ଥ ଓ ନିର୍ମଳ ରଖିବା ପାଇଁ ସମସ୍ତେ ମିଳିତ ଭାବେ କାର୍ଯ୍ୟ କରିବାକୁ ପ୍ରତିଶ୍ରୁତିବଦ୍ଧ ହୋଇଥିଲେ । ଏହି ଅବସର ରେ ସ୍ଥାନୀୟ ମଠ ରେ ଚାରା ରୋପଣ ସହ ସ୍ଥାନୀୟ ଲୋକଙ୍କୁ ଚାରା ବଂଟନ କରା ଯାଇଥିଲା ।

## 'ଭୂତ ସହ ରାତିଏ'ର ଚଳଚ୍ଚିତ୍ର ଶୁଭ ମହୁରତ



ନୟାଗଡ଼(ନିପ୍ର): ରହସ୍ୟ ରୋମାଂଚ ଭରା ଚଳଚ୍ଚିତ୍ର 'ଭୂତ ସହ ରାତିଏ'ର ଶୁଭ ମହୁରତ ଅନୁଷ୍ଠିତ୍ ହୋଇଯାଇଛି । ମା' ଦକ୍ଷିଣକାଳୀଙ୍କ ମନ୍ଦିର ପରିସରରେ ଏହି ଉତ୍ସବ ଅନୁଷ୍ଠିତ ହୋଇଥିବା ବେଳେ ଆସନ୍ତା ୧୨ ତାରିଖରୁ ଏହାର ସୁଟିଂ ଆରମ୍ଭ ହେବ ବୋଲି ପ୍ରଯୋଜନା ସଂସ୍ଥା ପକ୍ଷରୁ ସୂଚନା ଦିଆଯାଇଛି । ଏହି ଅବସରରେ ସିନେମାରେ ଅଭିନୟ କରୁଥିବା କଳାକାରଙ୍କ ସହ ବହୁ ବରିଷ୍ଠ ନାଟ୍ୟକାର ଓ ନାଟ୍ୟ ନିର୍ଦ୍ଦେଶକ ଯୋଗ ଦେଇ ଚଳଚ୍ଚିତ୍ରର ସଫଳତା କାମନା କାମନା କରିଛନ୍ତି । ହରିଶ ପ୍ରଧାନଙ୍କ କାହାଣୀକୁ ନେଇ ସିନେମା ପ୍ରସ୍ତୁତ ହେଉଥିବା ବେଳେ ସେ ନିଜେ ପ୍ରଯୋଜକ ଅଛନ୍ତି । ନିର୍ଦ୍ଦେଶନା ଦାୟିତ୍ୱ ନିର୍ବାହକରୁଛନ୍ତି ବରିଷ୍ଠ ସାମ୍ବାଦିକ ପ୍ରଦୀପ୍ତ ରଥ । ନୟାଗଡ଼ ଦର୍ପଣ ନିବେଦିତ ଏହି ସିନେମାର ପୋଷ୍ଟ ପ୍ରଡକ୍ସନ ଦାୟିତ୍ୱ ଯଯାତି ମହାପାତ୍ରଙ୍କ ଉପରେ ନ୍ୟସ୍ତ ଥିବା ବେଳେ ସହଯୋଗ କରୁଛନ୍ତି ବିଭୂତି ମହାପାତ୍ର । ନୟାଗଡ଼ ଜିଲ୍ଲାର ବିଭିନ୍ନ ସ୍ଥାନରେ ଏହାର ସୁଟିଂ ହେବାକୁ ସ୍ଥିର ହୋଇଥିବା ବେଳେ ଖୁବଶୀଘ୍ର ପ୍ରସ୍ତୁତି ଶେଷ କରି ଏହାର ଲୋକାର୍ପଣ ଉତ୍ସବ ଅନୁଷ୍ଠିତ କରାଇବାକୁ ପ୍ରଯୋଜନା ସଂସ୍ଥା ଯୋଜନା କରୁଛି । ବିଜ୍ଞାନ ଆଉ ବିଶ୍ୱାସର ଦୋଛକିରେ ଭୂତ ପ୍ରେତର ଅସ୍ତିତ୍ୱ କେତେ ରହିଛି, ଏହାକୁ ଆଧାର କରି ଏହି ସିନେମା ନିର୍ମିତ ହେଉଛି । ଏହା ଦର୍ଶକଙ୍କ ମନକୁ ଛୁଇଁବ ବୋଲି ଆଶା କରାଯାଉଛି ।

## ରୋଟାରୀ କ୍ଲବ ଆନୁକୁଲ୍ୟରେ ସମାଜ ପାଇଁ ବହୁବିଧ କାର୍ଯ୍ୟକ୍ରମ

ଉଦଳା(ନିପ୍ର): ମୟୂରଭଞ୍ଜ ଜିଲ୍ଲା କପ୍ତିପଦା ଉପଖଣ୍ଡ ଉଦଳା ରୋଟାରିଆନ ମାନଙ୍କ ବୈଠକ ସନ୍ଧାନ ଗୃହ ପରିସର ରେ ମଙ୍ଗଳବାର ରାତିରେ ଅନୁଷ୍ଠିତ ହୋଇ ଯାଇଛି । ରୋଟାରୀଆନ ପୂର୍ଣ୍ଣଚନ୍ଦ୍ର ବିଶ୍ୱାଳଙ୍କ ସଭାପତିତ୍ୱରେ ସଭାକାର୍ଯ୍ୟ ଅନୁଷ୍ଠିତ ହୋଇ ଅତିଥିଭାବେ ରୋଟାରିଆନ ମନୋଜ କୁମାର ତ୍ରିପାଠୀ, ମଧୁସ୍ମିତା ତ୍ରିପାଠୀ ବୈଠକରେ ଯୋଗଦାନ କରିଥିଲେ । ୨୨୦ଟି ଦେଶ ରେ ରୋଟାରୀ କ୍ଲବ ୫୦୦୦ ଜିଲ୍ଲା ରେ ସମାଜର ବହୁବିଧ ସେବା ଓ ସଚେତନର ବାର୍ତା ସହିତ ଗଠନ ମୂଳକ କାର୍ଯ୍ୟକ୍ରମମାନ ହାତକୁ ନେଇ ପୃଥିବୀରେ ଖ୍ୟାତି ଅର୍ଜନ କରିଛି । ଉଦଳାରେ ରୋଟାରୀ କ୍ଲବ ତରଫରୁ ଡାଇଗୋନିଷ୍ଟ ସେଂଟର, ପାରା ମେଡିକାଲ ପାଠ୍ୟକ୍ରମ, ଦୁର୍ଗମ ଅଂଚଳରେ ରୋଗୀ ସେବା ପାଇଁ ବାଇକ୍ ଆମ୍ବୁଲାନ୍ସ, ୧ ଏକର ୩୦ ଡିସିମିଲ ଜମି ରେ ବୃଦ୍ଧା ଆଶ୍ରମ କାର୍ଯ୍ୟକ୍ରମ ହାତକୁ ନିଆଯାଇଛି । ଚଳିତ ବର୍ଷ ସର୍ବୋଚ୍ଚ ନମ୍ବର ରଖିଥିବା ଛାତ୍ରଛାତ୍ରୀଙ୍କୁ ପୁରସ୍କାର ଓ ମାନପତ୍ର ପ୍ରଦନ କରାଯାଇଛି । ଉତମ ଶିକ୍ଷା ଦାନ ଦେଉଥିବା ଶିକ୍ଷକ ମାନଙ୍କୁ ସମ୍ମାନୀତ କରାଯାଇଛି । ବୃକ୍ଷ ରୋପଣ, ଆଲକାଲାଇନ ବିଶୁଦ୍ଧ ପାନୀୟ ଜଳ ଉଦଳାର ବସ୍ ଷ୍ଟାଣ୍ଡ ଓ ଉଦଳା ଥାନା ସମ୍ମୁଖରେ ପ୍ରଦାନ କରାଯାଇଛି । ଏହିଭଳି ଆଗକୁ ବହୁବିଧ କାର୍ଯ୍ୟକ୍ରମ ମାନ ହାତକୁ ନିଆଯିବ ବୋଲି ସମ୍ପାଦକ ସୁଦର୍ଶନ ପ୍ରଧାନ ମତବ୍ୟକ୍ତ କରିଥିଲେ । ବୃଦ୍ଧା ଶ୍ରମ ପାଇଁ ଇଂ ସୁବାସ ପଣ୍ଡା ନିଜ ଜମି ବୃଦ୍ଧାଶ୍ରମକୁ ପ୍ରଦାନ କରି ଅଛନ୍ତି । ବହୁ ସଂଖ୍ୟକ ମହିଳାମାନଙ୍କୁ ଉଦଳା ରୋଟାରୀ କ୍ଲବରେ ସାମିଲ ପାଇଁ ଉତ୍ସବର ଅତିଥି ମଧୁସ୍ମିତା ତ୍ରିପାଠୀ ମତବ୍ୟକ୍ତ କରିଥିଲେ ।


## ପାନୀୟ ଜଳ ଯୋଗାଣ ପ୍ରକଳ୍ପରେ ବ୍ୟାପକ ଅନିୟମିତତା : ଶୋଲାର ଜଳପ୍ରକଳ୍ପରେ ଦୁର୍ନୀତି

ଧାମନଗର(ନିପ୍ର): ଧାମନଗର ବ୍ଲକ ଅନ୍ତର୍ଗତ ଦୋବଲ ଗ୍ରାମ ପଂଚାୟତରେ ଆର.ଡବ୍ଲ୍ୟୁ.ଏସ୍.ଏସ୍. ଦ୍ୱାରା କାର୍ଯ୍ୟକାରୀ ହେଉଥିବା ସୋଲାର ପାନୀୟ ଜଳ ଯୋଗାଣ ପ୍ରକଳ୍ପ ଏବେ ବିବାଦ ଘେରରେ । ପ୍ରକଳ୍ପଟି ସମ୍ପୂର୍ଣ୍ଣ ହେବା ପୂର୍ବରୁ ହିଁ ଏହାର ନିର୍ମାଣ ଶୈଳୀ ଓ ବ୍ୟବହୃତ ସାମଗ୍ରୀର ଗୁଣବତା କୁ ନେଇ ସାଧାରଣରେ ପ୍ରଶ୍ନବାଚୀ ସୃଷ୍ଟି ହୋଇଛି । ସୂଚନା ଥାଉକି ଗ୍ରାମବାସୀଙ୍କୁ ଶୁଦ୍ଧ ପାନୀୟ ଜଳ ଯୋଗାଇବା ଲକ୍ଷ୍ୟରେ ଏହି ସୋଲାର ପ୍ରକଳ୍ପ ହାତକୁ ନିଆ ଯାଇଥିଲା । ତେବେ ଘଟଣା ସ୍ଥଳରେ ଦେଖିଲେ ବିଭାଗୀୟ କାର୍ଯ୍ୟର ଅବହେଳା ସ୍ପଷ୍ଟ ବାରି ହୋଇପଡୁଛି । ପ୍ରଥମତଃ, ସୋଲାର ପ୍ୟାନେଲ ଗୁଡ଼ିକୁ ମାତ୍ର ୧୦ ଫୁଟ ଉଚ୍ଚତାରେ ସ୍ଥାପନ କରା ଯାଇଛି, ଯାହାକି ସୂର୍ଯ୍ୟକିରଣ ପାଇବା ପାଇଁ ସମ୍ପୂର୍ଣ୍ଣ ଅନୁପଯୁକ୍ତ । ଏପରିକି ଅନେକ ସ୍ଥାନରେ ଛାଇ ପଡୁଥିବା ଜାଗାରେ ଏହି ପ୍ୟାନେଲ ଗୁଡ଼ିକ ଲଗାଯାଇ ଥିବାରୁ ଏହା କିପରି ସଠିକ୍ ଭାବେ ଶକ୍ତି ଉତ୍ପାଦନ କରିବ, ତାହାକୁ ନେଇ ସନ୍ଦେହ ପ୍ରକାଶ ପାଇଛି । ଦ୍ୱିତୀୟରେ, ପ୍ରକଳ୍ପ ପାଇଁ ବ୍ୟବହାର କରାଯାଉଥିବା ପାଇପ୍‌ଗୁଡ଼ିକ ଅତି ନିମ୍ନମାନର ବୋଲି ଅଭିଯୋଗ ହୋଇଛି । ସାଧାରଣ ଚାପରେ ମଧ୍ୟ ଏହି ପାଇପ୍ ଗୁଡ଼ିକ ଫାଟିଯିବାର ଆଶଙ୍କା ରହିଛି । ସରକାରୀ ସ୍ତରରେ ଲକ୍ଷ ଲକ୍ଷ ଟଙ୍କା ଖର୍ଚ୍ଚ କରାଯାଇଥିଲେ ମଧ୍ୟ, ଦାୟିତ୍ୱରେ ଥିବା ଠିକାଦାର ଓ ବିଭାଗୀୟ ଅଧିକାରୀଙ୍କ ମଧୁଚନ୍ଦ୍ରିକାରେ ଏଭଳି ନିମ୍ନମାନର କାମ ଚାଲିଥିବା ଗ୍ରାମବାସୀ ଅଭିଯୋଗ କରିଛନ୍ତି ।ଏହି ସମ୍ପର୍କରେ ସ୍ଥାନୀୟ ବାସିନ୍ଦା କୁହନ୍ତି, 'ଯଦି ଆରମ୍ଭରୁ କାମ ଏଭଳି ହୋଇଥାଏ, ତେବେ ଭବିଷ୍ୟତରେ ଏହି ପ୍ରକଳ୍ପରୁ ପାଣି ମିଳିବା ନିଶ୍ଚିତ ଭାବେ ସନ୍ଦେହ ଜନକ । 'ତୁରନ୍ତ ଉଚ୍ଚସ୍ତରୀୟ ତଦନ୍ତ କରି ସମ୍ପୃକ୍ତ ଠିକାଦାରଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବା ସହ ଉନ୍ନତମାନର ସାମଗ୍ରୀ ବ୍ୟବହାର ପାଇଁ ଗ୍ରାମବାସୀ ଦାବି କରିଛନ୍ତି । ଏ ସମ୍ପର୍କରେ ବିଭାଗୀୟ କନିଷ୍ଠ ଯନ୍ତ୍ରୀଙ୍କ ପ୍ରତିକ୍ରିୟା ପାଇଁ ଯୋଗାଯୋଗ କରାଯାଇଥିଲେ ମଧ୍ୟ ସମ୍ଭବ ହୋଇପାରିନାହିଁ । ତେବେ ଠିକାଦାରଙ୍କ ସହ ଯୋଗା ଯୋଗ କରା ଯାଇଥିଲା ଜେଇଙ୍କ ନିର୍ଦ୍ଦେଶ ଅନୁଯାଇ କାର୍ଯ୍ୟ ହେଉଚି କହି କଥା ଆଡେଇ ଦେଇଥିଲେ ।

## ଝାରଖଣ୍ଡ ମୁକ୍ତି ମୋର୍ଚ୍ଚାର ୭ଘଂଟିଆ ବନ୍ଦକୁ ସଫଳ ପାଇଁ ସବୁ ମହଲରୁ ସମର୍ଥନ

ଉଦଳା(ନିପ୍ର): ଝାଡଖଣ୍ଡ ମୁକ୍ତି ମୋର୍ଚ୍ଚା ଦଳ ତରଫରୁ ଉଦଳା ବିକାଶ ପାଇଁ ୭ ଘଂଟିଆ ବନ୍ଦକୁ ସବୁ ମହଲରୁ ବିପୁଳ ସମର୍ଥନ ମିଳି ଅଛି । କପ୍ତିପଦା ଉପଖଣ୍ଡର ବିଭିନ୍ନ ସମସ୍ୟା ପାଇଁ ଦାବି ଉପସ୍ଥାପନା ଗତମାସ ୧୫ ତାରିଖରେ ଝାରଖଣ୍ଡ ମୁକ୍ତି ମୋର୍ଚ୍ଚା ତରଫରୁ ବିଭିନ୍ନ ମହଲରେ ଉପସ୍ଥାପନ କରିଥିଲେ । ଅଦ୍ୟାବଧି କୌଣସି ଦାବି ପୂରଣ ହୋଇ ନ ଥିବାରୁ ଆଜି ରାସ୍ତା ରୋକ ହେବ ସହିତ ଅଫିସ , ଶିକ୍ଷା ଅନୁଷ୍ଠାନ, ସମସ୍ତ ଦୋକାନ ବଜାର ଦଳ ତରଫରୁ ଶାନ୍ତିଶୃଙ୍ଖଳାର ସହିତ ବନ୍ଦ କରାଯାଇଛି । ଏହି ବନ୍ଦ କାର୍ଯ୍ୟକ୍ରମରେ ଶତାଧିକ କର୍ମୀ ସହଯୋଗରେ ସଫଳ ହୋଇ ପାରିଛି । ଝାରଖଣ୍ଡ ମୁକ୍ତି ମୋର୍ଚ୍ଚାର ଜିଲ୍ଲା ସଭାପତି କୃଷ୍ଣଚନ୍ଦ୍ର ଦାସ, ସମ୍ପାଦକ ଶୈଳେନ୍ଦ୍ର ହେମ୍ବ୍ରମ, ପୂର୍ବତନ ଜିଲ୍ଲା ପରିଷଦ ସଦସ୍ୟା ଶିରୀଶ ଟୁଡୁ, ଏବଂ ରାଜା ହେମ୍ବ୍ରମଙ୍କ ସହିତ ବହୁ ଜେଏମଏମର ସଦସ୍ୟ ମାନେ ଉପସ୍ଥିତ ରହି ବଜାର ଘାଟ , କଚେରି, ବସ ଚଳାଚଳ, ସରକାରୀ ଓ ବେସରକାରୀ ଅନୁଷ୍ଠାନଗୁଡିକୁ ବନ୍ଦ କରିଥିଲେ । ଦଳ ତରଫ ରୁ ଶାନ୍ତିଶୃଙ୍ଖଳା ର ସହିତ ବନ୍ଦ କରାଯାଇଛି ।

## ୧୮ତମ ବାର୍ଷିକ ବରୁଣେଇ ରଜ ମହୋତ୍ସବ-୨୦୨୬ ପ୍ରସ୍ତୁତି ବୈଠକ



ଖୋର୍ଦ୍ଧା(ନିପ୍ର): ଅତିରିକ୍ତ ଜିଲ୍ଲାପାଳ ପ୍ରତାପ ଚନ୍ଦ୍ର ବେଉରାଙ୍କ ଅଧ୍ୟକ୍ଷତାରେ ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ଜୟୀ ରାଜଗୁରୁ ସମ୍ମିଳନୀ କକ୍ଷରେ ୧୮ ତମ ବାର୍ଷିକ ବରୁଣେଇ ରଜ ମହୋତ୍ସବ -୨୦୨୬ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଯାଇଅଛି । ଉକ୍ତ ବୈଠକରେ ମହୋତ୍ସବ କମିଟି ସଭାପତି ତଥା ପୂର୍ବତନ ବିଧାୟକ ଯତୀନ୍ଦ୍ର ନାଥ ମିତ୍ର, ଅତିରିକ୍ତ ଆରକ୍ଷୀ ଅଧିକ୍ଷକ ଅନାଦି ଚରଣ ସେଠୀ, ନିକୁଞ୍ଜ କୁମାର ପଟ୍ଟନାୟକ ମଂଚାସିନ ଥିଲେ । ଜିଲ୍ଲା ସଂସ୍କୃତି ଅଧିକାରୀ ଚୌଧୁରୀ ଅରବିନ୍ଦ ଦାସ ଅତିଥି ପରିଚୟ ଏବଂ ସ୍ୱାଗତ ଭାଷଣ ପ୍ରଦାନ କରି ସଭା ସଂଯୋଜନା କରିଥିଲେ । ସଭାର ସଭାପତି ଅତିରିକ୍ତ ଜିଲ୍ଲାପାଳ ପ୍ରତାପ ଚନ୍ଦ୍ର ବେଉରା ବରୁଣେଇ ରଜମହୋତ୍ସବ କୁ ବିଗତବର୍ଷ ମାନଙ୍କ ପରି ଶାନ୍ତି, ମୈତ୍ରୀ, ସମ୍ପ୍ରିତି ଓ ଭାଇଚାରା ସହ ଶାନ୍ତିପୂର୍ଣ୍ଣ ଭାବେ ପାଳନ କରିବାକୁ ଗୁରୁତ୍ୱାରୋପ କରି ପାନୀୟଜଳ ଯୋଗାଣ, ଆଲୋକିକରଣ, ମନ୍ଦିର ସୌନ୍ଦର୍ଜକରଣ, ଅଗ୍ନିଶମ ସେବା, ପ୍ରାଥମିକ ଚିକିତ୍ସା ସେବା ଓ ପରିମଳ ସେବାକୁ ତ୍ୱରାନିତ ଉପଲବ୍ଧ ଦିଗରେ ବିଭାଗୀୟ ଅଧିକାରୀ ମାନଙ୍କୁ ନିର୍ଦ୍ଦେଶ ଦେଇଥିଲେ । ସେହିପରି ରଜ ମହୋତ୍ସବ ସଭାପତି ଯତୀନ୍ଦ୍ର ନାଥ ମିତ୍ର ପ୍ରତିବର୍ଷ ଜିଲ୍ଲା ପ୍ରଶାସନର ସହଯୋଗ ରେ ବରୁଣେଇ ରଜ ମହୋତ୍ସବ ସଫଳ ଭାବେ ପାଳିତ ହେଉଥିବାରୁ ପ୍ରଶାସନକୁ ଧନ୍ୟବାଦ ପ୍ରଦାନ କରି ଚଳିତ ୧୮ ତମ ରଜ ମହୋତ୍ସବ ସଫଳତା ଦିଗରେ ମଧ୍ୟ ପୂର୍ବ ବର୍ଷ ପରି ସହଯୋଗ ପାଇଁ ଅତିରିକ୍ତ ଜିଲ୍ଲାପାଳ ଏବଂ ବୈଠକର ସଭାପତି ପ୍ରତାପ ଚନ୍ଦ୍ର ବେଉରାଙ୍କ ଦୃଷ୍ଟି ଆକର୍ଷଣ କରିଥିଲେ । ପରେ ଜିଲ୍ଲା ସଂସ୍କୃତି ଅଧିକାରୀ ମହୋତ୍ସବର ବିଭିନ୍ନ କାର୍ଯ୍ୟସୂଚୀ ସମ୍ବନ୍ଧରେ ପ୍ରସ୍ତାବ ରଖିଥିଲେ । ଚଳିତ ବର୍ଷ ଜୁନ ୧୫ ତାରିଖରୁ ୧୭ ତାରିଖ ପର୍ଯ୍ୟନ୍ତ ତିନିଦିନ ଧରି ବରୁଣେଇ ରଜ ମହୋତ୍ସବ ପାଳିତ ହେବ । ଏଥି ନିମନ୍ତେ ୱାଟକୋ ପକ୍ଷରୁ ୮ ଗୋଟି ସିନ ଟେକ୍ସ ମାଧ୍ୟମରେ ବିଶୁଦ୍ଧ ପାନୀୟ ଜଳ ଯୋଗାଇ ଦେବାକୁ ଅତିରିକ୍ତ ଜିଲ୍ଲାପାଳ ନିର୍ଦ୍ଦେଶ ଦେଇଥିଲେ । ସେହିପରି ଅଗ୍ନି ନିର୍ବାପକ ଯନ୍ତ୍ର ତଥା ଫାୟାର ଏକ୍ସଟିନ ଗୁଇସର୍ ଓ ଅଗ୍ନିଶମ ଭ୍ୟାନ ରଖିବା, ପ୍ରାଥମିକ ଚିକିତ୍ସା ବ୍ୟବସ୍ଥା କୁ ତ୍ୱରାନିତ ଭାବେ ତିନିଦିନ ଧରି ମହୋତ୍ସବରେ ଯୋଗାଇ ଦେବାକୁ ଅଧ୍ୟକ୍ଷ ସଂପୃକ୍ତ ଅଧିକାରୀଙ୍କୁ ନିର୍ଦ୍ଦେଶ ଦେଇଥିଲେ । ଏତଦ୍ ବ୍ୟତୀତ ସ୍ୱଚ୍ଛ ପରିମଳ ବ୍ୟବସ୍ଥା ଓ ପାନୀୟ ଜଳ ଯୋଗାଣ ପାଇଁ ଖୋର୍ଦ୍ଧା ପୌରପରିଷଦ, ନିରବଚ୍ଛିନ୍ନ ବିଦ୍ୟୁତ୍ ଯୋଗାଣ ପାଇଁ ଟି ପି ସି ଓ ଡି ଏଲ, ତ୍ୱରଣ ନିର୍ମାଣ, ପୋଲିସ ପ୍ରଶାସନ ପକ୍ଷରୁ ଆଇନ ଶୃଙ୍ଖଳା ଓ ଟ୍ରାଫିକ ସେବା ଯୋଗାଣ, ଅତିଥି ମାନଙ୍କୁ ମହୋତ୍ସବରେ ସନ୍ଧ୍ୟା ସମୟରେ ଯୋଗଦାନ ପାଇଁ ନିମନ୍ତ୍ରଣ, ସରକାରଙ୍କ ଉନ୍ନୟନ ମୂଳକ କାର୍ଯ୍ୟକ୍ରମର ରୂପରେଖ ପ୍ରଦର୍ଶନ ନିମନ୍ତେ ଜିଲ୍ଲା ପରିଷଦ, ସ୍ୱାସ୍ଥ୍ୟ ବିଭାଗ, କୃଷି ବିଭାଗ, ଶିକ୍ଷା ବିଭାଗ, ଉଦ୍ୟାନ କୃଷି, ମତ୍ସ୍ୟ, ମୃର୍ତିକା ସଂରକ୍ଷଣ, ଜଙ୍ଗଲ ବିଭାଗ, ବ୍ୟାଙ୍କ୍, ଇନ୍ସୁରାନ୍ସ କମ୍ପାନୀ ଷ୍ଟଲ, ଓଡ଼ିଶା ପର୍ଯ୍ୟଟନ ବିଭାଗ, ବୈଷୟିକ ଅନୁଷ୍ଠାନ, ବିଭିନ୍ନ ସ୍ୱେଚ୍ଛାସେବୀ ସଂଗଠନ ଷ୍ଟଲ ଖୋଲା ଯିବା ଓ ଭାରତ ସରକାରଙ୍କ ସଙ୍ଗୀତ ନାଟକ ଏକାଡେମୀ ଆନୁକୁଲ୍ୟରେ ସାଂସ୍କୃତିକ କାର୍ଯ୍ୟକ୍ରମ ଉପରେ ଆଲୋଚନା କରାଯାଇଥିଲା । ସେହିପରି ପାରମ୍ପାରିକ ରଜ ପାଳନ ବିଭିନ୍ନ ପ୍ରକାରର ପ୍ରତିଯୋଗିତା ଆୟୋଜନ କରିବାକୁ ବୈଠକରେ ଜିଲ୍ଲା ସଂସ୍କୃତି ଅଧିକାରୀ ଚୌଧୁରୀ ଅରବିନ୍ଦ ଦାସ ତଥ୍ୟ ପ୍ରଦାନ ସହ ଧନ୍ୟବାଦ ପ୍ରଦାନ କରିଥିଲେ । ଶେଷରେ ବୈଠକର ଅଧ୍ୟକ୍ଷ ଅତିରିକ୍ତ ଜିଲ୍ଲାପାଳ ପ୍ରତାପ ଚନ୍ଦ୍ର ବେଉରା ସମସ୍ତ ସଂପୃକ୍ତ ସରକାରୀ ଅଧିକାରୀ ମାନେ ସେମାନଙ୍କ ନ୍ୟସ୍ତ ଦାୟିତ୍ୱକୁ ସୁଚାରୁ ରୁପେ ସମ୍ପାଦନ କରିବାକୁ ନିର୍ଦ୍ଦେଶ ଦେଇଥିବାବେଳେ ମହୋତ୍ସବ କମିଟି ସଭାପତି ପୂର୍ବତନ ବିଧାୟକ ଶ୍ରୀଯୁକ୍ତ ଯତୀନ୍ଦ୍ର ନାଥ ମିତ୍ର ସମସ୍ତଙ୍କ ଅକୁଣ୍ଠ ସହଯୋଗ କାମନା କରିଥିଲେ ।

# ଅନ୍ତଃଜିଲ୍ଲା ସି.ଏମ୍ ଟ୍ରଫି ବ୍ରହ୍ମପୁର ଜୋନ୍‌ର ଷଷ୍ଠ ଦିନ



ବ୍ରହ୍ମପୁର (ନି.ପ୍ର.): ଅନ୍ତଃ ଜିଲ୍ଲା ବର୍ଗ ରେ କଳାହାଣ୍ଡି ଓ ଗଜପତି ଜି ଶବର ଓ ବନିତା ଲୁହାର ଦଳ ପା ଗୋଲ କରି ବିଜୟ ହାସଲ କରିଛି । ଜିଲ୍ଲା ମଧ୍ୟରେ ଖେଳା ଯାଇଥିଲା, ସାହାଣୀ ୧ଟିଏ ଲେଖାଏଁ ଗୋଲ କରିଥିଲେ । ଅତିଥି ଭାବେ ଯୋଗ ପରିଚାଳନା କରିଥିଲେ ବନିତା ହେ ଏବଂ ମ୍ୟାଚ କମିଶନର ସୁଜିତ କୁମ ଷଷ୍ଠ ଦିନ ସନ୍ଧ୍ୟା ର ପ୍ରଥମ ମ୍ୟାଚ କ ସମୟ ମଧ୍ୟରେ କୋଣସି ଗୋଲ ହୋଇନଥିଲା । ବାଳକ ବର୍ଗ ର ଦ୍ୱିତୀୟ ମ୍ୟାଚ ରାୟଗଡା ଓ କନ୍ଧମାଳ ବାଳକ ଦଳ ମଧ୍ୟରେ ଖେଳା ଯାଇଥିଲା । କନ୍ଧମାଳ ଦଳ ୫-୦ ଗୋଲ କରି ବିଜୟ ହାସଲ କରିଥିଲେ । ଆଜି ର ମ୍ୟାଚ ରେ ଅତିଥି ଭାବେ ଯୋଗ ଦେଇଥିଲେ ଶ୍ରୀ ପ୍ରଶାନ୍ତ କୁମାର ଫାଓ ପର୍ଯ୍ୟବେକ୍ଷକ ।ଏଥି ସହ ଗଞ୍ଜାମ ଜିଲ୍ଲା ର ସଦସ୍ୟ ଶ୍ରୀ କେଦାରନାଥ ଚୌଧୁରୀ, ତାରିଣୀ ସାମନ୍ତରାୟ, ଡ଼ି. ଡ଼ି ଗନ୍ତାୟତ, ବିଜୟ କୁମାର ପଟନାୟକ, ଜି. ଏମ ବାବୁ, ସୀତାରାମ ବ୍ରୋର୍ତା, ରାଜେନ୍ଦ୍ର ପ୍ରସାଦ ଗନ୍ତାୟତ, ଡ଼ି. ଆପ୍ପା ରାଓ, ଦୁର୍ଗା ପଟନାୟକ, ରାଜ ନାରାୟଣ ପାତ୍ର, ପ୍ରମୋଦ ମହାରଣା ଏବଂ ଜିଲ୍ଲା ର ବରିଷ୍ଠ ଫୁଟବଲ ଖେଳାଳି ମାନେ ମଧ୍ୟରେ ଉପସ୍ଥିତ ଥିଲେ । ଏହି ମ୍ୟାଚ ଗୁଡ଼ି କୁ ପରିଚାଳନା କରିଥିଲେ ଗରିବ ବେହେରା, ସମୀର ପ୍ରଧାନ, ବିଚିତ୍ର ଜେନା, ଖଗପତି ଖରା ଏବଂ ମ୍ୟାଚ କମିଶନର ସୁଜିତ କୁମାର ପାତ୍ର । ମନୋଜ କୁମାର ନାୟକ ବୋଲି ଜେ. କାମେଶ୍ୱର ରାଓ ଗଞ୍ଜାମ ଜିଲ୍ଲା କ୍ରୀଡା ସଙ୍ଘ ସମ୍ପାଦକ ସୂଚନା ଦେଇଛନ୍ତି ।


# ସପ୍ତମ ଜିଲ୍ଲାସ୍ତରୀୟ ଇଜତେମା ଉଦ୍‌ଘାଟିତ




ସାଲେପୁର:(ନି.ପ୍ର.) ସାଲେପୁର ଉପକଣ୍ଠ କୁସୁମ୍ବୀ ଅହମଦିୟା ମୁସଲିମ ଜାମା ମସଜିଦ ପ୍ରାଙ୍ଗଣରେ ସପ୍ତମ ଜିଲ୍ଲାସ୍ତରୀୟ ମଜଲିସ ଖୁଦ୍ଦାମୁଲ ଓ ଅତଫାଲୁଲ ଅହମଦିୟା କଟକ, ଢେଙ୍କାନାଳ ଓ କେନ୍ଦ୍ରାପଡାର ବାର୍ଷିକ ଇଜତେମା ଉଦଘାଟିତ ହୋଇଛି । ଏହି ଇଦଘାଟନୀ ଉତ୍ସବରେ ସଭାପତିତ୍ୱ ଅଖିଳ ଭାରତ ମଜଲିସ ଖୁଦ୍ଦାମୁଲ ଅହମଦିୟାର ଉପସଭାପତି ସୟଦ ସଇଦୁଦ୍ଦିନ କରିଥିଲେ । ପବିତ୍ର କୋରାନ ପାଠ ଜିଲ୍ଲା କଟକ ଯୁବସଂଗଠନର ଉପସଭାପତି ଶେଖ ମୁଖତାର ଅହମଦ କରିଥିଲେ । ମଜଲିସ ଖୁଦ୍ଦାମୁଲ ଅହମଦିଆର ସପଥ ପାଠ ଅଖିଳ ଭାରତ ମଜଲିସ ଖୁଦ୍ଦାମୁଲ ଅହମଦିୟାର ଉପସଭାପତି ସୟଦ ସଇଦୁଦ୍ଦିନ କରାଇଥିଲେ ।ଉର୍ଦ୍ଦୁ ନଜମ ସଂଗୀତ ମୁହମ୍ମଦ ଏଜାଜ ଅହମଦ ପରିବେଶଣ କରିଥିଲେ । ବିଶ୍ୱବ୍ୟାପୀ ଅହମଦିୟା ମୁସଲିମ ସଂଗଠନର ସର୍ବୋଚ୍ଚ ମୁଖ୍ୟ ତଥା ପଂଚମ ଖଲିଫା ହଜରତ ମିର୍ଜା ମସରୁର ଅହମଦଙ୍କ ବାର୍ତା ପଢି ଶୁଣାଇଥିଲେ ମଜଲିସ ଖୁଦ୍ଦାମୁଲ ଅହମଦିୟା ପୂର୍ବଭାରତର ଉପସଭାପତି ସିଦ୍ଦିକ ଖାଁ । ସଭାପତିତ୍ୱ ଭାଷଣରେ ଅଖିଳ ଭାରତ ମଜଲିସ ଖୁଦ୍ଦାମୁଲ ଅହମଦିୟାର ଉପସଭାପତି ସୟଦ ସଇଦୁଦ୍ଦିନ କହିଲେ, ନମାଜ ପାଠ ଦ୍ୱାରା ସମସ୍ତ ପ୍ରକାରର ପାପ କ୍ଷୟ ହୋଇଥାଏ । ନମାଜ ପାଠ ଦ୍ୱାରା ମନ ଓ ମସ୍ତିଷ୍କ ସୁସ୍ଥ ଓ ଶାନ୍ତ ରହିଥାଏ । ତଥା ଆତ୍ମଶାନ୍ତି ପ୍ରାପ୍ତ ହୋଇଥାଏ । ପ୍ରଥମ ଦିବସରେ କ୍ରୀଡା ପ୍ରତିଯୋଗିତାରେ ୧୦୦ ମିଟର ଦୌଡ, ଲମ୍ଫ ଡିଆଁ, ଉଚ୍ଚ ଡିଆଁ, ବାଟୁଲି ଚାଳନା ଏବଂ ଭଲିବଲ ଖେଳ ହୋଇଥିଲା ।ଏହି ଉତ୍ସବରେ ସମ୍ମାନୀତ ଅତିଥି ଭାବେ ଜିଲ୍ଲା କଟକ, ଢେଙ୍କାନାଳ ଓ କେନ୍ଦ୍ରାପଡାର ସଭାପତି ଶେଖ ହାରୁନ ରଶିଦ, ଜିଲ୍ଲା ମୌଲାନା ଇନଚାର୍ଜ ଶେଖ ଇସହାକ, ସୁଙ୍ଗୁଡା ସଭାପତି ସୟଦ ନାସିର ଅହମଦ, କଟକ ଜିଲ୍ଲା ଯୁବ ସଂଗଠନର ସଭାପତି ସଫାକତ ଅଲ୍ଲି, ବାଲେଶ୍ୱର ଜିଲ୍ଲା ଯୁବସଂଗଠନର ସଭାପତି ଶେଖ ମୁଖତାର, ଇଜତେମା କମିଟିର ସଭାପତି ଶେଖ ଅନସ ଅହମଦ, ସୁଙ୍ଗୁଡା ଯୁବସଂଗଠନର ସଭାପତି ମୁହମ୍ମଦ ନିଆଜ , କୁସୁମ୍ବୀ ମୌଲାନା ମକସୁଦ ଅଲ୍ଲି ଏବଂ କଟକ ଜିଲ୍ଲା ମଜଲିସ ଅନସାରୁଲ୍ଲାଃ ସଂଗଠନର ସଭାପତି ସୟଦ ବଶିର ଅହମଦ ଯୋଗଦେଇଥିଲେ ।

# ଜିଲ୍ଲାପାଳ ଅଫିସ୍ ସାମ୍ନାରେ ଚାଷୀଙ୍କ ଧାରଣା

ନୂଆପଡ଼ା, (ନି.ପ୍ର)ନୂଆପଡ଼ା ଜିଲାରେ ରବିଧାନ ବିକ୍ରି ପାଇଁ ମଣ୍ଡି ଆରମ୍ଭରୁ ଅଚଳାବସ୍ଥା ଦେଖାଦେଇଛି । ମଣ୍ଡି ଖୋଲିବାର ୧୫ ଦିନ ବିତି ଯାଇଥିଲେ ମଧ ସ୍ୱାଭାବିକ ହୋଇ ନ ଥିବାରୁ ଚାଷୀ ମହଲରେ ଅସନ୍ତୋଷ ଦେଖାଦେଇଛି । ଫଳରେ ଚାଷୀମାନେ ଶୁକ୍ରବାର ଆନ୍ଦୋଳନକୁ ଓହ୍ଲାଇଛନ୍ତି । ନୂଆପଡ଼ା ସଦର ବ୍ଲକର ଶତାକ ଚାଷୀ ଜିଲାପାଳ କାର୍ଯ୍ୟାଳୟ ସମ୍ମୁଖରେ ଧାରଣାରେ ବସିଥିଲେ । ଦୀର୍ଘ ସମୟ ଧାରଣାରେ ବସିଲା ପରେ ମଧ୍ଯ ଜିଲା ପ୍ରଶାସନ ପକ୍ଷରୁ କୌଣସି ଉତର ନ ମିଳିବାରୁ ଉଭ୍ୟକ୍ତ ହୋଇ ୩୫୩ ନମ୍ବର ଜାତୀୟ ରାଜପଥ ଅବରୋଧ କରି ଧାରଣା ଦେଇଥିଲେ । ଏହି ସମୟରେ ନୂଆପଡା ଉପଜିଲାପାଳ ସୁର୍ମୀ ସୋରେନ ଧାରଣାସ୍ଥଳରେ ପହଂଚି ଚାଷୀମାନଙ୍କ ସହ ଆଲୋଚନାକରି ମଣ୍ଡିକୁ ଟ୍ରକ ପଠାଯିବ ବୋଲି ପ୍ରତିଶ୍ରୁତି ଦେଇଥିଲେ ।



ହେଲେ ମଣ୍ଡିକୁ ଟ୍ରକ ପହଂଚୁଲେ ଧାରଣାରୁ ଓହରିଯିବୁ ବୋଲି ଚାଷୀମାନେ ଅଡିବସିଥିଲେ । ସଙ୍ଗେ ସଙ୍ଗେ ସାରାବଙ୍ଗ ମଣ୍ଡିରେ ୨ଟି ଟ୍ରକ ପହଂଚୁ ଧାନ ଉଠାଣ ହୋଇଥିଲା । ଏହାପରେ ଆବଶ୍ୟକ ଟ୍ରକ ପଠାଯିବ ବୋଲି ପ୍ରତିଶ୍ରୁତି ମିଳିଲା ପରେ ଧାରଣା ପ୍ରତ୍ୟାହୃତ ହୋଇଥିଲା । ଏହି ସମୟରେ ଜିଲା ପରିଷଦ ଭରତଲାଲ ରାଉତ, ଅବନୀ ରଞ୍ଜନ ଯୋଶୀ, ଟିଙ୍କୁ ପଣ୍ଡା, ଦେବୀ ପ୍ରସାଦ ମିଶ୍ର, ପ୍ରସନ୍ନ ସାହୁ, ଧାରଣାରେ ଶତାକ ଚାଷୀ ଉପସ୍ଥିତ ଥିଲେ । ସୂଚନା ଅନୁଯାୟୀ ନୂଆପଡ଼ା ଜିଲାସ୍ତରୀୟ ଧାନକ୍ରୟ କମିଟି ବୈଠକରେ ନିଷ୍ପରି ହୋଇଥୁଲା ଯେ, ଚଳିତ ରବିଋତୁରେ ଜିଲାର ୨୬ଟି ପାକ୍ସରୁ ୫୧ଟି ମଣ୍ଡିରେ ଧାନ କ୍ରୟ ହେବ । ୧୯,୩୪୭ ଚାଷୀ ଧାନ ବିକ୍ରୟ ପାଇଁ ପଞ୍ଜୀକରଣ କରିଥିବାବେଳେ ୧୭,୯୮୮ ଜଣ ଏଥିପାଇଁ ଯୋଗ୍ୟ ବିବେଚିତ ହୋଇଛନ୍ତି । ମେ ୨୦ରେ ଖଡିଆଳଠାରେ ମଣ୍ଡି ଉଦ୍ ?ଘାଟନ କରି ୨୫ ତାରିଖଠାରୁ ସମସ୍ତ ମଣ୍ଡି ଖୋଲି ଚାଷୀଙ୍କ ଧାନ କ୍ରୟ କରାଯିବ ବୋଲି କୁହାଯାଇଥିଲା । ଆଜକୁ ୧୫ ଦିନ ବିତି ଯାଇଥିଲେ ମଧ ସମସ୍ତ ମଣ୍ଡି ସ୍ୱାଭାବିକ ହୋଇନାହିଁ । ଜିଲାରେ ହାତଗଣତି କାଁଭାଁ କେତେ ମଣ୍ଡି ଖୋଲିଛି ଓ ମେ ୨୫ରୁ ଚାଷୀଙ୍କ ଟୋକନ ଆସି ଯାଇଛି । ଚାଷୀମାନେ ମଣ୍ଡିରେ ଧାନ ରଖି ଜଗିବସିଛନ୍ତି । ମିଲର୍ସ କିମ୍ବା କୌଣସି ବିଭାଗୀୟ ଅଧିକାରୀ ମଣ୍ଡିରେ ଦେଖା ଦେଉ ନ ଥିବାରୁ ଚାଷୀ ମହଲରେ ଅସନ୍ତୋଷ ଦେଖାଦେଇଛି । ପୁଣି କେରଳକୁ ମୌସୁମୀ ପହଂଚିଲା ପରେ ସପ୍ତାହକ ଭିତରେ ଓଡିଶାରେ ବର୍ଷା ଆରମ୍ଭହୋଇଥାଏ । ବର୍ଷା ଆଗମନର ସମୟ ହୋଇଯାଇଥିବାରୁ ଚାଷୀ ଖରିଫ ଚାଷ ପାଇଁ ପ୍ରସ୍ତୁତ ହେଉଛନ୍ତି । ଅନ୍ୟପଟେ ଧାନ ବିକ୍ରୟ ହେଉ ନ ଥିବାରୁ ଚାଷୀମାନେ ଚିନ୍ତାରେ ପଡିଯାଇଛନ୍ତି । ପୂର୍ବ ଋଣ ପରିଶୋଧ ନ କଲେ ନୂତନ ଋଣ ମିଳିବ ନାହିଁ ସେ ନେଇ ଚାଷୀ ଆହୁରି ଚିରିତ ଅଛନ୍ତି । ରଜପର୍ବ ପୂର୍ବରୁ ସମସ୍ତ ମଣ୍ଡିର ସବୁ ଚାଷୀଙ୍କ ଧାନ ଉଠାଣ ନ ହେଲେ ଆଗାମୀ ଦିନରେ ଚାଷୀ ଆନ୍ଦୋଳନକୁ ଆହୁରି ତୀବ୍ରତର କରି ରାଜରାସ୍ତାକୁ ଓହ୍ଲାଇ ଅନିର୍ଦ୍ଦିଷ୍ଟକାଳ ଅଖଚକ ବନ୍ଦ କରାଯିବ ବୋଲି ଚାଷୀମାନେ ଚେତାବନୀ ଦେଇଛନ୍ତି ।

# ଛତ୍ରପୁର ମହୋତ୍ସବର ପଂଚମ ସନ୍ଧ୍ୟା



ବ୍ରହ୍ମପୁର / ଛତ୍ରପୁର (ନି.ପ୍ର.) : ଗଞ୍ଜାମ ଜିଲ୍ଲା ପ୍ରଶାସନ ଏବଂ ଛତ୍ରପୁର ବିଧାୟକ କୃଷ୍ଣଚନ୍ଦ୍ର ନାୟକଙ୍କ ତତ୍ୱାବଧାନରେ ପାଂଚଦିନଧରି ମହାଆଡମ୍ବରରେ ଚାଲିଥିବା ଛତ୍ରପୁର ମହୋତ୍ସବ ଆଜି ଶେଷ ହୋଇଛି । ଶେଷ ଦିନ ହୋଇଥିବା ହେତୁ ଆଜି ପ୍ରବଳ ଜନଗହଳି ପରିଲିକ୍ଷିତ ହୋଇଥିଲା ।ଉଦଯାପନୀ ସନ୍ଧ୍ୟାରେ ମୁଖ୍ୟଅତିଥି ଭାବେ ବ୍ରହ୍ମପୁର ସାଂସଦ ଡ଼ଃ ପ୍ରଦୀପ କୁମାର ପାଣିଗ୍ରାହୀ, ସମ୍ମାନିତ ଅତିଥି ଭାବେ ଦିଗପହଣ୍ଡି ବିଧାୟକ ତଥା ସୁପ୍ରସିଦ୍ଧ ଅଭିନେତା ସିଦ୍ଧାନ୍ତ ମହାପାତ୍ର, ଛତ୍ରପୁର ବିଧାୟକ କୃଷ୍ଣ ଚନ୍ଦ୍ର ନାୟକ ନାୟକଙ୍କ ସମେତ ଗଞ୍ଜାମ ଜିଲ୍ଲାପାଳ ଭି କୀର୍ତି ଭାସନ, ଅତିରିକ୍ତ ଜିଲ୍ଲାପାଳ ସଚ୍ଚିଦାନନ୍ଦ ନାୟକ ଓ ଦେବଦତ ପଣ୍ଡା ଗଞ୍ଜାମ ଜିଲ୍ଲା ପରିଷଦର ମୁଖ୍ୟ ଉନ୍ନୟନ ଅଧିକାରୀ ସମୀର କୁମାର ଜେନା, ଛତ୍ରପୁର ଉପଜିଲ୍ଲାପାଳ ଶିବାଶିଷ ବରାଳ, ଆଇ ଏ ଏସ ଶିକ୍ଷାନବୀସ ସୁଶ୍ରୀ ସାରାନ୍ୟା ପ୍ରମୁଖ ଅତିଥି ଭାବେ ଯୋଗଦେଇ ଅଧିଷ୍ଠାତ୍ରୀ ଦେବୀ ମା' ରାମାୟାଣାମ୍ମା ଓ ପ୍ରଭୁ ଜଗନ୍ନାଥଙ୍କ ନିକଟରେ ଅଂଚଳ ବାସୀଙ୍କ ମଙ୍ଗଳ କାମନା କରିଛନ୍ତି । ଅତିଥି ମାନେ ପଲ୍ଲିଶ୍ରୀ ମେଳା , ଜିଲ୍ଲା ସ୍ତରୀୟ ମତ୍ସ୍ୟ ଏବଂ ପ୍ରାଣୀ ସମ୍ପଦ ମେଳା, କୃଷି ଯନ୍ତ୍ରପାତି ମେଳା, ଖାଦ୍ୟ ମେଳା ଓ ସୁଭଦ୍ରା ଶକ୍ତି ମେଳା ବୁଲି ଦେଖିବା ସହିତ ଉତ୍ପାଦକ, ବିକ୍ରୀକର୍ତା, ଅଧିକାରୀ ଓ ସ୍ୱୟଂ ସହାୟକ ଗୋଷ୍ଠୀର ସଦସ୍ୟମାନଙ୍କ ସହିତ ଆଲୋଚନା କରିଥିଲେ । ଛତ୍ରପୁର ମହୋତ୍ସବ ଓ ଗଞ୍ଜାମ ଜିଲ୍ଲାର ଅନୁଭୂତି ତାସହିତ ତାଙ୍କର ବ୍ୟବସାୟ ସମ୍ପର୍କରେ ପଚାରି ବୁଝିଥିଲେ । ଛତ୍ରପୁର ମହୋତ୍ସବରେ ଭଲ ବ୍ୟବସାୟ ହେବା ସହ ଆଗାମୀଦିନରେ ମଧ ଏଠାକୁ ଆସିବା ପାଇଁ ସେମାନେ ଆଗ୍ରହ ପ୍ରକାଶ କରିଛନ୍ତି । ପଂଚମ ତଥା ଶେଷ ସନ୍ଧ୍ୟା ରେ ସୁନାମଧନ୍ୟ କଣ୍ଠଶିଳ୍ପୀ ଅଙ୍କିତା ଭଟ୍ଟାଚାର୍ଯ୍ୟ, ପ୍ରଜ୍ଞା ହୋତା, ସଚିନ ରାଉତଙ୍କ ସୁମଧୁର ସଂଗୀତ ଓ ଆର ଡି ଏକ୍ସ ଡ୍ୟାନ୍ସ ଗ୍ରୁପ ର ଦମଦାର ଡ୍ୟାନ୍ସ ସହିତ ଛତ୍ରପୁର ଶ୍ରୀ ନଟରାଜ ନୃତ୍ୟ ଏକାଡେମୀର ସେମି କ୍ଲାସିକାଲ୍, ବ୍ରହ୍ମପୁର ସଙ୍ଗୀତ ଆରାଧନା ଡ୍ୟାନ୍ସ ଆଣ୍ଡ୍ ମ୍ୟୁଜିକ୍ ଏକାଡେମୀର ସମ୍ବଲପୁରୀ, ବ୍ରହ୍ମପୁର ଉତ୍କଳିକା କଳା ନିକେତନର ସେମି କ୍ଲାସିକାଲ୍, ଛତ୍ରପୁର ସମୀର ନୃତ୍ୟ କେନ୍ଦ୍ରର କାଳୀ ନୃତ୍ୟ, ଛତ୍ରପୁର ଜୟ ଗଣେଶ କଳା ବିକାଶ କେନ୍ଦ୍ରର ବାର ମାସ ତେର ଯାତ, କଳାହାଣ୍ଡି ମାଁ ସାନ ସ୍ମୃତି ଯୁବ ଅନୁଷ୍ଠାନର ବଜାଶାଲ, ବ୍ରହ୍ମପୁର ଓଡ଼ିଶୀ ନୃତ୍ୟାୟନର ମାହାରୀ, ବ୍ରହ୍ମପୁର ଶ୍ରୁତି ଡ୍ୟାନ୍ସ ଏକାଡେମୀର ସମ୍ବଲପୁରୀ ନୃତ୍ୟ, ଦିଗପହଣ୍ଡି ବିଚିତ୍ର ବର୍ଣ୍ଣାଳୀ ନାଟ୍ୟ ସଂସଦର ପଶୁ ମୁଖା ନୃତ୍ୟ ଦର୍ଶକଙ୍କ ମନ ମୋହିଥିଲା । ଏହି ଅବସର ରେ ମୁଖ୍ୟମନ୍ତ୍ରୀ କାମଧେନୁ ଯୋଜନା ଅଧୀନରେ ଉଲ୍ଲେଖନୀୟ ସଫଳତା ପାଇଁ ଜୟା ଗୌଡ଼, କୁକୁଡ଼ା ପାଳନରେ ଂ. ରାଧିକା, ଛେଳି ପାଳନ ରେ ଅଳକା ସ୍ୱାଇଁ, ନାରୀ ଶକ୍ତି ଶ୍ରୀ ଜଗନ୍ନାଥ ସ୍ୱୟଂ ସହାୟିକା ଗୋଷ୍ଠୀ( କୁକୁଡ଼ା ପାଳନ ), ଉନ୍ନତ ମାନ ର ମତ୍ସ୍ୟ ଯାଆଁଳା ଉତ୍ପାଦନ ପାଇଁ ଚିତ ରଞ୍ଜନ ବେହେରା, ମତ୍ସ୍ୟ ପୋଖରୀ ଯୋଜନାରେ ଶାନ୍ତି ଲତା ସ୍ୱାଇଁ, ମାଛ ଚାଷ ପାଇଁ କାହ୍ନୁ ପାଢ଼ୀ, ଜୟ ଜଗନ୍ନାଥ ସ୍ୱୟ ସହାୟିକା ଗୋଷ୍ଠୀ, ମା ରମାୟାଣାମ୍ମା ଠାକୁରାଣୀ ଯାତ୍ରା କମିଟି ର ମ୍ୟାନଜର ସିଏଚ. ଦୟାନନ୍ଦ ରେଡ୍ଡୀ, ଆସିଷ୍ଟାଣ୍ଟ ମ୍ୟାନଜର ଏମ ସମରେନ୍ଦ୍ର ସେନାପତି,ସମ୍ପାଦକ ପି. ରାଜୁ ରେଡ୍ଡୀ, ସଭ୍ୟ ଶ୍ରୀନିବାସ, ଏବଂ ତାଙ୍କ ଟିମ, ଗ୍ରାସୀମ ଇଣ୍ଡଷ୍ଟ୍ରି, ଟାଟା ଷ୍ଟିଲ ସିଏସଆର, ଆଇଆର ଇଏଲ, ଆଦାନୀ ପୋର୍ଟ, ଇଭେଂଟ ମ୍ୟାନଜମେଂଟ ଟିମ ଜେନସର ନିହାର ଓ ସହଯୋଗୀ,ଛତ୍ରପୁର ଆଡିସନାଲ ସବକଲେକ୍ଟର ପାର୍ଥ ସାରଥୀ ହାଁସଦା, ଡେପୁଟି କଲେକ୍ଟର କସ୍ତୁରୀ ସ୍ୱାଇଁ, ଜିଲ୍ଲା ସଂସ୍କୃତି ଅଧିକାରିଣୀ ଅଦିତି ଆଚାର୍ଯ୍ୟ, ପୁରୁଷୋତମପୁର ତହସିଲଦାର ବିନୋଦ ବେହେରା, ଛତ୍ରପୁର ତହସିଲଦାର ଦିବ୍ୟା ମହାନ୍ତି, ଅତିରିକ୍ତ ତହସିଲଦାର ମନୋଜ ପ୍ରଧାନ, ଏନ. ରବି ପ୍ରଧାନ ଓ ସୁଚିତ୍ରା ବେହେରା, ଓରମାସ ଡେପୁଟି ସିଇଓ ଡ଼ଃ ରାଜଗୋପାଳ ଦାଶ, ଛତ୍ରପୁର ପୌରପରିଷଦ ର କାର୍ଯ୍ୟ ନିର୍ବାହୀ ଅଧିକାରୀ ପ୍ରସନ୍ନ କୁମାର ଦାଶ, ଗଞ୍ଜାମ ଜିଲ୍ଲା ପରିଷଦର ସୌମ୍ୟ ହୋତା, ସୋରେନ ପଲାଇ ଙ୍କ ସମେତ ଅନ୍ୟାନ୍ୟ ପ୍ରଶାସନିକ ଅଧିକାରୀ ମାନଙ୍କୁ ଅତିଥି ମାନଙ୍କ ଦ୍ୱାରା ସମ୍ବର୍ଦ୍ଧନା ପ୍ରଦାନ କରାଯାଇଥିଲା କ୍ଷ ପାଂଚଦିନଧରି ଛତ୍ରପୁର ମହୋତ୍ସବକୁ ଶାନ୍ତି ଓ ଶୃଙ୍ଖଳା ସହିତ ଉପଭୋଗ କରିଥିବାରୁ ଅଂଚଳବାସୀଙ୍କୁ ତା ସହିତ ଜ୍ଜିଲ୍ଲାପ୍ରଶାସନ, ପୋଲିସ ପ୍ରଶାସନ,ସମସ୍ତ ବିଭାଗ, ଗଣମାଧ୍ୟମ, ବୁଦ୍ଧିଜୀବୀ ଓ ସମ୍ପୃକ୍ତ ସମସ୍ତଙ୍କୁ ମହୋତ୍ସବର ସମସ୍ତ ସହଯୋଗ ଓ ସଫଳତା ପାଇଁ ଜିଲ୍ଲାପାଳ ଓ ଛତ୍ରପୁର ବିଧାୟକ ସାଧୁବାଦ ଜ୍ଞାପନ କରିଛନ୍ତି ।

# ବିଶ୍ୱ ପରିବେଶ ଦିବସ ପାଳିତ

ଝାରସୁଗୁଡା(ନି.ପ୍ର.)-ରାଜ୍ୟ ପ୍ରଦୁଷଣ ନିୟନ୍ତ୍ରଣ ବୋର୍ଡ଼ ଓଡିଶା ଝାରସୁଗୁଡ଼ା, ଅନୁକୁଲ୍ୟରେ ପି.ଏମ୍ ?.ଶ୍ରୀ. କେ.ବି.ଜେ. ସରକାରୀ ଉଚ୍ଚ ବିଦ୍ୟାଳୟ ଲଇକେରା ଠାରେ ଗତ କାଲି ବିଶ୍ୱ ପରିବେଶ ଦିବସ ପାଳିତ ହୋଇଯାଇଛି । ଏହି ଅବସରରେ ମୁଖ୍ୟ ଅତିଥି ଭାବରେ ରାଜ୍ୟ ପ୍ରଦୁଷଣ ବୋର୍ଡ଼ ଝାରସୁଗୁଡ଼ାର ଆଂଚଳିକ ଅଧିକାରୀ ଶ୍ରୀ ହିରଣ୍ୟା କୁମାର ନାୟକ ଯୋଗ ଦେଇ ଛାତ୍ରଛାତ୍ରୀ ମାନଙ୍କୁ ପ୍ରଦୁଷଣ ନିୟନ୍ତ୍ରଣ କରିବା ପାଇଁ ସଚେତନ ବାର୍ତା ଦେଇଥିଲେ । ବିଶିଷ୍ଟ ଅତିଥି ରୁପେ ଏମ.ଏସ. ଓରିୟମ ଗ୍ରୁପର ନିର୍ଦ୍ଦେଶକ ଦୀପକ ଅଗ୍ରୱାଲ,ସମ୍ମାନୀତ ଅତିଥି ଭାବରେ ପରିବେଶ ବୈଜ୍ଞାନିକ ଅନୁଷ୍କା ଏକ୍କା ଯୋଗ ଦେଇ ପରିବେଶ ସୁରକ୍ଷା ପାଇଁ ଯତ୍ନବାନ ହେବାକୁ ଉପଦେଶ ଦେଇଥିଲେ । ରାଜ୍ୟ ପ୍ରଦୁଷଣ ନିୟନ୍ତ୍ରଣ ବୋର୍ଡ଼ ଝାରସୁଗୁଡ଼ାର ସମ୍ବିତ କୁମାର ପଣ୍ଡାଙ୍କ ତତ୍ୱବଧାନରେ ଚିତ୍ରାଙ୍କନ ପ୍ରତିଯୋଗିତା ଓ ବକ୍ତୃତା ପ୍ରତିଯୋଗିତାରେ ସଫଳତା ପ୍ରାପ୍ତି କରିଥିବା ଛାତ୍ରଛାତ୍ରୀ ମାନଙ୍କୁ ପୁରସ୍କୃତ କରିଥିଲେ । ଏହା ପରେ ପରିବେଶ ସୁରକ୍ଷା ପାଇଁ ସାମୁହିକ ଶପଥ ପାଠ କରାଗଲା ଏବଂ ସଭାକାର୍ଯ୍ୟ ସମାପ୍ତି ପରେ ବିଦ୍ୟାଳୟ ଖେଳ ପଡ଼ିଆରେ ବୃକ୍ଷ ରୋପଣ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା । ଅନ୍ୟ ସମ୍ମାନୀୟ ଅତିଥି ଭାବରେ ଲଇକେରା ବିଦ୍ୟାଳୟର ପ୍ରଧାନ ଶିକ୍ଷକ ହେମନ୍ତ କୁମାର ପଟେଲ ଓ ଜନ୍ମାଜଥି ନାଏକ ଯୋଗ ଦେଇଥିଲେ । ସହକାରୀ ଶିକ୍ଷକ ଚୈତନ କଂଟା ମଂଚ ପରିଚାଳନା କରିଥିଲେ ଏବଂ ବିଜ୍ଞାନ ଶିକ୍ଷୟତ୍ରୀ କଲ୍ୟାଣୀ ଏକ୍କା ଧନ୍ୟବାଦ ଅର୍ପଣ କରିଥିଲେ ।

# ମଣ୍ଡିରେ ପଡ଼ିଛି ଧାନ: ଖଡ଼ିଆଳ ତହସିଲଦାର କଲେ ତଦାରଖ

ନୂଆପଡ଼ା, (ନି.ପ୍ର) ନୂଆପଡା ଜିଲା ଖଡ଼ିଆଳ ବ୍ଲକ ଖୁଦପେଜ ଧାନ ମଣ୍ଡିରେ ମିଲର୍ସମାନେ ଧାନ ଉଠାଣ ନ କରିବାରୁ ଚାଷୀମାନେ ଚରମ ଅସୁବିଧାର ସମ୍ମୁଖୀନ ହୋଇଛନ୍ତି । ମଣ୍ଡିରେ ପ୍ରତିଦିନ ମାତ୍ର ଗୋଟିଏ ଟ୍ରକ ଆସୁଥିବାବେଳେ ଶୁକ୍ରବାର ସେହି ଗୋଟିଏ ଟ୍ରକ ମଧ୍ଯ ନ ଆସିବାରୁ ହଜାର ହଜାର କୁଇଂଟାଲ ଧାନ ଚାଷୀଙ୍କ ପାଖରେ ପଡ଼ି ରହିଛି । ଘଟଣା ସମ୍ପର୍କରେ ଖବର ପାଇ ଖଡ଼ିଆଳ ତହସିଲଦାର ମଣ୍ଡି ପରିଦର୍ଶନ କରି ସ୍ଥିତି ଅନୁଧାନ କରିଛନ୍ତି । ଚାଷୀଙ୍କ କହିବା ଅନୁଯାୟୀ, ମଣ୍ଡିକୁ ଧାନ ଆଣିବାର ଦିନ କେଇଟା ବିତି ଯାଉଥିଲେ ମଧ ମିଲର୍ସମାନେ ଉଠାଣ କରୁନାହାନ୍ତି । ପ୍ରତିଦିନ ଗୋଟିଏ ଟ୍ରକ ଆସୁଥିବାରୁ ମାତ୍ର କିଛି ପରିମାଣର ଧାନ ହିଁ ଉଠୁଥିଲା । ଅଧିକ ଟ୍ରକ ଆସିଲେ ମଣ୍ଡିରେ ପଡ଼ିଥିବା ଧାନ ଶୀଘ୍ର ଉଠିପାରନ୍ତା ବୋଲି ଚାଷୀମାନେ କହିଛନ୍ତି । ହେଲେ ଶୁକ୍ରବାର ସେହି ଗୋଟିଏ ଟ୍ରକ ମଧ୍ଯ ନ ଆସିବାରୁ ସ୍ଥିତି ଆହୁରି ଜଟିଳ ହୋଇଛି । ଋଣ କରି ଚାଷ କରିଛୁ । ଧାନ ବିକ୍ରି ନ ହେଲେ ଘର ଚଳିବ କେମିତି ବୋଲି ଚାଷୀମାନେ କହିଛନ୍ତି । ଖୋଲା ଆକାଶ ତଳେ ପଡ଼ିଥ ?ିବା ଧାନ ବର୍ଷା ହେଲେ ସବୁ ନଷ୍ଟ ହୋଇଯିବ । ପ୍ରଶାସନ ତୁରନ୍ତ ହସ୍ତକ୍ଷେପ କରୁ ବୋଲି ଜଣେ ଚାଷୀ କ୍ଷୋଭ ପ୍ରକାଶ କରିଛନ୍ତି । ଅଭିଯୋଗ ପାଇବା ପରେ ଖଡ଼ିଆଳ ତହସିଲଦାର ନରସିଙ୍ଗ ଗଡ଼ବା ମଣ୍ଡି ପରିଦର୍ଶନ କରି ପଡ଼ି ରହିଥ ?ିବା ଧାନ ଓ ଚାଷୀଙ୍କ ଅସୁବିଧା ସମ୍ପର୍କରେ ତଦାରଖ କରିଛନ୍ତି । ସେ କହିଛନ୍ତି, ମିଲର୍ସ ଓ ମଣ୍ଡି ଅଧିକାରୀଙ୍କ ସହ ଆଲୋଚନା କରି ଉଠାଣ ପ୍ରକ୍ରିୟାକୁ ତ୍ୱରାନ୍ୱିତ କରାଯିବ । ଆବଶ୍ୟକ ହେଲେ ଅଧିକ ଟ୍ରକ ବ୍ୟବସ୍ଥା କରାଯିବ, ଯାହା ଦ୍ୱାରା ଚାଷୀଙ୍କ ଧାନ ଶୀଘ୍ର ଉଠିପାରିବ । ଚାଷୀମାନେ ଦାବି କରିଛନ୍ତି ।

# ରଥଯାତ୍ରା ଅବସରରେ ନଗର ଉନ୍ନୟନ ବିଭାଗର ସମୀକ୍ଷା ବୈଠକ ଅନୁଷ୍ଠିତ



ପୁରୀ(ନି.ପ୍ର.) ରଥଯାତ୍ରା ରେ ନଗର ଉନ୍ନୟନ ବିଭାଗ ପାଇଁ ଅନେକ ଆହ୍ୱାନ ରହିଥାଏ ।ଏହାକୁ ସମ୍ମିଳିତ ଭାବେ କାର୍ଯ୍ୟ କରି,ଉନ୍ନତ ସେବା ଯୋଗାଇ ଶୃଙ୍ଖଳିତ ରଥଯାତ୍ରା କୁ ସଫଳ କରିବା ବୋଲି କହିଛନ୍ତି ଗୃହ ନିର୍ମାଣ ଓ ନଗର ଉନ୍ନୟନ ବିଭାଗର ଅତିରିକ୍ତ ମୁଖ୍ୟ ଶାସନ ସଚିବ ଶ୍ରୀମତୀ ଉଷା ପାଢ଼ୀ । ଆଗାମୀ ରଥଯାତ୍ରା ପରିପ୍ରେକ୍ଷୀରେ ନଗର ଉନ୍ନୟନ ବିଭାଗ ର ପ୍ରସ୍ତୁତି ଓ ପରିଚାଳନା ସମ୍ପର୍କରେ ଏକ ସମୀକ୍ଷା ବୈଠକ ଆଜି ଅପରାହ୍ନ ରେ ସର୍କିଟ ହାଉସ ଠାରେ ଅନୁଷ୍ଠିତ ହୋଇଥିଲା ।ଜିଲ୍ଲାପାଳ ଦିବ୍ୟ ଜ୍ୟୋତି ପରିଡା ଏଥିରେ ସମସ୍ତଙ୍କୁ ସ୍ୱାଗତ କରିବା ସହ ରଥଯାତ୍ରା ଅବସରରେ ବଡଦାଣ୍ଡ ଓ ପୁରୀ ସହରରେ ଗ୍ରହଣ କରାଯାଇଥିବା ଓ ରଥଯାତ୍ରା ପାଇଁ ଯୋଜନା ସମ୍ପର୍କରେ ଆଲୋକପାତ କରିଥିଲେ ।ରଥଯାତ୍ରା ସମୟରେ ଶ୍ରଦ୍ଧାଳୁ ଓ ଯାତ୍ରୀ ମାନଙ୍କ ସୁସ୍ଥ ଓ ସୁରକ୍ଷିତ ଦର୍ଶନ ପାଇଁ ନଗର ଉନ୍ନୟନ ବିଭାଗ ଏକ ପ୍ରମୁଖ ମାଧ୍ୟମ ।ସହରକୁ ସଫା ସୁତୁରା ରଖିବା, ସୁସ୍ଥ ପରିବେଶ ସୃଷ୍ଟି କରିବା,ଶୌଚାଳୟ ବ୍ୟବସ୍ଥା କରିବା,ପାର୍କିଂ, ଆଲୋକିକରଣ ଇତ୍ୟାଦି ସମସ୍ତ କାର୍ଯ୍ୟ ର ସୁପରିଚାଳନା ପାଇଁ ଅତିରିକ୍ତ ମୁଖ୍ୟ ଶାସନ ସଚିବ ଶ୍ରୀମତୀ ପାଢ଼ୀ ନିର୍ଦ୍ଦେଶ ଦେଇଥିଲେ । ପୁରୀ ମହାନଗର ନିଗମର କମିଶନର ସ୍ନେହା ଅରୁଗୁଳା କାର୍ଯ୍ୟସୂଚୀ ଅନୁସାରେ ପୁରୀ ମହାନଗର ନିଗମର ବିବିଧ ଯୋଜନା ସମ୍ପର୍କରେ ସୂଚନା ଦେଇଥିଲେ ।ସର୍ବାଧିକ ଗୁରୁତ୍ୱ ସ୍ୱଚ୍ଛତା ଉପରେ ଦିଆଯିବା ସହ ସମସ୍ତ ନାଗରିକ ମାନଙ୍କୁ ସଚେତନ କରାଯିବ ।କେହି ସ୍ୱଚ୍ଛତା ନିୟମ ଉଲ୍ଲଙ୍ଘନ କରୁଥିଲେ ତାଙ୍କୁ ଫାଇନ କରାଯିବ ।ଲଗାତାର ଏନଫୋର୍ସମେଂଟ କରାଯିବ,୩୦ ଜୁନ ସୁଦ୍ଧା ସମସ୍ତ ଡ୍ରେନ ରେ ସ୍ଲାବ ପଡିବ,ଜବରଦଖଲ ଉଚ୍ଛେଦ ସହ ସ୍ୱଚ୍ଛତା ପ୍ରତି ଏନଫୋର୍ସମେଂଟ ଟିମ ଦୃଷ୍ଟି ଦିଆଯିବ ।ଅଧିକ ଲୋକ ଲଗାଯାଇ ପୁରା ସହରକୁ ନିରବଚ୍ଛିନ୍ନ ପରିଷ୍କାର ପରିଛନ୍ନତା ରଖାଯିବ । ପାର୍କିଂ ସ୍ଥଳ ଉନ୍ନତି ସହ ସେଠାରେ ଡ୍ରାଇଭର ବିଶ୍ରାମ ସ୍ଥାନ, ରଥଯାତ୍ରା ରେ ଅଧିକ ଶୌଚାଳୟ ର ବ୍ୟବସ୍ଥା କରାଯିବ ।ଡ୍ରେନ ସଫା ତ୍ୱରାନ୍ୱିତ କରାଯାଇଛି ,ରାସ୍ତା ରେ ବୁଲୁଥିବା ଗୋରୁ ଗାଈ ମାନଙ୍କୁ ଗୋଶାଳା ଅବା କାଞ୍ଜିଆହୁଦା ରେ ରଖାଯିବ, ବର୍ଷା ହେଲେ ଯେଉଁ ଠାରେ ଜଳ ଜମିବା ଆଶଙ୍କା ରହୁଛି ତାହାକୁ ଚିହ୍ନଟ ସହ ତ୍ୱରିତ ଜଳ ନିଷ୍କାସନ ବ୍ୟବସ୍ଥା କରିବା,ଉଚ୍ଚ ଶକ୍ତି ସମ୍ପର୍ଣ୍ଣ ପମ୍ପ ରଖାଯିବ,ହୋଟେଲ ମାନଙ୍କୁ ସଚେତନ କରାଯାଇ ସ୍ୱଚ୍ଛତା କୁ ଗୁରୁତ୍ୱ ଦିଆଯାଉଛି ।ଚଳିତ ରଥଯାତ୍ରା ରେ ବଡଦାଣ୍ଡରେ ଆଦୌ ରନ୍ଧା ଖାଦ୍ୟ ଦିଆଯିବ ନାହିଁ ।ଗଳି ମାନଙ୍କ ରେ ନିର୍ଦ୍ଦିଷ୍ଟ ସ୍ଥାନ ମାନଙ୍କ ରେ ଅନ୍ନଦାନ ବ୍ୟବସ୍ଥା କରାଯିବ ଯାହା ଫଳରେ ପରିବେଶ ଅସ୍ୱଚ୍ଛ ରହିବ ନାହିଁ,ବିଭିନ୍ନ ସାଇନଏଜ ବା ସୂଚନା ଫଳକ ଲଗାଯାଇ ଖାଦ୍ୟ, ପାନୀୟ, ଚିକିତ୍ସା ଇତ୍ୟାଦି ସମ୍ପର୍କରେ ଲୋକ ଙ୍କୁ ସୂଚିତ କରାଯିବ,ପାନୀୟ ଜଳର ବ୍ୟବସ୍ଥା କରିବା, ଅସୁରକ୍ଷିତ ବିଲ୍ଡିଂ କୁ ଚିହ୍ନଟ କରି ଉପଯୁକ୍ତ ପଦକ୍ଷେପ ନେବା ସମ୍ପର୍କରେ ଆଲୋଚନା କରାଯାଇଥିଲା । ସମୀକ୍ଷା ବୈଠକରେ ଏସପି ପ୍ରତୀକ ସିଂ,ଗୃହ ନିର୍ମାଣ ଓ ନଗର ଉନ୍ନୟନ ବିଭାଗ ର ସ୍ୱତନ୍ତ୍ର ସଚିବ ବିନୟ କୁମାର ଦାସ,ଶ୍ରୀମନ୍ଦିର ପରିଚାଳନା କମିଟି ସଦସ୍ୟ କୃଷ୍ଣ ଚନ୍ଦ୍ର ସାମନ୍ତରାୟ, ରାମ ନାରାୟଣ ଗୋଛିକାର,ଅତିରିକ୍ତ ଜିଲ୍ଲାପାଳ ରାଜସ୍ୱ ଡ.ଶରତ ଚନ୍ଦ୍ର ମହାପାତ୍ର, ଅତିରିକ୍ତ ଜିଲ୍ଲାପାଳ ପ୍ରୋଟୋକଲ ନିଳମାଧବ ଭୋଇ, ମହାନଗର ନିଗମର ଯୁଗ୍ମ ସଚିବ ଅଭିମନ୍ୟୁ ବେହେରା, ପିକେଡିଏ ସେକ୍ରେଟାରୀ ଦିଲ୍ଲିପ କୁମାର ମହାରଣା, ଉପ ଜିଲ୍ଲାପାଳ ରାଜ କିଶୋର ଜେନା, ଡେପୁଟି କଲେକ୍ଟର ପ୍ରିୟଦର୍ଶିନୀ ମଲ୍ଲିକ, ଅନ୍ୟାନ୍ୟ ଜିଲ୍ଲା ସ୍ତରୀୟ ଓ ଲାଇନ ଡିପାର୍ଟମେଂଟ ଅଧିକାରୀ ମାନେ ଯୋଗ ଦେଇଥିଲେ । ପରେ ଅତିରିକ୍ତ ମୁଖ୍ୟ ଶାସନ ସଚିବ ଶ୍ରୀମତୀ ପାଢ଼ୀ, ଜିଲ୍ଲାପାଳ,ମହାନଗର ନିଗମ କମିଶନର, ଯୁଗ୍ମ କମିଶନର ଓ ଅନ୍ୟ ଅଧିକାରୀ ମାନେ କ୍ଷେତ୍ର ପରିଦର୍ଶନ କରିଥିଲେ ।




## ନରୱେ ଚେସ୍ ଟାଇଟଲ୍ ଜିତିଥିବା ପ୍ରଜ୍ଞାନନ୍ଦଙ୍କୁ ଅଭିନନ୍ଦନ ଜଣାଇଲେ ଉପ ରାଷ୍ଟ୍ରପତି



ନୂଆଦିଲ୍ଲୀ : ଭାରତର ଉପରାଷ୍ଟ୍ରପତି ଶ୍ରୀ ସି. ପି. ରାଧାକ୍ରିଷ୍ଣନ ଯୁବ ଗ୍ରାଣ୍ଡମାଷ୍ଟର ଆର ପ୍ରଜ୍ଞାନନ୍ଦଙ୍କୁ ନରୱେ ଚେସ୍ ୨୦୨୬ ଟାଇଟଲ୍ ଜିତିବା ପାଇଁ ଅଭିନନ୍ଦନ ଜଣାଇଛନ୍ତି । ଶନିବାର ଦିନ ତାଙ୍କ ବାର୍ତାରେ ଉପରାଷ୍ଟ୍ରପତି କହିଛନ୍ତି ଯେ ପ୍ରଜ୍ଞାନନ୍ଦଙ୍କ ଏହି ଉଲ୍ଲେଖନୀୟ ସଫଳତା ତାଙ୍କ ଅସାଧାରଣ ପ୍ରତିଭା, ଅତୁଟ ସମର୍ପଣ ଏବଂ ବର୍ଷ ବର୍ଷ ଧରି କଠିନ ପରିଶ୍ରମର ପ୍ରମାଣ । ସେ କହିଥିଲେ ଯେ ବିଶ୍ୱ ମଂଚରେ ତାଙ୍କର ନିରନ୍ତର ଉତ୍କର୍ଷତା ଦେଶ ପାଇଁ ଗର୍ବର ବିଷୟ ଏବଂ ସେ ସାରା ଭାରତରେ ଅସଂଖ୍ୟ ଯୁବ ଚେସ୍ ଖେଳାଳିଙ୍କୁ ପ୍ରେରଣା ଯୋଗାଉଛନ୍ତି । ସେ କହିଛନ୍ତି ଯେ ପ୍ରଜ୍ଞାନନ୍ଦ କେବଳ ଭାରତୀୟ ଚେସ୍କୁ ଏକ ନୂଆ ପରିଚୟ ଦେଇନାହାନ୍ତି, ବରଂ ଅନ୍ତର୍ଜାତୀୟ ସ୍ତରରେ ଭାରତର ମର୍ଯ୍ୟାଦା ମଧ୍ୟ ବୃଦ୍ଧି କରିଛନ୍ତି । ଉପରାଷ୍ଟ୍ରପତି ବିଶ୍ୱାସ ବ୍ୟକ୍ତ କରିଥିଲେ ଯେ ଏହି ଯୁବ ଗ୍ରାଣ୍ଡମାଷ୍ଟର ଭବିଷ୍ୟତରେ ନୂତନ ଉଚ୍ଚତା ହାସଲ କରି ଦେଶକୁ ଗୌରବ ପ୍ରଦାନ କରିବା ଜାରି ରଖିବେ । ଉପରାଷ୍ଟ୍ରପତି ସି. ପି. ରାଧାକ୍ରିଷ୍ଣନ ପ୍ରଜ୍ଞାନନ୍ଦଙ୍କୁ ଉଜ୍ଜ୍ୱଳ ଭବିଷ୍ୟତ ଏବଂ ନିରନ୍ତର ସଫଳତା କାମନା କରିଛନ୍ତି ଏବଂ ଏହି ଐତିହାସିକ ସଫଳତା ପାଇଁ ତାଙ୍କୁ ଶୁଭେଚ୍ଛା ଜଣାଇଛନ୍ତି ।

## ଚାଉଳ ମିଲିଂ ଖର୍ଚ୍ଚ ୨ ଗୁଣ ବୃଦ୍ଧି କଲେ ରାଜ୍ୟ ସରକାର

ଭୁବନେଶ୍ୱର : ରାଜ୍ୟର ଚାଷୀମାନଙ୍କ ଠାରୁ ସୁରୁଖୁରୁରେ ଧାନ ସଂଗ୍ରହ ପ୍ରକ୍ରିୟାକୁ ଆଗେଇ ନେବା ପାଇଁ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଏକ ବଡ଼ ପଦକ୍ଷେପ ଗ୍ରହଣ କରିଛନ୍ତି । ମିଲରମାନଙ୍କ ଦୀର୍ଘଦିନର ଦାବିକୁ ବିଚାରକୁ ନେଇ ରାଜ୍ୟ ସରକାର ଚାଉଳ ମିଲିଂ ଖର୍ଚ୍ଚକୁ ସିଧାସଳଖ ୨ ଗୁଣ ବୃଦ୍ଧି କରିଛନ୍ତି । ସରକାରଙ୍କ ଏହି ନୂତନ ନିଷ୍ପତି ଅନୁଯାୟୀ, ଉଷୁନା ଚାଉଳର ମିଲିଂ ଖର୍ଚ୍ଚ କୁଇଂଟାଲ ପିଛା ପୂର୍ବରୁ ମିଳୁଥିବା ୨୦ ଟଙ୍କାରୁ ବୃଦ୍ଧି ପାଇ ଏବେ ୪୦ ଟଙ୍କା ହୋଇଛି । ସେହିଭଳି ଅରୁଆ ଚାଉଳର ମିଲିଂ ଖର୍ଚ୍ଚ କୁଇଂଟାଲ ପିଛା ପୂର୍ବରୁ ମିଳୁଥିବା ୧୦ ଟଙ୍କାରୁ ବୃଦ୍ଧି ପାଇ ଏବେ ୨୦ ଟଙ୍କା ହୋଇଛି । ମିଲିଂ ଖର୍ଚ୍ଚ ବୃଦ୍ଧି ହେବା ଫଳରେ ମିଲରମାନେ ଉତ୍ସାହର ସହ ଧାନ ସଂଗ୍ରହ ପ୍ରକ୍ରିୟାରେ ସାମିଲ ହେବେ । ଏହାଦ୍ୱାରା ଚାଷୀମାନେ ମଣ୍ଡିରେ କୌଣସି ସମସ୍ୟାର ସମ୍ମୁଖୀନ ନହୋଇ ନିଜର ଧାନକୁ ସହଜରେ ଏବଂ ସୁରୁଖୁରୁରେ ବିକ୍ରି କରିପାରିବେ । ତେବେ ମୁଖ୍ୟମନ୍ତ୍ରୀଙ୍କ ଏହି ନିଷ୍ପତି ରାଜ୍ୟର କୃଷି ଓ କୃଷକଙ୍କ ବିକାଶ ଦିଗରେ ଏକ ସକାରାତ୍ମକ ପଦକ୍ଷେପ ବୋଲି ଚର୍ଚ୍ଚା ହେଉଛି ।



# ରାଜ୍ୟସ୍ତରୀୟ ଚିନ୍ତନ ଶିବିର ୨୦୨୬କୁ ଉଦ୍‌ଘାଟନ କଲେ ରାଜ୍ୟପାଳ




ଭୁବନେଶ୍ୱର : କ୍ରୀଡ଼ା କେବଳ ଉଚ୍ଚ ପ୍ରଦର୍ଶନର ଏକ ମାଧ୍ୟମ ନୁହେଁ, ବରଂ ଯୁବପିଢ଼ି ମଧ୍ୟରେ ଚରିତ୍ର, ନେତୃତ୍ୱ, ଅନୁଶାସନ ଏବଂ ସାମାଜିକ ଦାୟିତ୍ୱବୋଧ ଗଢ଼ିବାର ଏକ ଶକ୍ତିଶାଳୀ ମାଧ୍ୟମ ହେବା ଉଚିତ ବୋଲି ଓଡ଼ିଶାର ମାନ୍ୟବର ରାଜ୍ୟପାଳ ଡ଼. ହରିବାବୁ କମ୍ଭମପାଟି କହିଛନ୍ତି ଓ ଶନିବାର ଦିନ ଓଡ଼ିଶା ସରକାରଙ୍କ କ୍ରୀଡା ଓ ଯୁବ ସେବା ବିଭାଗ ଦ୍ୱାରା ଆୟୋଜିତ ଦୁଇ ଦିନିଆ ରାଜ୍ୟସ୍ତରୀୟ ଚିନ୍ତନ ଶିବିର ୨୦୨୬ କୁ ଉଦଘାଟନ କରିବା ଅବସରରେ ରାଜ୍ୟପାଳ ଏହା କହିଛନ୍ତି । ଏହି ଅବସରରେ ଉଦବୋଧନ ଦେଇ ରାଜ୍ୟପାଳ କହିଥିଲେ ଯେ ତୃଣମୂଳସ୍ତରରେ କ୍ରୀଡାକୁ ସୁଦୃଢ଼ କରିବା, ଯୁବ ଅଂଶଗ୍ରହଣକୁ ପ୍ରୋତ୍ସାହିତ କରିବା ଏବଂ ଯୁବ ଖେଳାଳିମାନଙ୍କ ପାଇଁ ସେମାନଙ୍କର ପୂର୍ଣ୍ଣ ସମ୍ଭାବନାକୁ ସାକାର କରିବା ପାଇଁ ଅଧିକ ସୁଯୋଗ ସୃଷ୍ଟି କରିବା ନିମନ୍ତେ କ୍ରୀଡା ବିଜ୍ଞାନ ଏବଂ ପ୍ରଯୁକ୍ତିବିଦ୍ୟାକୁ ଉପଯୋଗ କରିବା ନିତାନ୍ତ ଆବଶ୍ୟକ । ଏହି ଚିନ୍ତନ ଶିବିରକୁ ଏକ ଗୁରୁତ୍ୱପୂର୍ଣ୍ଣ ପ୍ଲାଟଫର୍ମ ବୋଲି ବର୍ଣ୍ଣନା କରି ରାଜ୍ୟପାଳ କହିଥିଲେ ଯେ ଚିନ୍ତନ ଶିବିର କେବଳ ଏକ ଅନୁଷ୍ଠାନ ନୁହେଁ । ଏହା ଅଭିଜ୍ଞତା, ବିଶେଷଜ୍ଞତା ଏବଂ ନୂତନ ଚିନ୍ତାଧାରାକୁ ଏକତ୍ରିତ କରି ପ୍ରତିଷ୍ଠାନଗୁଡ଼ିକୁ ମଜବୁତ କରିବା ଏବଂ ନିରନ୍ତର ଉନ୍ନତି ସାଧନ କରିବାର ଏକ ମାଧ୍ୟମ । ଉଚ୍ଚ ଶିକ୍ଷା, କ୍ରୀଡ଼ା ଓ ଯୁବ ସେବା ବିଭାଗର ମାନ୍ୟବର ମନ୍ତ୍ରୀ ଶ୍ରୀ ସୂର୍ଯ୍ୟବଂଶୀ ସୂରଜ ଏବଂ ତାଙ୍କ ଟିମ୍‌କୁ ଏହି କାର୍ଯ୍ୟକ୍ରମ ଆୟୋଜନ କରିଥିବାରୁ ରାଜ୍ୟପାଳ ଅଭିନନ୍ଦନ ଜଣାଇଛନ୍ତି । ନୀତି ନିର୍ମାତା, କ୍ରୀଡ଼ା ପ୍ରଶାସକ, କ୍ରୀଡ଼ାବିଦ୍, ଶିକ୍ଷପତି, କ୍ରୀଡ଼ା ବିଜ୍ଞାନ ବିଶେଷଜ୍ଞ ଏବଂ ବିଦ୍ୱାନ୍‌ମାନଙ୍କ ଅଂଶଗ୍ରହଣ ଓଡ଼ିଶାରେ କ୍ରୀଡ଼ାର ବିକାଶ ପାଇଁ ସମ୍ମିଳିତ ପ୍ରତିବଦ୍ଧତାର ପ୍ରତୀକ ବୋଲି ରାଜ୍ୟପାଳ ବର୍ଣ୍ଣନା କରିଥିଲେ । ନବସୃଜନ ଏବଂ ନିରନ୍ତର ଉନ୍ନତିର ଗୁରୁତ୍ୱ ଉପରେ ଆଲୋକପାତ କରି ରାଜ୍ୟପାଳ କହିଥିଲେ ଯେ ଉତ୍କର୍ଷତା କେବେ ଏକ ଗନ୍ତବ୍ୟସ୍ଥଳ ନୁହେଁ ବରଂ ଏକ ନିରନ୍ତର ଯାତ୍ରା । ପ୍ରକୃତ ସଫଳତା ସେମାନଙ୍କର ଯେଉଁମାନେ ନିରନ୍ତର ଭଲ ଉପାୟ ଅବଲମ୍ବନ କରନ୍ତି । ଅଭିଜ୍ଞତାରୁ ଶିଖିଲେ, ତ୍ରୁଟିଗୁଡ଼ିକୁ ଦୂର କଲେ ଏବଂ ନୂତନ ଚିନ୍ତାଧାରା ଗ୍ରହଣ କଲେ ଉନ୍ନତି ହୁଏ ବୋଲି ରାଜ୍ୟପାଳ ମତ ପ୍ରକାଶ କରିଥିଲେ ।କ୍ରୀଡା କ୍ଷେତ୍ରରେ ଓଡ଼ିଶାର ସଫଳତାକୁ ପ୍ରଶଂସା କରି ରାଜ୍ୟପାଳ କହିଥିଲେ ଯେ ରାଜ୍ୟ ଭିତିଭୂମିରେ ନିରନ୍ତର ନିବେଶ, ତୃଣମୂଳସ୍ତରର ପ୍ରତିଭା ବିକାଶ ଏବଂ ପ୍ରମୁଖ ଜାତୀୟ ଏବଂ ଅନ୍ତର୍ଜାତୀୟ ଇଭେଂଟଗୁଡ଼ିକର ସଫଳ ଆୟୋଜନ ମାଧ୍ୟମରେ ଓଡିଶା ଏକ ଅଗ୍ରଣୀ କ୍ରୀଡା ଗନ୍ତବ୍ୟସ୍ଥଳ ଭାବରେ ଉଭା ହୋଇଛି । ଚିନ୍ତନ ଶିବିରର ଆଲୋଚନା ଓଡ଼ିଶାର କ୍ରୀଡ଼ା ଓ ଯୁବ ବିକାଶ କ୍ଷେତ୍ରରେ ମୂଲ୍ୟବାନ ପରାମର୍ଶ ଓ ସୁପାରିଶ ପ୍ରଦାନ କରିବ ବୋଲି ରାଜ୍ୟପାଳ ଆଶା ପ୍ରକାଶ କରିଛନ୍ତି । ଏହି କାର୍ଯ୍ୟକ୍ରମରେ ଉଚ୍ଚ ଶିକ୍ଷା, କ୍ରୀଡ଼ା ଓ ଯୁବ ସେବା ବିଭାଗର ମାନ୍ୟବର ମନ୍ତ୍ରୀ ଶ୍ରୀ ସୂର୍ଯ୍ୟବଂଶୀ ସୂରଜ ମଧ୍ୟ ବକ୍ତବ୍ୟ ପ୍ରଦାନ କରିଥିଲେ । ପ୍ରାରମ୍ଭରେ କ୍ରୀଡ଼ା ଓ ଯୁବ ସେବା ବିଭାଗର କମିଶନର-ତଥା-ଶାସନ ସଚିବ ଶ୍ରୀ ଭୂପେନ୍ଦ୍ର ସିଂହ ପୁନିଆ ସ୍ୱାଗତ ଭାଷଣ ପ୍ରଦାନ କରିଥିଲେ । ଏହି ଅବସରରେ ୱାର୍ଲ୍ଡ ଆଥଲେଟିକ୍ସର ଉପାଧ୍ୟକ୍ଷ ଶ୍ରୀ ଆଦିଲ୍ଲେ ସୁମାରିୱାଲା, ହକି ଇଣ୍ଡିଆ ସଭାପତି ପଦ୍ମଶ୍ରୀ ଦିଲୀପ୍ ତିର୍କୀ, ସ୍ୱିମିଂ ଫେଡେରେସନ୍ ଅଫ୍ ଇଣ୍ଡିଆର ଜେନେରାଲ୍ ସେକ୍ରେଟାରୀ ଶ୍ରୀମତୀ ମୋନାଲ୍ ଚୋକ୍ସି ଏବଂ ପଦ୍ମଶ୍ରୀ ଦୀପା ମଲିକ ପ୍ରମୁଖ ମଂଚାସୀନ ଥିଲେ ।

## ଭୋଟର ତାଲିକାର ସ୍ୱତନ୍ତ୍ର ସଘନ ସଂଶୋଧନ

### ଅଷ୍ଟମ ଦିନ ସୁଦ୍ଧା ୧କୋଟି ୯୮ ଲକ୍ଷ ୯୭ହଜାର ୩୩୧ ଜଣ ଭୋଟର ଙ୍କୁ ପରିଗଣନା ଫର୍ମ ବଂଟନ



ଭୁବନେଶ୍ୱର : ରାଜ୍ୟରେ ଭୋଟର ତାଲିକାର 'ସ୍ୱତନ୍ତ୍ର ସଘନ ସଂଶୋଧନ' (ଏସଆଇଆର) ପ୍ରକ୍ରିୟା ଜାରି ରହିଛି । ଏହି ପରିପ୍ରେକ୍ଷୀରେ ନିର୍ବାଚନ ପ୍ରକ୍ରିୟାକୁ ଅଧିକ ସ୍ୱଚ୍ଛ ଓ ସୁଦୃଢ଼ କରିବା ପାଇଁ ରାଜ୍ୟ ମୁଖ୍ୟ ନିର୍ବାଚନ ଅଧିକାରୀ ସମସ୍ତ ନାଗରିକଙ୍କ ସହଯୋଗ କାମନା କରିଛନ୍ତି । ବିଶେଷ କରି ସ୍ଥାନୀୟ ଅଂଚଳରେ ଘରକୁ ଘର ବୁଲି ତଥ୍ୟ ସଂଗ୍ରହ କରୁଥିବା ବୁଥ୍ ସ୍ତରୀୟ ଅଧିକାରୀ ମାନଙ୍କୁ ସମ୍ପୂର୍ଣ୍ଣ ସହଯୋଗ କରିବାକୁ ସେ ଭୋଟରମାନଙ୍କୁ ଅନୁରୋଧ କରିଛନ୍ତି । ଯେଉଁ ଯୋଗ୍ୟ ନାଗରିକମାନେ ଏପର୍ଯ୍ୟନ୍ତ ନିଜର ପରିଗଣନା ଫର୍ମ ବୁଥ୍ ସ୍ତରୀୟ ଅଧିକାରୀ ଙ୍କ ପାଖରେ ଦାଖଲ କରିନାହାନ୍ତି, ସେମାନେ ତୁରନ୍ତ ଏହାକୁ ଜମା କରିବାକୁ ମୁଖ୍ୟ ନିର୍ବାଚନ ଅଧିକାରୀଙ୍କ କାର୍ଯ୍ୟାଳୟ ପକ୍ଷରୁ କୁହାଯାଇଛି । ନିର୍ଦ୍ଧାରିତ ସମୟ ମଧ୍ୟରେ ଫର୍ମ ଦାଖଲ ନକଲେ ସମ୍ପୃକ୍ତ ବ୍ୟକ୍ତିଙ୍କ ନାମ ଭୋଟର ତାଲିକାରୁ ବାଦ୍ ପଡ଼ିବାର ଆଶଙ୍କା ରହିଛି । ସାଧାରଣ ଲୋକଙ୍କ ସୁବିଧା ପାଇଁ କାର୍ଯ୍ୟାଳୟ ପକ୍ଷରୁ ସ୍ପଷ୍ଟ କରାଯାଇଛି ଯେ, ଭୋଟରମାନେ ଚାହିଁଲେ ବିଏଲ୍ ?ଓଙ୍କ ପାଖକୁ ନଯାଇ ସିଧାସଳଖ ଅନଲାଇନ୍ ମାଧ୍ୟମରେ ମଧ୍ୟ ନିଜର ଫର୍ମ ଦାଖଲ କରିପାରିବେ । ସମସ୍ତ ଯୋଗ୍ୟ ଭୋଟର ନିଜର ବିଏଲ୍‌ଓଙ୍କ ସହ ତୁରନ୍ତ ଯୋଗାଯୋଗ କରି ନିର୍ଦ୍ଧାରିତ ସମୟ ସୀମା ମଧ୍ୟରେ ସମସ୍ତ ତଥ୍ୟ ସହ ପରିଗଣନା ଫର୍ମ ଦାଖଲ କରି ଏହି ପ୍ରକ୍ରିୟାରେ ନିଜର ନାମ ଅନ୍ତର୍ଭୁକ୍ତ ସୁନିଶ୍ଚିତ କରିବାକୁ କୁହାଯାଇଛି । ଭୋଟର ତାଲିକାରେ ନାମ ସାମିଲ, ସଂଶୋଧନ କିମ୍ବା ଏହି ସମ୍ପର୍କିତ ଯେକୌଣସି ଜନସାଧାରଣ ସୂଚନା ଓ ସହାୟତା ପାଇଁ ନିର୍ବାଚନ ବିଭାଗ ପକ୍ଷରୁ ଜାରି କରାଯାଇଥିବା ମାଗଣା ହେଲ୍ପଲାଇନ ନମ୍ବର ୧୯୫୦ କୁ କଲ୍ କରି ସବିଶେଷ ସୂଚନା ପାଇପାରିବେ । ମୁଖ୍ୟ ନିର୍ବାଚନ ଅଧିକାରୀଙ୍କ କାର୍ଯ୍ୟାଳୟ ସୂତ୍ରରୁ ମିଳିଥିବା ସୂଚନା ଅନୁଯାୟୀ, ଆଜି (ଶନିବାର) ସନ୍ଧ୍ୟା ୦୬ଟା ସୁଦ୍ଧା ରାଜ୍ୟର ସମୁଦାୟ ୧କୋଟି ୯୮ଲକ୍ଷ ୯୭ହଜାର ୩୩୧ଜଣ ଅର୍ଥାତ ମୋଟ ଭୋଟର ର ୫୯.୫୭ପ୍ରତିଶତ ଭୋଟରଙ୍କୁ ସଫଳତାର ସହ ପରିଗଣନା ଫର୍ମ ବଂଟନ କରାଯାଇ ସାରିଛି । ଏହି ପରିଗଣନା ପ୍ରକ୍ରିୟାକୁ ସହଜ କରିବା ପାଇଁ ଭୋଟରମାନଙ୍କଠାରୁ କୌଣସି ପ୍ରକାରର ଅତିରିକ୍ତ ଡକ୍ୟୁମେଂଟ ସଂଗ୍ରହ କରାଯାଉ ନାହିଁ ବୋଲି ପ୍ରଶାସନ ପକ୍ଷରୁ ସ୍ପଷ୍ଟ କରାଯାଇଛି । ଏହାବ୍ୟତୀତ ଭୋଟରମାନେ ଚାହିଁଲେ ନିର୍ବାଚନ କମିଶନଙ୍କ ସରକାରୀ ୱେବସାଇଟ୍ (voters.eci.gov.in) ରୁ ଏହି ଫର୍ମ ଡାଉନଲୋଡ୍ କରି, ତଥ୍ୟ ପୂରଣ କରି ନିଜେ ମଧ୍ୟ ଅପଲୋଡ୍ କରିପାରିବେ ।

# ଓଡ଼ିଶା ରାଜ୍ୟସ୍ତରୀୟ ବ୍ୟାଙ୍କର୍ସ କମିଟିର ୧୮୩ତମ ବୈଠକ ଅନୁଷ୍ଠିତ




ଭୁବନେଶ୍ୱର : ମାର୍ଚ୍ଚ ୨୦୨୬ ତ୍ରୈମାସିକ ଶେଷ ପର୍ଯ୍ୟନ୍ତ କାର୍ଯ୍ୟଦକ୍ଷତାର ସମୀକ୍ଷା ପାଇଁ ଓଡ଼ିଶା ରାଜ୍ୟସ୍ତରୀୟ ବ୍ୟାଙ୍କର୍ସ୍ କମିଟି(ଏସଏଲବିସି)ର ୧୮୩ତମ ବୈଠକ ଶନିବାର ଭୁବନେଶ୍ୱରରେ ମୁଖ୍ୟ ଶାସନ ସଚିବ ଶ୍ରୀମତୀ ଅନୁ ଗର୍ଗଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ହୋଇଥିଲା । ବୈଠକରେ ମୁଖ୍ୟ ଶାସନ ସଚିବ ଶ୍ରୀମତୀ ଅନୁ ଗର୍ଗ ସମସ୍ତ କ୍ଷେତ୍ରରେ ସନ୍ତୁଳିତ ଓ ସମାବେଶୀ ଅଭିବୃଦ୍ଧି ପାଇଁ ଋଣ ପ୍ରବାହକୁ ଅଧିକ ସୁଦୃଢ଼ କରିବା ଉପରେ ଗୁରୁତ୍ୱାରୋପ କରି ନିମ୍ନଲିଖିତ ବିଷୟଗୁଡ଼ିକ ପ୍ରତି ଧ୍ୟାନ ଆକର୍ଷଣ କରିଥିଲେ । ଓଡ଼ିଶାର ଭିଜନ୍ ଡକ୍ୟୁମେଂଟ ସହ ସମନ୍ୱୟ ରଖି ସମସ୍ତ କ୍ଷେତ୍ରକୁ ଋଣ ପ୍ରଦାନ କରାଯିବା ସହ ପର୍ଯ୍ୟଟନ, କୃଷି ଉଦ୍ୟୋଗୀକରଣ, ଗଭୀର ସମୁଦ୍ର ମତ୍ସ୍ୟଚାଷ ଏବଂ ଖାଦ୍ୟ ପ୍ରକ୍ରିୟାକରଣ ଶିଳ୍ପ ଭଳି ନୂତନ କ୍ଷେତ୍ରଗୁଡ଼ିକୁ ପ୍ରାଥମିକତା ଦିଆଯିବ ।ରାଜ୍ୟର ପରବର୍ତୀ ପର୍ଯ୍ୟାୟର ବିକାଶରେ ସେବା କ୍ଷେତ୍ରକୁ ବିଶେଷ ଗୁରୁତ୍ୱ ଦେଇ ଋଣ ବିସ୍ତାର କରାଯିବ । ନିବେଶ ଓ ଉଦ୍ୟୋଗ ବୃଦ୍ଧିକୁ ପ୍ରୋତ୍ସାହନ ଦେବା ପାଇଁ 'ଇଜ୍ ଅଫ୍ ଡୁଇଂ ବିଜନେସ୍' ବା 'ବ୍ୟବସାୟ ଅନୁକୂଳ ପରିବେଶ' ସୃଷ୍ଟି କରିବା ପରି ପଦକ୍ଷେପଗୁଡ଼ିକୁ ଅଧିକ ସକ୍ରିୟ ଭାବେ କାର୍ଯ୍ୟକାରୀ କରାଯିବ । ମହିଳା ଉଦ୍ୟୋଗୀମାନଙ୍କୁ ଅଧିକ ଋଣ ସହାୟତା ପ୍ରଦାନ କରିବା ସହ ସ୍ୱୟଂ ସହାୟକ ଗୋଷ୍ଠୀ ଠାରୁ କ୍ଷୁଦ୍ର ଓ ମଧ୍ୟମ ଉଦ୍ୟୋଗ ଦିଗକୁ ସେମାନଙ୍କର ଅଗ୍ରଗତିକୁ ପ୍ରୋତ୍ସାହନ ଦିଆଯିବ । ବୈଠକରେ ଚଳିତ ଆର୍ଥିକ ବର୍ଷ ପାଇଁ ଧାର୍ଯ୍ୟ ଲକ୍ଷ୍ୟ ପୂରଣ ନିମନ୍ତେ ସମସ୍ତ ନିୟନ୍ତ୍ରକ ବ୍ୟାଙ୍କ୍, ଲିଡ୍ ଡିଷ୍ଟ୍ରିକ୍ଟ ମ୍ୟାନେଜର , ବିଭାଗ ଏବଂ ଜିଲ୍ଲା ପ୍ରଶାସନଙ୍କୁ ସମନ୍ୱିତ ଭାବେ କାର୍ଯ୍ୟ କରିବାକୁ ଆହ୍ୱାନ କରାଯାଇଥିଲା । ସେହିପରି ନିବେଶକ-ଅନୁକୂଳ ଋଣ ପ୍ରବାହ ସୁନିଶ୍ଚିତ କରିବା ପାଇଁ "ରେଡ୍ ଟେପ୍ ଠାରୁ ରେଡ୍ କାର୍ପେଟ୍" ଆଭିମୁଖ୍ୟ ଗ୍ରହଣ କରିବାକୁ ଗୁରୁତ୍ୱ ଦିଆଯାଇଥିଲା । ଅର୍ଥ ବିଭାଗର ପ୍ରମୁଖ ଶାସନ ସଚିବ ସଞ୍ଜୀବ କୁମାର ମିଶ୍ର ସମ୍ପୂର୍ଣ୍ଣ ଭାବେ ସିକେୱାଇସି ପ୍ରଣାଳୀର ଗ୍ରହଣ ଉପରେ ଗୁରୁତ୍ୱାରୋପ କରିଥିଲେ ।ଭାରତ ସରକାରଙ୍କ ଆର୍ଥିକ ସେବା ବିଭାଗର ଯୁଗ୍ମ ସଚିବ ଶ୍ରୀମତୀ ଶାଳିନୀ ପଣ୍ଡିତ ରାଜ୍ୟର ସିଡି ରେସିଓକୁ ଜାତୀୟ ହାର ସହ ସମକକ୍ଷ କରିବା ପାଇଁ ଉନ୍ନତି ଆଣିବାର ଆବଶ୍ୟକତା ଉଲ୍ଲେଖ କରିଥିଲେ । ଭାରତୀୟ ରିଜର୍ଭ ବ୍ୟାଙ୍କର ଆଂଚଳିକ ନିର୍ଦ୍ଦେଶକ ସମସ୍ତ ବ୍ୟାଙ୍କକୁ ଗ୍ରାମାଂଚଳରେ ବ୍ୟାଙ୍କିଙ୍ଗ ନେଟୱାର୍କ ବିସ୍ତାର କରିବା ପାଇଁ ଆହ୍ୱାନ କରିଥିଲେ ।

# ପୁରୀ ରେଳ ଷ୍ଟେସନ ନିରୀକ୍ଷଣ କଲେ ପୂର୍ବତଟ ରେଳପଥର ମହାପ୍ରବନ୍ଧକ



ଭୁବନେଶ୍ୱର : ପୂର୍ବତଟ ରେଳପଥର ମହାପ୍ରବନ୍ଧକ ଶ୍ରୀ ପରମେଶ୍ୱର ଫୁଙ୍କୱାଲ ଆଜି ପୁରୀ ରେଳ ଷ୍ଟେସନର ଏକ ବ୍ୟାପକ ନିରୀକ୍ଷଣ କରି ଯାତ୍ରୀ ସୁବିଧା, ସୁରକ୍ଷା ମାନଦଣ୍ଡ, ପରିଚାଳନାଗତ ଦକ୍ଷତା ଏବଂ ଚାଲିଥିବା ଭିତିଭୂମି ଉନ୍ନୟନ କାର୍ଯ୍ୟର ସମୀକ୍ଷା କରିଛନ୍ତି । ଏହି ପରିଦର୍ଶନ ସମୟରେ, ମହାପ୍ରବନ୍ଧକ ପୁରୀ ରେଳ ଷ୍ଟେସନକୁ ଏକ ଆଧୁନିକ ତଥା ଯାତ୍ରୀ ଅନୁକୂଳ ପରିବହନ କେନ୍ଦ୍ରରେ ପରିଣତ କରିବା ଉଦ୍ଦେଶ୍ୟରେ ଚାଲିଥିବା ଷ୍ଟେସନ ପୁନଃନିର୍ମାଣ କାର୍ଯ୍ୟର ଅଗ୍ରଗତି ସମୀକ୍ଷା କରିଥିଲେ । ସେ ବିଭିନ୍ନ ଭିତିଭୂମି ଉନ୍ନୟନ ପ୍ରକଳ୍ପର ସ୍ଥିତି ଆକଳନ କରିଥିଲେ ଏବଂ ଗୁଣବତା ମାନଦଣ୍ଡ ବଜାୟ ରଖିବା ସହ ଯାତ୍ରୀମାନଙ୍କ ଅସୁବିଧାକୁ ଯଥାସମ୍ଭବ କମ୍ କରି ଏହି ସବୁ କାର୍ଯ୍ୟକୁ ନିର୍ଦ୍ଧାରିତ ସମୟ ମଧ୍ୟରେ ଶେଷ କରିବାକୁ ଅଧିକାରୀମାନଙ୍କୁ ନିର୍ଦେଶ ଦେଇଥିଲେ । ଖୋର୍ଦ୍ଧା ରୋଡ଼ ମଣ୍ଡଳର ରେଳ ପ୍ରବନ୍ଧକ (ଡିଆରଏମ୍) ଶ୍ରୀ ଡି. ସୁନୀଲ ଏହି ପରିଦର୍ଶନ ସମୟରେ ମହାପ୍ରବନ୍ଧକଙ୍କ ସହିତ ଉପସ୍ଥିତ ଥିଲେ । ଏଥିସହ ପୂର୍ବତଟ ରେଳପଥ ମୁଖ୍ୟାଳୟ ଏବଂ ଖୋର୍ଦ୍ଧା ରୋଡ଼ ମଣ୍ଡଳର ବରିଷ୍ଠ ଅଧିକାରୀମାନେ ମଧ୍ୟ ଉପସ୍ଥିତ ଥିଲେ । ରେଳ ଯାତ୍ରୀମାନଙ୍କ ବଢୁଥିବା ଆକାଂକ୍ଷାକୁ ପୂରଣ କରିବା ପାଇଁ ଯାତ୍ରୀ ସୁବିଧା, ପରିଚାଳନାଗତ ଦକ୍ଷତା ଏବଂ ସୁରକ୍ଷା ମାନଦଣ୍ଡରେ ନିରନ୍ତର ଉନ୍ନତି ଆଣିବାର ଆବଶ୍ୟକତା ଉପରେ ମହାପ୍ରବନ୍ଧକ ଗୁରୁତ୍ୱାରୋପ କରିଥିଲେ । ଭାରତୀୟ ରେଳ ନେଟୱାର୍କର ଅନ୍ୟତମ ପ୍ରମୁଖ ତୀର୍ଥସ୍ଥାନ ପୁରୀରେ ଯାତ୍ରୀମାନଙ୍କୁ ଗୁଣାତ୍ମକ ସେବା ପ୍ରଦାନ କରିବା ଏବଂ ସାମଗ୍ରିକ ଯାତ୍ରା ଅନୁଭୂତିକୁ ଉନ୍ନତ କରିବା ଦିଗରେ ପୂର୍ବତଟ ରେଳପଥର ପ୍ରତିବଦ୍ଧତାକୁ ଏହି ପରିଦର୍ଶନ ପ୍ରତିଫଳିତ କରୁଛି ।

## ୬ରୁ ୮ ଦିନ ମଧ୍ୟରେ ଓଡ଼ିଶା ଛୁଇଁବ ମୌସୁମୀ !



ଭୁବନେଶ୍ୱର: ଖରା ଓ ଗୁଳୁଗୁଳିରେ ଅସ୍ତବ୍ୟସ୍ତ ଓଡ଼ିଶାବାସୀଙ୍କ ପାଇଁ ଆସିଛି ଆଶ୍ୱସ୍ତିକର ଖବର । ଆସନ୍ତା ୬ରୁ ୮ ଦିନ ମଧ୍ୟରେ ଓଡ଼ିଶାକୁ ଦକ୍ଷିଣ ପଶ୍ଚିମ ମୌସୁମୀ ପ୍ରବେଶ କରିପାରେ । ପାଣିପାଗ ଆକଳନ ଅନୁସାରେ, ପୂର୍ବ ଭାରତ ଆଡ଼କୁ ମୌସୁମୀ ଆଗକୁ ବଢ଼ିବା ପାଇଁ ପରିସ୍ଥିତି ଅନୁକୂଳ ହେଉଛି । ପାଣିପାଗ ବିଶେଷଜ୍ଞଙ୍କ ମତରେ, ଆସନ୍ତା ସପ୍ତାହରେ ଓଡ଼ିଶାର କେତେକ ଅଂଚଳକୁ ମୌସୁମୀ ପହଂଚିବାର ସମ୍ଭାବନା ବଢ଼ିଛି । ମୌସୁମୀ ଆସିଲେ ରାଜ୍ୟରେ ବ୍ୟାପକ ବର୍ଷାର ଆଶା ରହିଛି । ଏହା ଖରା ଓ ଆର୍ଦ୍ରତାରୁ ଲୋକଙ୍କୁ ରାହତ ଦେବା ସହିତ ଚାଷୀଙ୍କ ପାଇଁ ମଧ୍ୟ ବଡ଼ ସହାୟକ ହେବ । ଯଦି ଆକଳନ ଅନୁସାରେ ମୌସୁମୀ ଆଗକୁ ବଢ଼େ, ତେବେ ଜୁନ୍ ମାସର ଦ୍ୱିତୀୟ ସପ୍ତାହ ଶେଷ ସୁଦ୍ଧା ରାଜ୍ୟରେ ପାଗରେ ବଡ଼ ପରିବର୍ତନ ଦେଖାଯାଇପାରେ । ପଟେ ୨୦୨୬ରେ ଏଲ୍ ନିନୋ ପ୍ରଭାବ ଦୁର୍ବଳ ରହିପାରେ ବୋଲି ବିଶେଷଜ୍ଞମାନେ ଆଶା ପ୍ରକାଶ କରିଛନ୍ତି । ଏହା ଭାରତ ପାଇଁ, ବିଶେଷ କରି ଓଡ଼ିଶା ଭଳି ପାଣିପାଗ ସମ୍ବେଦନଶୀଳ ରାଜ୍ୟ ପାଇଁ, ଏକ ଭଲ ସଙ୍କେତ ଭାବେ ଦେଖାଯାଉଛି । ସାମୁଦ୍ରିକ ପରିସ୍ଥିତି ଅନୁକୂଳ ରହିଲେ ମୌସୁମୀ ଅଧିକ ସ୍ଥିର ହୋଇପାରେ । ତଥାପି ମୌସୁମୀ ପୂର୍ବରୁ ରାଜ୍ୟର କେତେକ ଅଂଚଳରେ କାଳବୈଶାଖୀ ପ୍ରଭାବ ଜାରି ରହିବ । ଭୁବନେଶ୍ୱର ଆଂଚଳିକ ପାଣିପାଗ କେନ୍ଦ୍ର ଅନୁସାରେ, ଜୁନ୍ ୧୦ ପର୍ଯ୍ୟନ୍ତ ରାଜ୍ୟର ବିଭିନ୍ନ ଜିଲ୍ଲାରେ ବଜ୍ରପାତ, ଝଡ଼ପବନ ଓ ମଧ୍ୟମ ଧରଣର ବର୍ଷା ହୋଇପାରେ । ଶନିବାର ଭୁବନେଶ୍ୱରରେ ମଧ୍ୟ କାଳବୈଶାଖୀ ପ୍ରଭାବ ଦେଖିବାକୁ ମିଳିଥିଲା ।

## ସଚିନ ତେନ୍ଦୁଲକରଙ୍କ ରେକର୍ଡ଼ ଭାଙ୍ଗିଲେ ବୈଭବ ସୂର୍ଯ୍ୟବଂଶୀ



ନୂଆଦିଲ୍ଲୀ : ବୈଭବ ସୂର୍ଯ୍ୟବଂଶୀଙ୍କୁ ଶନିବାର ଏସିଆନ୍ ଗେମ୍ସ ପାଇଁ ଭାରତୀୟ ଟିମ୍‌ରେ ସ୍ଥାନ ଦିଆଯାଇଛି । ଏହାଛଡା ଏହି ଯୁବ ବ୍ୟାଟରଙ୍କୁ ଆୟରଲାଣ୍ଡ ଓ ଇଂଲଣ୍ଡ ଗସ୍ତ ପାଇଁ ଟିମ୍‌ରେ ସାମିଲ କରାଯାଇଛି । ତା ସହିତ ୧୫ ବର୍ଷରେ ଭାରତୀୟ ଟିମ୍‌ରେ ସ୍ଥାନ ପକ୍କା କରି ସବୁଠାରୁ କମ୍ ବୟସ୍କ ବ୍ୟାଟର ହେବାର ସୁଯୋଗ ପାଇଛନ୍ତି । ସେ 'କ୍ରିକେଟର ଭଗବାନ' ସଚିନ ତେନ୍ଦୁଲକରଙ୍କ ୩୭ ବର୍ଷ ପୁରୁଣା ରେକର୍ଡ ଭାଙ୍ଗିଦେଇଛନ୍ତି । ସଚିନ ପାକିସ୍ତାନ ଗସ୍ତ ପାଇଁ ୧୯୮୯ ରେ ୧୬ ବର୍ଷ ବୟସରେ ଟିମ୍‌ରେ ସିଲେକ୍ଟ ହୋଇଥିଲେ । ବୈଭବ ଅଣ୍ଡର -୧୯ କ୍ରିକେଟ ଓ ପରେ ଆଇପିଏଲ ୨୦୨୬ ରେ ଇଂଟରନ୍ୟାସନାଲ ସ୍ତରର ବୋଲରଙ୍କୁ ବଡ଼ରେ ଧୂଆଁଧାର ପ୍ରହାର କରିବାର ପୁରସ୍କାର ପାଇଛନ୍ତି । ସେ ଭାରତ ପାଇଁ ସବୁଠାରୁ କମ୍ ବୟରେ ଟିମ୍‌ରେ ସାମିଲ ହୋଇଥିବା ଖେଳାଳି ପାଲଟିଛନ୍ତି । ସେ ସଚିନଙ୍କ ପୁରୁଣା ରେକର୍ଡକୁ ଭାଙ୍ଗି ଦେଇଛନ୍ତି । ସଚିନ୍ ପାକିସ୍ତାନ ବିପକ୍ଷ ମ୍ୟାଚ୍‌ରେ ୧୫ ନଭେମ୍ବର ୧୯୮୯ ରେ ଡେବ୍ୟୁ କରିଥିଲେ । ସେତେବେଳେ ତାଙ୍କ ବୟସ ଥିଲା ୧୬ ବର୍ଷ ୨୦୫ ଦିନ । ସେଭଳି ବୈଭବଙ୍କୁ ଯେତେବେଳେ ଭାରତୀୟ ଟିମ୍‌ରେ ସ୍ଥାନ ମିଳିଛି ସେତେବେଳେ ତାଙ୍କର ବୟସ ରହିଛି ମାତ୍ର ୧୫ ବର୍ଷ ୭୧ ଦିନ ରହି । ୧୫ ବର୍ଷୀୟ ବୈଭବ ସୂର୍ଯ୍ୟବଂଶୀ ଭାରତର ଟିମ୍‌ରେ ସିଲେକ୍ଟ ହେବା ସହ ଇତିହାସ ସୃଷ୍ଟି କରିଛନ୍ତି । ସେ ସଚିନ୍‌ଙ୍କୁ ପଛରେ ପକାଇ ଜାତୀୟ ଟିମ୍‌ରେ ସ୍ଥାନ ପାଇଥିବା ସବୁଠାରୁ କମ୍ ବୟସ୍କ ଖେଳାଳି ପାଲଟି ଯାଇଛନ୍ତି । ଆଇପିଏଲ୍ ୨୦୨୬ ରେ ବୈଭବ ସବୁଠାରୁ କମ୍ ବୟସରେ ଅରେଞ୍ଜ କ୍ୟାପ୍ ଜିତିଥିବା ଖେଳାଳି ହେବାର ଗୌରବ ଅର୍ଜନ କରିଥିଲେ । ସେ ଏହି ସିଜିନ୍‌ରେ ସର୍ବାଧିକ ୭୭୬ ରନ୍ କରିଥିଲେ । ରାଜସ୍ଥାନ ରୟାଲ୍ସର ଓପନର ବ୍ୟାଟରଙ୍କୁ ଇଣ୍ଡିଆନ୍ ପ୍ରିମିୟର ଲିଗ୍ ୨୦୨୬ର ଏମ୍‌ବିପି ଓ ଇମର୍ଜିଂ ପ୍ଲେୟାର ଅଫ୍ ଦ ଟୁର୍ଣ୍ଣାମେଂଟର ପୁରସ୍କାର ପ୍ରଦାନ କରାଯାଇଥିଲା ।

## ଟି-୨୦ ଦଳର ନୂଆ ଅଧିନାୟକ ହେଲେ ଶ୍ରେୟସ ଆୟର




ମୁମ୍ବାଇ: ଭାରତୀୟ ଟି-୨୦ କ୍ରିକେଟ ଦଳରେ ଏକ ବଡ଼ ଧରଣର ପରିବର୍ତନ ଦେଖିବାକୁ ମିଳିଛି । ଷ୍ଟାର ବ୍ୟାଟର ଶ୍ରେୟସ ଆୟରଙ୍କୁ ଭାରତର ନୂଆ ଟି-୨୦ ଅଧିନାୟକ ଭାବେ ନିଯୁକ୍ତ କରାଯାଇଛି । ସେ ସୂର୍ଯ୍ୟକୁମାର ଯାଦବଙ୍କ ସ୍ଥାନ ନେବେ । କେବଳ ଅଧିନାୟକ ପଦ ନୁହେଁ ଖରାପ ଫର୍ମ ଦେଇ ଯାଉଥିବା ସୂର୍ଯ୍ୟକୁମାରଙ୍କୁ ସମ୍ପୂର୍ଣ୍ଣ ଦଳରୁ ମଧ୍ୟ ବାଦ ଦିଆଯାଇଛି । ଆଗାମୀ ଆୟର୍ଲାଣ୍ଡ ଏବଂ ଇଂଲଣ୍ଡ ଗସ୍ତ ପାଇଁ ବିସିସିଆଇ ପକ୍ଷରୁ ଆଜି ଏହି ନୂଆ ଦଳ ଘୋଷଣା କରାଯାଇଛି । ଚଳିତ ବର୍ଷ ଆରମ୍ଭରେ ସୂର୍ଯ୍ୟକୁମାରଙ୍କ ନେତୃତ୍ୱରେ ଭାରତ ଟି-୨୦ ବିଶ୍ୱକପ୍ ଟାଇଟଲ ବଜାୟ ରଖିବାରେ ସଫଳ ହୋଇଥିଲା । କିନ୍ତୁ ଗତ ୧୮ ମାସ ଧରି ତାଙ୍କର ବ୍ୟକ୍ତିଗତ ପ୍ରଦର୍ଶନ ନୈରାଶ୍ୟଜନକ ରହିଥିଲା । ଏହା ସହିତ ତାଙ୍କ ହାତରେ ଆଘାତ ଲାଗିଥିବା କାରଣରୁ ଚୟନକର୍ତାମାନେ ଏହି ନିଷ୍ପତି ନେଇଛନ୍ତି । ଅନ୍ୟପକ୍ଷରେ ଆଇପିଏଲରେ ଦମଦାର ନେତୃତ୍ୱ ଏବଂ ଲଗାତାର ଭଲ ବ୍ୟାଟିଂ କରିବା ଶ୍ରେୟସଙ୍କ ପାଇଁ ବରଦାନ ସାବ୍ୟସ୍ତ ହୋଇଛି । ଶ୍ରେୟସ ଏକମାତ୍ର ଅଧିନାୟକ ଭାବେ ଆଇପିଏଲରେ ତିନୋଟି ଭିନ୍ନ ଭିନ୍ନ ଦଳ (ଦିଲ୍ଲୀ କ୍ୟାପିଟାଲ୍ସ, କୋଲକାତା ନାଇଟ ରାଇଡର୍ସ ଏବଂ ପଞ୍ଜାବ କିଙ୍ଗସ) କୁ ଫାଇନାଲରେ ପହଂଚାଇବାର ରେକର୍ଡ ନିଜ ନାଁରେ କରିଛନ୍ତି । ବର୍ତମାନ ଯୁବ ଖେଳାଳି ତିଲକ ବର୍ମାଙ୍କୁ ଟି-୨୦ ଦଳର ଉପ-ଅଧିନାୟକ ଦାୟିତ୍ୱ ଦିଆଯାଇଛି । ଏହା ସହିତ ୧୫ ବର୍ଷୀୟ ଯୁବ ବ୍ୟାଟର ବୈଭବ ସୂର୍ଯ୍ୟବଂଶୀଙ୍କୁ ପ୍ରଥମ ଥର ପାଇଁ ଜାତୀୟ ଦଳରେ ସାମିଲ କରାଯାଇଛି ଯାହା ଏକ ବଡ଼ ଚର୍ଚ୍ଚାର ବିଷୟ ପାଲଟିଛି । ଆଗାମୀ ୨୦୨୮ ଲସ୍ ଏଞ୍ଜେଲସ୍ ଅଲିମ୍ପିକ୍ସ ଏବଂ ପରବର୍ତୀ ଟି-୨୦ ବିଶ୍ୱକପକୁ ଆଖି ଆଗରେ ରଖି ବିସିସିଆଇ ଏବେଠାରୁ ଏକ ଶକ୍ତିଶାଳୀ ଦଳ ଗଠନ କରିବା ପ୍ରକ୍ରିୟା ଆରମ୍ଭ କରିଦେଇଛି ।


Printed & Published by **Kishore Das**, Owner & Editor **Nirmalya Mohanty** & Printed at **Nirmalya Offset Press**, Neliabag, Balasore & Published at Balasore, Gopalgaon, Balasore, Odisha, Pin-756001, Telefax-262694, Phone-(R)269427, 266035,
Managing Editor- **Laxminarayan Mohanty**, ପରିଚାଳନା ସମ୍ପାଦକ- ଲକ୍ଷ୍ମୀନାରାୟଣ ମହାନ୍ତି BBSR (Office) Telefax- 0674-2395135, Editor- **Nirmalya Mohanty**, ସମ୍ପାଦକ- **ନିର୍ମାଲ୍ୟ ମହାନ୍ତି**